http://oaob.nitrkl.ac.in

ମନର ଯେତେ ଆଶା

ଶୁକଦେବ ସାହୁ

ପ୍ରକାଶକ

ପ୍ରକାଶ ବୁକ୍ ଷ୍ଟୋର

କଓଲ୍‌ଜ ରୋଡ଼, କଟକ-୩

http://oaob.nitrkl.ac.in

ପ୍ରକାଶକ

ପ୍ରକାଶ ବୁକ୍ ଷ୍ଟୋର

କଲେଜ ରୋଡ଼

କଟକ—୩

ପ୍ରଚ୍ଛଦପଟ୍ଟ ରୂପକାର

ଶ୍ରୀ ଗୋପାଳ କାନୁନ୍‌ଗୋ

କଥାବସ୍ତୁ ମୁଦ୍ରଣ

—ଜୟଶ୍ରୀ ପ୍ରେସ—

କଟକ—୧

ମୂଲ୍ୟ ଏକଟଙ୍କା ବାରଅଣା

http://oaob.nitrkl.ac.in

ଉପହାର

http://oaob.nitrkl.ac.in

ଲେଖକଙ୍କ ପ୍ରକାଶିତ ପୁସ୍ତକ

ଉପନ୍ୟାସ

ନବଜନ୍ମ

ଖସଡ଼ା ପଥରେ

ପରବାସୀ

ଝଡ଼ ଓ ଝଣ୍ଟାଫୁଲ

ବିଦେଶ ବାହୁଡ଼ା

ମନହରଣୀ କାନ୍ଦେ

ପ୍ରକାଶ ମୁଖୀ

କଥାକେତୋଟି

ପ୍ରିୟା ଓ ପରକୀୟା

ଦିଗନ୍ତ

କପୋତ କପୋତୀ

ସୁକଦେବ ସାହୁଙ୍କ "ମନର ଯେତେ ଆଶା" ମୂଳରେ ଅବଶ୍ୟ କୌଣସି ବଶିଷ୍ଟ ଜୀବନ ଦର୍ଶନ ନଥିଲା ପରି ମନେ ହୁଏ, ଅଥଚ ଅତି ସାଧାରଣ ଘଟଣାକୁ ଅତି ସୁନ୍ଦର, ସରଳ ଓ କମନୀୟ ଚିତ୍ରଣ ଦ୍ୱାରା ଲେଖକ ନିଜେ ଶକ୍ତିଶାଳୀ ଲେଖନୀର ପରିଚୟ ଦେଇଛନ୍ତି । ଭାଷା ଅତି ସ୍ୱାଭାବିକ, ଅର୍ଥାତ୍ ଭାବ ସଙ୍ଗେ ସଙ୍ଗେ ସହଜ । ବର୍ଣ୍ଣନା ସାଙ୍ଗରେ ସାମଗ୍ରିକ ଘଟଣାକୁ ଖାପ ଖାଇବା ଭଳି ଅତି ସାଧାରଣ ତୁଳନା ବଡ଼ ମନୋରମ ଓ ମନରଞ୍ଜକ ମଧ୍ୟ ।

"ଡଗର"

http://oaob.nitrkl.ac.in

ପ୍ରଖ୍ୟାତ ଔପନ୍ୟାସିକ

ଶ୍ରୀଯୁକ୍ତ କାଳନ୍ଦୀଚରଣ ପାଣିଗ୍ରାହୀଙ୍କୁ

ଆନ୍ତରିକ ଶ୍ରଦ୍ଧା ନିବେଦନ ।

http://oaob.nitrkl.ac.in

ଜୀବନଟା କି ଅକୂଳ ନୟନରେ ଗୃହିଁବା
କୁଟୀରେ ଏକା ବସି ଉଦାସ ଗୀତ ନିତ ଗାଇବା
ପାଗଳ ବେଶ ସାଜି
ଛିନ୍ନ ଧନ ଆଜି
ଉଦାସେ କନ୍ଦିଯାଏ ଯାହାକୁ ଖୋଜୁ ସେ ତୋ କାହିଁବା ?

—ବୈକୁଣ୍ଠନାଥ ପଟ୍ଟନାୟକ

http://oaob.nitrkl.ac.in

❋ ଏକ ❋

ଭାଦ୍ରବର ଭରା ଶରତ ।

ନଈ ସେପାଖରେ କାଶଫୁଲର ହସ ସହିତ ହସ ମିଳାଇ ଏ ପାଖରେ ଗନ୍ଧି ଫୁଲର ହସି ଉଠିଲଣି । କୁଆଡ଼ର ଏ ପବନଟା ବନ୍ଧୁ ଆସି ମନରେ ଗୋଟାଏ କି ନୂଆ ନିଶା ଲଗାଇ ଦେଉଥାଏ । କୋଉ ଅଜଣା ଭାବନାରେ ଗୋଡ଼ ଦୁଇଟା ମୋର ତଳେ ଲାଗୁ ନ ଥାଏ । ମନଟା ଯାଇ କୋଉ ଦୂର ପବନରେ ଉଡ଼ୁଥାଏ ।

ସେପାଖ ଘରୁ ବୋଉ ଡାକିଲା, ମାଳ 'ଉଙ୍ଗା' ଭଜା ସରିଲା । ବୋଉ ଡାକ ଶୁଣି କଡ଼ାକୁ ଅନାଇଲା ବେଳକୁ ଭଜାଗୁଡ଼ା ପୋଡ଼ି ଗଲାଣି । ତରବରରେ ଚୁଲି ଉପରୁ କଡ଼ାଟା ଓହ୍ଲାଇ ଭଜାଗୁଡ଼ା ଛାଡ଼ି ପଳାଇଲି । ବୋଉ ସେତିକି ବେଳେ ଘର ଭିତରକୁ ପଶି ଆସିଲା ।

http://oaob.nitrkl.ac.in

ବୋଉକୁ ଦେଖି ଦେହରୁ ରକ୍ତ ଶୁଖିଗଲା ମୋର । କଡ଼ାକୁ ଅନାଇ ବୋଉ କହିଲା, କାଲେ କଣ କରୁଥିଲୁକି ଭଜା ଗୁଡ଼ାକ ପୋଡ଼ି ଅଙ୍ଗାର ହୋଇଗଲାଣି । ତୁନି ହୋଇ ମୁଁ ତଳକୁ ମୁହଁ ପୋତି ଛିଡ଼ା ହେଲି । ବୋଉ କହିଲା, ଏଡ଼େ ଝିଅଟାଏ ହେଲୁଣି—ଏଯାଏ ଟିକିଏ ରାନ୍ଧ ବାଢ଼ି ଶିଖିଲୁ ନାହିଁ, ଆଉ ବାହାହେଲେ ଶାଶୁ ଶ୍ୱଶୁରଙ୍କୁ ରାନ୍ଧି ବାଢ଼ି କେମିତି ପାରିବୁ ମ !

କା ଉପରେ ରାଗୁଚ ମାଉସୀ ? ପରିଚିତ ଗଳା ସ୍ୱର ଶୁଣି ଅନାଇଲି ଦେବଭାଇ ହସି ହସି ଘର ଭିତରକୁ ପଶି ଆସୁଛନ୍ତି । ଦେବ ଭାଇଙ୍କି ଦେଖି ବୋଉର ରାଗଟା ପାଣି ପରି ଥଣ୍ଡା ହୋଇଗଲା । ହସି ହସି କହିଲା ଏଇ ମାଳ ଉପରେ । ଏଡ଼େ ଝିଅଟାଏ ହେଲାଣି— ଟିକିଏ ରାନ୍ଧ ବାଢ଼ିବା ଆସୁନି । ଭଜା ଭାଜିବାକୁ ପଠାଇଲି ଯେ ଭଜାଗୁଡ଼ା ସବୁ ପୋଡ଼ି ଦେଇଚି । ଭାତ ଗାଳିବାକୁ ଦିନେ କହିଲି ଯେ—ଭାତ ଗାଳୁ ଗାଳୁ ହାତ ଗୋଟାକ ଫୁଟୁକା କରି-ଦେଲା । ବାହା ହେଲେ ସେ କଣ କେମିତି କରିବ ସେଇ କଥା ତାକୁ ପଚାରୁଥିଲି ।

ବାହାହେଲେ ସବୁ ଠିକ ହୋଇଯିବ ମାଉସୀ । ତା ପାଇଁ କାହିଁକି ଏତେ ବ୍ୟସ୍ତ ହେଉଛନ୍ତି । ଦେବଭାଇ କଥା ଶୁଣି ବୋଉ କହିଲା, ନା ଦେବ, ତାକୁ ଖାଲି ମୁହଁ ଦେଲାରୁ ସେ ସେମିତି ହେଉଚି । ବାପତ କିଛି କହିଲେ ନାହିଁ—ମୁଁ ଯଦି ଟିକିଏ ଅଧଟି ବସିଲି ଓଲଟି ସେ ମୋ ଉପରେ ଝଗିଡ଼ି ଝିଅ ପକ୍ଷ ନେବେ । ଦେବଭାଇ ହସି ହସି କହିଲେ ମାଉସି ଏଠି ଟିକା ଫାଙ୍କି ମାରି ବୁଲୁଚି — ଶାଶୁଘରେ କଣ କେମିତି କରିବ । କେମିତି କଲେ ଯେତେବେଳେ ଦୁମ୍ ଦୁମ୍

http://oaob.nitrkl.ac.in

ମାଡ଼ ବସିବ, ସବୁ ବେଳେ ଦ୍ୱିଧା ହୋଇ ଯିବ ନାକି । ଦେବଭାଇଙ୍କ କଥା ଶୁଣି ମୋତେ ଭାରି ହସ ଲାଗିଲା । ମୁହଁରେ ଲୁଗା ଦେଇ ବହୁତ ହସିଲି । ମନ ହେଲା କହି ଦେବାକୁ ଦେବଭାଇ ତମକୁ ଭଲଲୋକ କରିବାକୁ ଆମେ କଣ ଡାକିଥିଲୁ । କିନ୍ତୁ ବୋଉ ସାମନାରେ ତୁଣ୍ଡ ଖୋଲିଲି ନାହିଁ ।

ବୋଉ କହିଲା, ଯା, ଦେବଭାଇ ପରା ଛିଡ଼ା ହେଲେ । ସେ ଘରକୁ ଡାକି ନେଇ ଯା । ବସାଇଥିବୁ—ମୁଁ ପଛରେ ଯାଉଛି । ଦେବଭାଇଙ୍କି ଡାକି ଏ ଘରକୁ ଆଣିଲି ଖଟ ଉପରେ ସତରଞ୍ଜିଟା ବିଛାଇ ଦେଲି । ଟିକିଏ ଘଡ଼ି ଦେବଭାଇ ଆସିଲେ । ମୁହଁରେ ହସ—ଆଖିରେ ଆବେଗ । ତାଙ୍କ ଆଡ଼କୁ ଅନାଇବାକୁ ମୋତେ ଭାରି ଲାଜ ମାଡ଼ୁଥାଏ । କହିଲି, ଦେବଭାଇ ବସ । ସେ ମୁରୁକି ହସା ଦେଇ ବସି ପଡ଼ିଲେ । କହିଲେ, ମାଳ ଏଡୁଟାଏତ ହେଲଣି । ବୁଦ୍ଧି ଶୁଦ୍ଧି ଆଉ କେବେ ହେବ, ପୁଅ ଝିଅର ମା ହେଲେ ନାଁ କଣ । ଦେବଭାଇଙ୍କ କଥା ଶୁଣି ମୁହଁଟା ମୋର ଲାଜରେ ପୋଡ଼ିଗଲା । ବାହାରକୁ ପଳାଇ ଆସିବାକୁ ବସିଲି । ସେ ଡାକିଲେ, ମାଳ ଶୁଣି । ନ ଶୁଣିଲା ପରି ଚାଲି ଆସିଲି ଦୁ' ପାହଣ୍ଡ । ସେ କହିଲେ, ତୋ ଶାଶୁ ଶଶୁର ଘଣ ମାଳ ଶୁଣ । ଚିଡ଼ି ମାଡ଼ିଲା । ପଳାଇ ଆସିବାକୁ ବସିଲି । ଦୁଆରବନ୍ଧ ନ ଡେଉଣୁ ପୁଣି ପଛରୁ କହିଲେ, ମାଳ ତୋ ଦେବଭାଇ ରାଣ, ଶୁଣ । ଦୁଆର ମୁହଁରେ ଛିଡ଼ା ହେଲି । ଆଗକୁ ପାଦ ଚଳିଲା ନାହିଁ । କହିଲି, ଦେବଭାଇ ରାଣ ପକାଇବତ ଆଉ ଦିନେ ତମ ପାଖ ମାଡ଼ିବି ନାହିଁ । ସେ ହସିଲେ । କହିଲେ ଏତେ ଲୋଭ କେବେଠୁ ହେଲା । ତୋ ଶାଶୁ ଶଶୁର ହେଲା

http://oaob.nitrkl.ac.in

ନାହିଁ—ମୁଁ ହେଲି । ତାଙ୍କ କଥା ଶୁଣି ନ ହସି ରହି ପାରିଲି ନାହିଁ । ସେ ମୋ ହାତକୁ ଧରି କତକୁ ଟାଣି ନେଲେ । କହିଲେ, ମାଳ ନୀଳ ଆକାଶର ଦରିଆ ବୁକୁରେ ପହଁରି ପହଁରି ଧଳା ବଗ ପକ୍ଷୀ ଲହଡ଼ି ଛାଟି ଗଲେ ଯେମିତି ସୁନ୍ଦର ଦିଶେ—ଯେମିତି ତୋର ମୁହଁଟି ସୁନ୍ଦର—ଭାରି ସୁନ୍ଦର । କହିଲି ଦେବଭାଇ କୁଆଡ଼େ ଥାଅ ମାସେ ପନ୍ଦର ଦିନରେ ଥରେ ଆସି ଇମିତିକା ଖାଲି ମନରଖା କଥା କୁହ । ମୋତେ ସେ ଗୁଡ଼ା ଭଲ ଲାଗୁନି । ଯାଉଚି—ତମେ ବସ । ରୁଷି ଆସିଲି । ଯେତେ ଡାକିଲେ ଶୁଣିଲି ନାହିଁ ।

ଏ ଘରେ ଆସି ବୋଉ କଡ଼ରେ ପହଞ୍ଚିଲା ବେଳକୁ ରନ୍ଧାବଢ଼ା ସରିଥିଲା । ବୋଉ କହିଲା, ଯାଲେ ମାଲ ଦେବ ଭାଇଙ୍କି ଡାକି-ଆଣ । ଦିହେଁ ସାଙ୍ଗ ହେଇ ଦି'ଟା ଖାଇଦେବ । ବୋଉ କଥା ଶୁଣି ମୁଁ ଆସନ ପକାଇ ପାଣି ଦି' ଗିଲାସ ଥୋଇ; ଗଲି ଦେବ ଭାଇଙ୍କି ଡାକିବାକୁ ।

ଦେଖିଲି ବେଳକୁ ଦେବଭାଇ ନାହାଁନ୍ତି । ଭାବିଲି ତାଙ୍କ ଡାକ ନ ଶୁଣି ରୁଷି ଆସିଲି ବୋଲି ବୋଧହୁଏ ଦୋଷୀ ହେଇ ପଳାଇଛନ୍ତି । ମନର ସବୁ ସବାଗ ମୋର ମଉଳି ଗଲା । ଜାଣି ନ ଥିଲି ଇମିତି ଟିକିକ କଥାରେ ସେ ଦୋଷୀ ହୋଇ ରୁଷିଯିବେ ବୋଲି । ମନଟା ମୋର ଦେବଭାଇଙ୍କ ବିହୁନରେ ନୀରବରେ କାନ୍ଦି ଉଠିଲା । ହୃଦୟରେ ତା'ର କରୁଣ ମୂର୍ଚ୍ଛନା ଖେଳିବାକୁ ଲାଗିଲା ।

ବୋଉ ପଚାରିଲା, ଦେବ ଆସିଲା ନାହିଁ କି ? କହିଲି, ରୁଷି ଗଲେଣି । ବୋଉ କହିଲା, କାହିଁକି ତୁ ଅଟକାଇଲୁ ନାହିଁ ମାଁ କଣ ?

http://oaob.nitrkl.ac.in

କହୁଲ୍, ଅଟକାଇଲେ କଣ ହେବ ବୋଉ, ବଡ଼ଲୋକ ସେ ସବୁବେଳେ ଗରୀବ ଘରଟା କଣ ତାଙ୍କୁ ଭଲ୍‌ଲାଗେ । ଆସିଥିଲେ ଖୁସିରେ—ଗଲାବେଳେ ସିମିତ ଖୁସିରେ । ବୋଉ କାଣ୍ଡ ନ ବୁଝି ଗାଲ୍ ଉପରେ ଉଦରେ ଭସି କହୁଲ, ନାଁ ଦେବ ଆମର ସିମିତକା ପିଲା ନୁହେଁ ।

http://oaob.nitrkl.ac.in

❋ ଦୁଇ ❋

ଦିନ ପରେ ଦିନ ଗଡ଼ିଗଲା—ଶୃଙ୍ଗେଷ୍ଟି ଦିନ । ସେଦିନ ଆକାଶରେ ତୋଷ୍ଣ ଜହ୍ନଟି କେତେ ସୁନ୍ଦର ଦିଶୁଥାଏ । ମିଞ୍ଜି ମିଞ୍ଜି ହୋଇ ଆକାଶରେ ଶତ ତାରା ଦୀପାଳି ଜଳି ଉଠୁଥାଏ । ଧୀର ପବନରେ ଦୋହଲି ଦୋହଲି ବଉଦ ନଉକାଗୁଡ଼ା ଭାସି ବୁଲୁଥାଏ ସରଗ ଦରିଆରେ । ଆମ ବାଡ଼ିରେ କଇଁ ଫୁଲ ଗୁଡ଼ା ଫୁଟି ଉଠିଥାଏ କେତେ କେଜାଣି—ପାଖୁଡ଼ାରେ ତାର ସବୁଠୁ ବେଶି ଜହ୍ନ ଆଲୁଅ । ସେଇଥିପାଇଁ ରୂପ ଗଉରବ ନେଇ ସେ ହସି ହସି ଲୋଟି ପଡୁଥାଏ ।

ନିଥର ଆକାଶରେ ଦଳ ଛଡ଼ା ବଗୁଲିଟା ଡାକିଗଲା କର୍‌ର କର୍‌ର । ସେଇଆଡ଼କୁ ଗୃହ୍ନିଁ ସରଗର ଶୋଭା ଦେଖୁଚି, ଏତିକିବେଳେ ପଛରୁ କିଏ ଆଖି ଦି'ଟା ବୁଜି ଧରିଲା । ଭାବିଲି ଦେବଭ୍ରତ

http://oaob.nitrkl.ac.in

ନୁହନ୍ତି—ତେବେ ନିଶ୍ଚୟ ଏ ଝରଣା । କହିଲି, ଝରଣା ଆଖି ଖୋଲ୍ । ସେ ହାତ ଯୁଣ୍ଡ କରି ଜୋର ହୋଇ ହସି ଉଠିଲା । କହିଲି, କାଲେ ଟୋକି ଭାରି କାହାଁକୁ ପ୍ରେମରେ ଗଦ ଗଦ । ସେ କହିଲା, ଆଉ ଜଣେ ଖାଲି ତୋର ଘରେ ଘର କଣରେ ମୁହଁ ଶୁଖେଇ ବସିବ । ଟିକିଏ ହସିବ ନାହିଁ । କହିଲି, ହଁଲେ ଝରଣା ତୁ ଜଣ କହୁଛୁ—ବନ୍ଧୁତ୍ୱ ତ ତୋତେ ଜଣାଇ ଦେଉଛି । ଏଇଟା ତୋର ଗୁଣ ନୁହେଁ—ତୋର ବନ୍ଧୁଙ୍କର ଗୁଣ । କା ପ୍ରେମରେ ପଡ଼ିଛୁ କାଲେ ଟୋକୀ ।

ପ୍ରେମ କଥା ଶୁଣି ଝରଣା ମୋତେ କଟମଟ ହୋଇ ଅନାଇଲା । କହିଲା, କାଲେ ଟୋକୀ ପ୍ରେମ, ବନ୍ଧୁଙ୍କର ଗୁଣ, ଭାରି ତ ବଡ଼ ବଡ଼ କଥା କହୁଛୁ । କା ଠାରୁ ଏ ସବୁ ଶିଖିଛୁ କାଲେ ! ଟୋକୀ ବୁଢ଼ୀ ବୁଡ଼ି ପାଣି ପିଉଛି । ଝରଣା କଥା ଶୁଣି ମୋତେ ଭାରି ହସ ମାଡ଼ିଲା । ହସି ହସି ପଚାରିଲି, ଆଲୋ ପୋଡ଼ା ମୁହିଁ ଏତେ ଧନଯାକ ଥିଲୁ କୋଉଠି ? ଝରଣା କହିଲା, ମୋର ଦେହ ପରା ଭଲ ନ ଥିଲା । ଯାଉଁ ଆସନ୍ତି କିପରି ! ପଚାରିଲି, ଦେବଭାଇ ଘରେ ଅଛନ୍ତି ନାଁ କଟକରେ । ଝରଣା କହିଲା, ନାଁ ଭାଇ ତ ଘରେ ଅଛନ୍ତି ସବୁବେଳେ । କହିଲି, ତାଙ୍କୁ ଭଅଡ଼େ ତ ଟିକେ ଯାଦ ପଡ଼ୁନାହିଁ । ଭାଇଙ୍କି କହିବ ମାଲ କହୁଥିଲା ଆଜିକାଲି ତମେ ଭାରି ବଡ଼ଲୋକ ହୋଇଗଲଣି । ଝରଣା ହସିଲା । କହିଲା, ଭାଇଙ୍କି ଦଣ୍ଡେ ନ ଦେଖିଲେ ଭାରି ବଣା ହୋଇଯାଉଛୁ ଲୋ । କହିଲି, କେଜାଣି ଝରଣା ଦେବଭାଇ ତୋତେ କି ମନ୍ତ୍ର କରି ଦେଇଛି—ତୋତେ ଜଣା । ଝରଣା ଓଠରେ ହସ ଝଟକିଲା ।

http://oaob.nitrkl.ac.in

କହିଲା, ମନ୍ତ୍ରର ନୁହେଁ ଲୋ—କାଉଁଗୁ ଛାଡି ଛୁଇଁ ଦେଇଚନ୍ତି । ଦିନେ ପୁଣି ପକ୍ଷୀରାଜ ଘୋଡ଼ା ନେଇ ତୋର କତରେ ପହଞ୍ଚିବେ ଲୋ—ଏତେ ଉଚ୍ଛନ୍ନ କାହିଁକି । ଖାଲି ସତବାଜ ହେଇ ବସିଥା । ହରଣାକୁ ଫୁଲାଏ ଚିମୁଟି ପକାଇ କହିଲା, ଆଉ ଦିନେ ଇମିତିକା କଥା କହିବୁ ନାହିଁ । ହରଣା ମୁହଁ ହଲାଇ କହିଲା, କହିବି—ନିଷ୍ଟୟ କହିବି—ଆହୁରି କହିବି । ମାରିବାକୁ ଗୋଡ଼ାଇଲା —ହରଣା ଦଉଡ଼ି ପଳାଇଲା ବାହାରକୁ ।

ଟିକିଏ ପରେ ପୁଣି ଫେରି ଆସିଲା । ମୁହଁରେ ତାର ଝଲୁସି ଉଠୁଛି ମୃଦୁ ମୃଦୁ ହସ । କହିଲା, ମାଲୀ ଭାଇଙ୍କର କାଲି ଜନ୍ମଦିନ । ସେଇ କହିଚନ୍ତି ତୁ କାଲି ସଞ୍ଜବେଳେ ଆମ ଘରକୁ ଯିବୁ । ନିଶ୍ଚୟ, ଭୁଲିବୁ ନାହିଁ । କହିଲା, ଭାଇଙ୍କର ଜନ୍ମଦିନ, ଭାଇ ତ ଟିକେ ପରୁଛୁ ନାହାନ୍ତି । ତୁ କାହିଁକି ଉପରେ ପଡ଼ି ମନ ଟିକେ ରଖୁଚୁ ହରଣା । ଭାଇଙ୍କୁ କହିବୁ ମୁଁ ଯିବି ନାହିଁ । ହରଣା କହିଲା, ଯିବୁନି । କହିଲା, ନାଁ ନାଁ ନାଁ—ତିନିଥର କରି ସତ୍ୟ କରି କହିଲା ମୁଁ ଯିବି ନାହିଁ । କାହିଁକି ଯିବି । ସେଦିନ ସେତ ଟିକେ କଥାରେ ରାଗ ନ ଖାଇ ନ ପିଇ ଚାଲିଗଲେ—ମୁଁ କାହିଁକି ତାଙ୍କ ଜନ୍ମଦିନକୁ ଯିବି । ହରଣା କହିଲା, ହଇଲୋ ଠୋକି—କିମିତି ନ ଯିବୁ ମୁ ଦେଖିବି । କାନରେ ଗଣ୍ଠି ପଡ଼ିଲା ଏଇ କଥା । ଏତିକି କହି ସେ ଚାଲିଗଲା । ମୁହଁରେ ତାର ଝଲୁଲା ହସ ଲହଡ଼ି ଭାଙ୍ଗୁଥିଲା ।

ରାତି ସେତେବେଳକୁ ଦ' ଘଡ଼ି ହେଲାଣି । ଆକାଶରେ ମେଘ ଡାକିଚି । ଗୁଡ଼ାଆଡ଼େ ଗ୍ରାମର ଗୋଟାଏ ବଗ୍ଠ କଳା ପରଦା କାଏ

http://oaob.nitrkl.ac.in

ବଗ୍ଲଇ ଦେଖଣ । ଗାଁ ରାସ୍ତାରେ ଲୋକ ଗହଳି କମି ଆସିଲାଣି । ଝିରିଅଙ୍କ ନାଶୁନ ଜଣାଯାଉଚି ।

ହଠାତ୍ କୁଆଡ଼େ ଥିଲା ମେଘଟା ହୁରୁରୁ ହୁରୁରୁ ଗୀତ ଗାଇ ଆସିଲା —ଆମ ବାଡ଼ପଟ ତୋଠା ମାଳ ଭିତରୁ । ସୁ ସୁ ହୋଇ ଶୀତଳ ପବନ ପରଶି ଗଲା ।

ତା ଆରଦିନ । ଗୋଧୂଳିର ଶେଷ ଆଲୁଅ ଟିକ ହଜିଗଲା । ମାଡ଼ି ଆସିଲା ଦୂର ପାହାଡ଼ ସେପଟରୁ ଖାଲି କୁହୁଡ଼ି ଘେରା ଅନ୍ଧାର ରାତି ଆସିଲା । ଦୂର ଦେବାଳୟରୁ ଶଙ୍ଖ ଘଣ୍ଟା ବାଜି ଉଠିଲା । ଟିକିଏ ପରେ ଫଗୁ ପହରର ପତଳା ଅନ୍ଧାର କାଟି ଆକାଶରେ ଉଇଁଲା ତୋରା ଜହ୍ନଟିଏ ।

ବୋଉ ଭାତ ରାନ୍ଧୁଛି । ମୁଁ ଦୁଆରେ ବସି ପଢ଼ିବା କାଟୁଛି । ଦେବ ଭାଇ ସେତିକବେଳେ ହସି ହସି ଘର ଭିତରକୁ ପଶି ଆସିଲେ । ସଫା ଧୋତି ଉପରେ ତାଙ୍କର ସିଲ୍କ ପଞ୍ଜାବିଟା ଜକ ଜକ କରୁଥାଏ । ପଚାରିଲେ, ମାଉସୀ କଣ କରୁଚ ! ବୋଉ କହିଲା, କଣ କରିବି ଦେବ —ଭାତ ଦି'ଟା ବସେଇଚି । ମାଳକୁ ତ କିଛି ଆସିଲା ନାହିଁ—ମୁଁ ନ କଲେ କରିବ କିଏ ? ଦେବଭାଇ ବୋଉକୁ ଦଣ୍ଡବତ କଲେ । ବୋଉ ପଚାରିଲା, କଣ କାରେ ଦେବ । ଦେବ ଭାଇ ହସି ହସି କହିଲେ, ଆଜି ପରା ମୋର ଜନ୍ମଦିନ ମାଉସୀ । ବୋଉ ଡାକିଲେ ମାଳ ଦେବଭାଇଙ୍କି ଦଣ୍ଡବତ କର । ଭାରି ଅଡୁଆ ଲାଗିଲା । କିଛି ନ କହି ସେଇଠି ମୁଣ୍ଡ ନୋଇଁଲି । ଦେବଭାଇ ହସି ହସି କହିଲେ ମାଉସୀ ମାଳ ମୋତେ ଦଣ୍ଡବତ ହେଇନାହିଁ । ବୋଉ କହିଲା, କାଲେ ମାଳ ଦେବଭାଇଙ୍କି ଦଣ୍ଡବତଟା ମାଡୁ

http://oaob.nitrkl.ac.in

ନାହିଁକି ? କହିଲି, ହେଲଣି ପରା—କେତେଥର ହେବକି । ଦେବଭାଇ ଶିଖାଇବାକୁ କହିଲେ, ନାଁ ମାଉସୀ ମୋଟେ ମୋତେ ଦଣ୍ଡବତ ହେଉନାହିଁ—ମାଲ ଏତେ ମିଛେଇ ହେଲାଣି ଆଜିକାଲି ! ଦେବଭାଇଙ୍କ କଥାଶୁଣି ଏତେ ଅଭିମାନରେ ବି ମୋତେ ହସ ମାଡୁଥାଏ । ବୋଉ କହିଲା ହେଲା, ଏବେ ଆଉ ଥରେ ଦଣ୍ଡବତଟା କର । ବଡ଼ଭାଇ—ମାନ ତ ତୋର ତଳେ ପଡ଼ି ଯାଉନାହିଁ ।

କଣ କରିବି—ଉଠିଆସି ବୋଉ ସାମନାରେ ଆଉ ଥରେ ଦଣ୍ଡବତ କରିବାକୁ ଯାଉଛି ଦେବଭାଇ କହିଲେ, ଥାଉ ସେଇ କଣ ହେଲନାହିଁ । ବୋଉକୁ କହିଲେ ମାଉସୀ, ଆଜି ମୋର ଜନ୍ମଦିନ—ମାଲ ଟିକେ ଯିବ ଆମ ଘରକୁ । ମୁଁ କହିଲି, ନାଁ ମୁଁ ଯିବି ନାହିଁ । ବୋଉ ହସିଲା । କହିଲା ମା'ଟା ପରା, ଯା ଦେବଭାଇ ନିଜେ ଆସିଛନ୍ତି ଡାକିବାକୁ—ନ ଗଲେ ତାଙ୍କ ମନରେ କଷ୍ଟ ହେବ । କହିଲି, କାହିଁକି ବୋଉ ସେଦିନ ଆମ ଘରେ ନ ଖାଇ ଦେବଭାଇ ଚାଲି ଯାଇଥିଲେ । ମୁଁ ତ କାହିଁ ତାଙ୍କ ଉପରେ ଟିକିଏ ହେଲେ ରାଗିନାହିଁ—ସେ ରାଗିବେ କାହିଁକି । ବୋଉ ହସୁଥାଏ । ଦେବଭାଇ କହିଲେ, ମାଲ ଆଜି ନ ଗଲେ ମୁଁ ଆଉ ତମ ଘର ଦିନେ ହେଲେ ବି ମାଡ଼ିବି ନାହିଁ । କହିଲି, ନ ଆସିଲେ ଆମେ ତମ ପଛରେ କାନ୍ଦ କାନ୍ଦ ଗୋଡ଼ାଇବୁ କି ଦେବଭାଇ । ଦେବଭାଇ ରାଗିଗଲେ । କହିଲେ ହଉ ଥା । ସେ ଚାଲିଯିବାକୁ ପାଦ କାଢ଼ିଲେ । ବୋଉ କହିଲା, ଦେବ ମୋ ରାଣ—ଫେରିଆ । ଦେବଭାଇ ଅଟକିଗଲେ । ଦେଖିଲି ସେ ଭାରି ରାଗି ଗଲେଣି । ମୁହଁଟା ଲାଲ ଦିଶୁଛି । ବୋଉ

http://oaob.nitrkl.ac.in

କହିଲା, ଯା ମାଳ । ଲଟେଇଟା ପାଳିଛି ଆ । ତରବରରେ ସେପାଖ ଘରୁ ଦାମୀ ଧୋବ ଶାର୍ଟଟା ପିନ୍ଧି ବାହାରି ଆସିଲି । ଦେବଭାଇ ମୋ ଆଡ଼କୁ ଚାହିଁ ମୃଦୁ ମୃଦୁ ହସିଲେ । କ୍ଷଣିକରେ ରାଗ ତାଙ୍କର ଉଭେଇ ଯାଇଥିଲା ସେତେବେଳକୁ ।

ଝରଣା କହିଲା, କଲେଜ ଟୋକା—ଆଗ୍ରୁ ନ ଥିଲୁ ଦେଖ । ତିନିଥର ତର୍ ସତ୍ୟ କରିଥିଲୁ । ହସି ହସି କହିଲି, ମୋର ପଢ଼େଇଲା—କଣ କରିବି, ନ ଆସି ଚାରି କଣ । ଝରଣା କହିଲା, ହିଁ ତୋର ମୋଟେ ମନ ନ ଥିଲା । ଦେଖୁନୁ ତୋ ଆଖି ତୋ ବେଶ କମିତ କହୁଚି । କହିଲି ସିମିତ ଚିଡ଼ାଇବୁତ ଝରଣା ଚାଲିଯିବ । ଝରଣା କହିଲା, ଚାଲିଗଲେ ମୁଁ କଣ ଦେବଭାଇ ହେଇଛିକି—ତୋ ପଛରେ ଗୋଡ଼ାଇ ଯିବି । ଦେବଭାଇ ଆସି ସେତିକିବେଳେ ପହଞ୍ଚିଲେ । ଝରଣା କହିଲା, ଭାଇ ମାଳ କାଲି ସତ୍ୟ କରିଥିଲା ଆସିବ ନାହିଁ ବୋଲି ଶୁଣି କମିତ ଆସିଲା କି ? ଦେବଭାଇ ମୃଦୁ ମୃଦୁ ହସିଲେ । କହିଲେ, ଯା ଝରଣା ମାଳ ତୁ ଦୁହେଁ ସେ ଘରେ ଖାଇଦିଅ । ଏତିକି କହି ସେ ଚାଲିଗଲେ ।

ଝରଣାଙ୍କ ଫୁଲ ବଗିଚାରେ ମଲ୍ଲୀଫୁଲର ମୁକୁଳା ହାଟରେ ସେଦିନ ଜ୍ୟୋସ୍ନାରସର କାନ୍ତି ଖୁବ ବେଶି । କହିଲି, ଝରଣା ଦେଖିଲ ମଲ୍ଲୀ ଫୁଲଗୁଡ଼ା କି ସୁନ୍ଦର ହେଇଚି । ଝରଣା କହିଲା, ତୋଠୁ କଣ ଭେସ ବେଶୀ ସୁନ୍ଦର । ଖାଲି କଥା କଥାକେ ଝରଣା ମୋତେ ଆଘାତ ଦେବାକୁ ଭାରି ଭଲ ପାଏ । ତା କଥାରେ କି ଆନନ୍ଦ ଥାଏ କେଜାଣି ମୁଁ ତାକୁ ଛଳ କରି ପାରେନା ।

କେତେ ହସ ଖୁସିରେ ସେଦିନ ସନ୍ଧ୍ୟାଟା ତାଙ୍କର ଘରେ କଟିଥିଲା ।

http://oaob.nitrkl.ac.in

❋ ତିନି ❋

ପିଲାଟି ଦିନରୁ ଝରଣାର ମୋର ଖୁବ୍ ଭାବ । ଏକା ବୟସର ବୋଲି ସବୁବେଳେ ଆମର ମନ ମିଳେ—କେତେ ସରଗ ସେପଟ ଅଣ୍ଡିଣ୍ଡ୍ରା ଗପ ପଢ଼େ । ଦିନ ଗଡ଼ିଚାଲିଲେ ତା ସଙ୍ଗେ ସଙ୍ଗେ ଝରଣାର ମୋର ସ୍ନେହ ମମତା ଦିନୁ ଦିନୁ ବଢ଼ିଉଠେ । ସେ ସବୁବେଳେ ଆମ ଘରକୁ ଆସେ । ବାପା ତାର ଗାଁର ଜମିଦାର । ସବୁବେଳେ ତାଙ୍କ ଘରେ ଲୋକବାକ ପୂରି ରହୁଥାନ୍ତି । ସେଇଥିପାଇଁ ବୋଉ ମୋତେ ଆକଟେ—ତାଙ୍କ ଘରକୁ ବେଶି ଛାଡ଼ିଦିଏ ନା । ଝରଣା କିନ୍ତୁ ନିତି ଦଉଡ଼େ ଆମ ଘରକୁ । ଦୁହିଁଙ୍କ ଜୀବନ ଚଳେ ସମାନ ତାଳରେ ଆଗେଇ ଚାଲେ ।

ଝରଣା ଉପରେ ଦି'ଭାଇ । ସୁରଭାଇ, ଦେବଭାଇ । ସୁରଭାଇ ସବା ବଡ଼—ତା ପରେ ଦେବଭାଇ—ତା ତଳକୁ ଝରଣା ।

http://oaob.nitrkl.ac.in

ଦ'ପୁଅଙ୍କୁ ବାପା ତାଙ୍କର ପଢ଼ାଉଥିଲେ । କିନ୍ତୁ ସୁରଭାଇ ବେଶୀ ପାଠ ପଢ଼ିଲା ନାହିଁ । ମାଇନର ତିନି ତିନିଥର ଫେଲ୍ ହୋଇ ଘରେ ରହିଲା । ମହାଜନୀ ଧନ୍ଦା, ଘରର ହାଣ୍ଡିଶାଳ ସବୁ ସେ ବୁଝନ୍ତି । ବାପ ଭଲକୁ ସେ ଘରର ମାମଲତକାର । ଦେବଭାଇ ଆଉ ବରଷ ବି, ଏ, ପାଶ୍ କଲେ । ଓକିଲି କରିବାକୁ ବସିଥିଲେ । ତାଙ୍କ ବାପା ବଳା ମଉସା ମନା କଲେ । କହିଲେ, ଦେବ ଆମର କଣ ଅଭାବ ଅଛି—ତୁ ଯିବୁ ବିଦେଶକୁ କେଉଠି ଟଙ୍କାକୁ ଓକିଲି କରି । ଘରେ ଏଠି ମହାଜନ କାରବାର ଦେଖିଲେ ସେଇଥିରେ ତୋର ପେଟ ଅପୋଷା ରହିବ ନାହିଁ । ଦେବଭାଇ ବାପାଙ୍କ କଥା ଏଡ଼ି ଦେଇ ପାରିଲେ ନାହିଁ । ଘରେ ରହିଲେ । ନିଁକୁ ଖାଲି ମହାଜନୀ ଧନ୍ଦାରେ ଟିକେ ବ୍ୟସ୍ତ ଥିଲପରି ମାସରେ ଥରେ ଦ'ଥର କଟକ ଦଉଡ଼ନ୍ତି । ସେଇଥିରେ ବାପା ତାଙ୍କର ଖୁସି—ଦେବ ମୋର ମଣିଷ ହେଉଛି ।

ଦେବଭାଇ ହରଣାଠୁ ପାଞ୍ଚବରଷ ବଡ଼ । ସେ ଯେତେବେଳେ ମାଇନର ପାଶ୍ କଲେ ମୁଁ ପଢୁଥାଏ ଚତୁର୍ଥ ଶ୍ରେଣୀରେ । ହରଣା ମୋର ସାଙ୍ଗ, ତାଙ୍କ ଘରକୁ ଗଲେ ଦେବଭାଇ ହରଣାକୁ ମୋତେ ଆଦର କରନ୍ତି । ଅଙ୍କ କହି ଦଅନ୍ତି । ସବୁବେଳେ ସେ ଆମ ଦହିଁଙ୍କର ପାଠ ପଢ଼ା ଖବର ବୁଝନ୍ତି । ମୋତେ ଏକଲା ପାଇଲେ ବେଳେ ବେଳେ କୋଳକୁ ଟାଣି ନେଇ ଗେଲ୍ ଖେଳନ୍ତି ।

ସମୟର ଅସରନ୍ତି ଢେଉ ଭିତରେ ଦିନେ ଦେବଭାଇ ଆମକୁ ଛାଡ଼ି ଚାଲିଗଲେ କଟକ । ମୁଁ ଷଷ୍ଠ ଶ୍ରେଣୀରୁ ରହିଲି । ହରଣା ଆଉ

ବର୍ଷେ ପଢ଼ିଲି । ମଝିରେ ମଝିରେ ଦେବଭାଇ ଝରଣା କଡ଼ିକି ମୋ ଭଡିକି ଚିଠି ଦିଅନ୍ତି । ଛୁଟି ଛୁଟିରେ ସେ ଘରକୁ ଆସିଲେ ମୋ ପାଇଁ କେତେ ନୂଆ ଜିନିଷ କିଣି ଆଣନ୍ତି । ବୋଉ ଗାଳି ଦିଏ । କୁହେ, ଦେବ ଏ ସବୁ କାହିଁକି ଆଣିଲୁ । ଦେବଭାଇ ହସନ୍ତି । କହନ୍ତି, ଝରଣା ପାଇଁ ଆଣିଲି—ଆଉ ମାଳ ପାଇଁ ଆଣନ୍ତି ନାହିଁ । ସେ କଣ ମୋର ନିଜର—ମାଳତୀ କଣ ପର । ତାଙ୍କ କଥା ଶୁଣି ମନଟା ମୋର କୁଣ୍ଢେ ମୋଟ ହୋଇଯାଏ ।

ବି. ଏ. ପାଶ କରି ଘରକୁ ଫେରି ଆସିବା ପରେ ଭାବିଥିଲି ଦେବ ଭାଇ କିଛି ବଦଳି ଯାଇଥିବେ । ବଡ଼ଲୋକ—କେତେବେଳେ କେଉଁ ମନ । ପିଲାଦିନର ଟିକି ନିଖି କଥା କଣ ସବୁବେଳେ ଘଷିମାଜି ହୋଇ ତାଙ୍କ ମନରେ ରହିଥିବ । ନିଶ୍ଚୟ ସେ ବଦଳି ଯାଇଥିବେ । କିନ୍ତୁ ମୋର ଦେବଭାଇ—ଠିକ୍ ସେହିପରି । ବରଂ ପିଲାବେଳଠୁ ଅଧିକ ହୋଇଛନ୍ତି ସରଳ—ସୁନ୍ଦର । ଦେବଭାଇଙ୍କ ରୂପରେ କି ତେଜ ଥିଲା କେଜାଣି ତାଙ୍କ ଆଡ଼କୁ ଭଲ କରି ଥରେ ଅନାଇଁ ପାରେନା ।

ସେ କିନ୍ତୁ ପିଲାଦିନ ପରି ସବୁବେଳେ ମୋ ପାଖରେ ଚେଲି ଖେଳନ୍ତି । ନିଇତ ଆମଘରଆଡ଼େ ବାଆଁରେଇ ଥରେ ଦି' ଥର ଆସନ୍ତି । ଏକଲା ପାଇଲେ ମୋତେ କୋଳକୁ ଆଉଜାଇ ନିଅନ୍ତି । ମୁଁ କୁହେ ଛିଃ, ଦେବଭାଇ ଏ କଣ କରୁଚ ଛାଡ଼ । ସେ ଛାଡ଼ି ଦିଅନ୍ତି କେତେ କଷ୍ଟରେ । ବେଳେ ବେଳେ ମୋ ଗାଲରେ ତାଙ୍କ ମୁହଁଟା ଲଗାଇ ଦିଅନ୍ତି, କିଛି କହି ପାରେନା । କଣ କହିବି କିଛି ଭାବି ପାରେନା ।

http://oaob.nitrkl.ac.in

ତଥାପି ବେଳେ ବେଳେ ଲୁହେ, ଦେବଭାଇ ମୋତେ କଣ ପିଲା ମନେ କରିଛ । ସବୁଦିନ କଣ ସମାନ ଥାଏ । ସେ ଶୁଣନ୍ତି ନାହିଁ । କହନ୍ତି ମାଳ ତୋତେ ଦେଖିଲେ ମୁଁ ନିଜକୁ ଭୁଲିଯାଏ । କାହିଁକି କହୁଛି ବୁଝି ପାରେନାଁ । କେତେଥର ଭାବେ ଆଉ ଆସିବି ନାହିଁ ତମ ଘରକୁ । ତଥାପି ରହି ପାରେନାଁ—ଆସେ । ତୋର କ୍ଷଣିକର ସ୍ନେହ ମୋତେ ଅନ୍ଧ କରି ଦେଇଛି ମାଳ, ସବୁ ଦୁର୍ବଳତା ଏଡ଼ାଇ ନିଜକୁ ବଞ୍ଚାଇ ପାରିଲି ନାହିଁ ।

ବାପା ମୋର ଗାଁ ମାଇନର ସ୍କୁଲର ମାଷ୍ଟର । ଦେବଭାଇଙ୍କି ବାପା ଭାରି ସ୍ନେହ କରନ୍ତି । ଦେବଭାଇ ମଧ୍ୟ ସିମିତି, ବାପାଙ୍କ କଥା କେବେ ତଳେ ପକାଇ ଦିଅନ୍ତି ନାହିଁ । ତାଙ୍କରି ପାଖରେ ପଢ଼ି ସେ ମଣିଷ ହୋଇଛନ୍ତି । ବାପା କୁହନ୍ତି, ଆଜକୁ ଦଶବର୍ଷ ହେଲା ଅନେକ ଛାତ୍ରଙ୍କୁ ମୁଁ ଦେଖି ଆସିଛି—କିନ୍ତୁ ଦେବ ପରି ପିଲା ମୁଁ ଦେଖି ନାହିଁ । ଦେବଭାଇ ଆମ ଘରକୁ ଆସିଲେ ବୋଉବି ଭାରି ଆଦର କରେ । ସ୍ନେହ—ଆଦର ପାଇଲେ ପଶୁ ପକ୍ଷୀବି ନିଜର ହୋଇଯାନ୍ତି—ଆଉ ଦେବଭାଇ ମଣିଷ—ସେ ନିଜର ହେବେ ନାହିଁ । ଦେବଭାଇ ଆସନ୍ତି—ଝରଣା ଆସେ—କେତେ ହସ ଖୁସିରେ ଦିନଗୁଡ଼ା କଟିଯାଏ ।

ଆମ ବାଡ଼ି ବଗିଚାରେ ଶେଫାଳୀ ଫୁଲର ତୋରା ହସ ଲିଭି ଲିଭି ଆସିଲା । କୁଆଁର ପୂନେଇଁ ଜହ୍ନର ଶେଷ ପରଶଟିକ ଲୁଚିଗଲା ପାହାନ୍ତା ପହରର ଫିକା ଅନ୍ଧାର ଭିତରେ । ଶରତର ପରବ ବଢ଼ାଇ ଦେଇ ବହି ଆସିଲା ଉତ୍ତର ଦିଗରୁ ଝିରିଝିରି ଶୀତ ପବନ । ସକାଳ

http://oaob.nitrkl.ac.in

ସୁରୁଯର ନାଲି କିରଣ ଝଟକି ଉଠିଲା, କାକର ବତୁରା ଦୁବଘାସ ଉପରେ । କେବେ କେଉଁ ଦିନ ହେମନ୍ତ ଆସି ଶରତ ପଛେ ପଛେ ଚାଲିଗଲା କୁଣିଆ ପରି । ମାଡ଼ି ଆସିଲା ଘନ କୁହେଲିକା ପରଦା ଟାଣି ଖାଲି ଦେହ ଥରା ଶୀତ ।

ସେଦିନ ଦିପହରେ କୁଆଡ଼େ ଥିଲେ ଦେବଭାଇ ଆମ ଘର ଆଡ଼େ ଗଡ଼ି ପଡ଼ିଲେ । ବାପା ସ୍କୁଲରୁ ଫେରି ନ ଥାନ୍ତି । ବୋଉ ନ ଥାଏ ଘରେ । ମୁଁ ଉଠି ଦେବଭାଇଙ୍କୁ ବସିବା ପାଇଁ ପିଢ଼ା ଆଣି ପାରି ଦେଲି । ସେ ବସି ପଡ଼ିଲେ । ପଚାରିଲି, ଏତେବେଳେ କେମିତି ଗଳି ପଡ଼ିଲେ ଦେବଭାଇ ? ସେ ହସିଲେ ! କହିଲେ, ମାଉସୀ କାହାନ୍ତି ? କହିଲି, ନାହାନ୍ତି । ସେ କହିଲେ, ସୁରଭାଇଙ୍କର ବାହାଘର ଏଇ ପନ୍ଦରରେ । ଯାଇଥିଲି ତାଙ୍କ ଶଶୁର ଘରକୁ । ନୂଆବୋଉକୁ ଦେଖି ଆସିଲି । ପଚାରିଲି ମନକୁ ପାଇଲାତ ? ସେ ହସି ହସି କହିଲେ, ପାଇବ ନାହିଁ । ଦେଖିବାକୁ ଭାରି ସୁନ୍ଦରୀ । ତୁ ସିନା କହୁ ମୁଁ ଭାରି ସୁନ୍ଦରୀ—କିନ୍ତୁ ନୂଆବୋଉ ମୋର ଶହେଗୁଣ ତୋ ଠାରୁ ରୂପରେ ଗୁଣରେ ସୁନ୍ଦରୀ । ତାଙ୍କ କଥାରେ ନ ଚିଡ଼ି ହସି ହସି କହିଲି, ସୁନ୍ଦର ହେଲେ ସେ ସିନା ସୁରଭାଇଙ୍କର ହେବେ, ଅଜିତ ତମର ହେବେନାହିଁ । କଥାକୁ ବୁଲାଇ ପୁଣି କହିଲି, ହଁ, କାହିଁକି ବା ନ ହେବ—ମନ ନେଲେ ସବୁ ହେବ ଭିତରେ ଭିତରେ । ଖାଲି ଟିକେ ନେଇ ଆଣି ଥୋଇ ଜାଣିଲେ ହେଲା ।

ମୁହଁଟା ତାଙ୍କର ରଙ୍ଗ ପଡ଼ିଗଲା । କହିଲେ, ମାଇ ତୁ ଭାରି ଦୁଷ୍ଟ ହେଲୁଣି । କହିଲି, ମୁଁ ନାଁ ତମେ । ସେ ଉଠି ପଡ଼ି ମୋତେ

http://oaob.nitrkl.ac.in

ମାଣ୍ଟିବାକୁ ହାତ ବଢ଼େଇଲେ ! ଘରକୁ ପଳାଇ ଆସିଲି । ସେ ମୋ ପଛେ ପଛେ ଘର ଭିତରକୁ ପଶି ଆସି କବାଟଟା ବନ୍ଦ କରି ଦେଲେ । ମୋତେ ଜବରଦସ୍ତ ଟାଣି ନେଲେ ତାଙ୍କ କୋଳ ଭିତରକୁ । ଭିଡ଼ି ଧରି ମୋତେ ବାରମ୍ବାର ଚୁମ୍ବନ କଲେ । ଛଟି ପିଟି ହେଇ କହିଲି, ଦେବଭାଇ ତମ ଗୋଡ଼ ତଳେ ପଡୁଚି ଛାଡ଼ିଦିଅ— ମୋ ରାଣ ତମକୁ, ଛାଡ଼ିଦିଅ । ସେ ଛାଡ଼ିଦେଇ କବାଟ ଫିଟାଇ ପଦାକୁ ପଳାଇଗଲେ । ଦେହଟା ମୋର ବରଡ଼ା ପତର ପରି ଥରୁଥାଏ ।

ସେଇଦିନଠୁ ଦେବଭାଇ ପନ୍ଦରଦିନ ଆମ ଘର ମାଡ଼ିଲେ ନାହିଁ । ଝରଣା ନିଇତି ଆସେ—ଯାଏ । ଦେବଭାଇଙ୍କ କଥା ପଚାରିବି ପଚାରିବି ବୋଲି ନିଇତି ଭାବେ କିନ୍ତୁ ପରକ୍ଷଣରେ ସେଦିନ କଥା ମନେ ପଡ଼େ । ସବୁ ଲାଜ ନାକ ଆଖି ତଣ୍ଟିକୁ ଜାବୁଡ଼ି ଧରେ—ଆଉ ପଚାରି ପାରେନା ।

ସେଦିନ ରାତିରେ ଅମୁହାଁ ଅନ୍ଧାରରେ ଆମ ଗାଁଟା ହଜି ଯାଇଥାଏ । ଗଛବୁଦା ସବୁ ପାହାଡ଼ ପାଲଟି ଯାଇ ଥାଆନ୍ତି । ଠାଏ ଠାଏ ଜୁଳୁଜୁଳିଆ ପୋକ ରୋଷଣୀ ଜଳୁଥାଏ---ସତେ ଯେପରି ଅନ୍ଧାରମୁଳକ ରଜାପୁଅର ବାହାଘର ହେଲାପରି ।

ମୁଁ ଘରେ ବସି ରନ୍ଧୁଚି । ଝରଣା ଡାକିଲା ମାଳତୀ ମାଳ । କହିଲି, ଆଲୋ ଝରଣା—ମୁଁ ଏଇଠି ଅଛି । ଝରଣା ଆସିଲା । ଓଠରୁ ତାର ହସର ଝରଣା ଝରି ପଡୁଥାଏ । ପଚାରିଲି କିଲୋ ଏତେ ଭାରି ଖୁସି । ସେ କହିଲା କାଲି ସକାଳେ ସୁରଭାଇଙ୍କର ବାହାଘର ନୂଆ ଭାଉଜ ଆସିବ । ଖୁସି ହେବ ନାହିଁ ଆଉ କଣ କାନ୍ଦି ବୁଲିବି ।

http://oaob.nitrkl.ac.in

ହଁ ଲୋ ଝରଣା ନୂଆବୋହୂ ଆସିବ ବୋଲି ତ ଖୁବ ଭଉଣୀ ଦୁହେଁ ଭାରି ଖୁସି । କିନ୍ତୁ ଦେବଭାଇଙ୍କର ଖୁସିହେବାର ହେଲେ କିଛି କାରଣ ଅଛି—ତୋର ତ କିଛି ନ ଥିଲପରି ଜଣାପଡ଼ୁଚି । ଝରଣା କହିଲା, କଣ କହୁଚୁଲୋ ଠୋକୀ ଏତେ ବୁଲେଇ ବୁଲେଇ—ଟିକେ କଥାକୁ ସଳଖ କରି କହ ଭଲା । ହସି ହସି କହିଲି, ନୂଆବୋହୂଙ୍କ ମିଠା କଥା, ଆଡ଼ଗୃହାଁଶା, ସୁନ୍ଦର ରୂପ, ଏ ସବୁ ଦେଖିଲେ ଦେବଭାଇଙ୍କର ସିନା କିଛି ଫାଇଦା ହେବ—ଆଉ ତୋର କଣ ହେବ । ତୁ କାହିଁକି ଏତେ ହସ ଖୁସିରେ ଭଖାରୁ ଗଛ ପରି ଲେଟେଇ ପଡ଼ୁଚୁଲୋ । ଝରଣା କରି କରି ହେଇ ହସି ହସି ମୋ ଉପରକୁ ଆଉଜି ପଡିଲା । କହିଲି, ଦେବ ଭାଇଙ୍କି କହିଦେବି ଯେ, ରହିଥା । କହିଲା, କହୁନୁ ତୋ ଦେବ ଭାଇଙ୍କି କଣ ମୁଁ ଡରେଚି ।

ବୋଉ ଆସି ପଚାରିଲା, ତୋ ରନ୍ଧା ବଢା ସରିଲା ମାଉ । ସେତେ-ବେଳକୁ ସବୁ କାମ ମୋର ସରିଥିଲା । କହିଲି, ହଁ ବୋଉ ସବୁ ସରିଲଣି । ଝରଣା ଉଠିଲା । କହିଲା, ଯାଉଚି ମାଉ ଅନେକ ରାତି ହେଲାଣି । ସେ ଚାଲିଗଲା । ସେତେବେଳକୁ ଭାରି ଥଣ୍ଡା ପଡ଼ିଲାଣି । ଦେହ ହାତ କୋଲମାରି ନେଇ ଯାଉଥାଏ । ବାପା ଟିଉସନରୁ ଫେରି ନ ଥାନ୍ତି । ବୋଉ ମୁଁ ଦୁହେଁ ତାଙ୍କର ଆସିବା ପର୍ଯ୍ୟନ୍ତ ଅନାଇ ରହିଲୁ ।

http://oaob.nitrkl.ac.in

❋ ଚାରି ❋

ମହା ଧୁମ୍‌ଧାମରେ ସୁରଭାଇଙ୍କର ବାହାଘର ହୋଇଗଲା । ବାହାଘର ପୂର୍ବଦିନ ଦେବଭାଇ ମୋତେ ଆସିଥିଲେ ନେବାକୁ । ସେତେବେଳେ ମୋ ଦେହ ଭଲ ନ ଥିଲା—ଜର ହେଉଥିଲା । ବୋଉ ପଠାଇଲା ନାହିଁ । ଦେବଭାଇ ମନ ଦୁଃଖରେ ଫେରିଗଲେ ।

ବାହାଘର ପନ୍ଦର ଦିନ ପରେ । ଦିନେ ଖରାବେଳେ ହରଣା ଆସି ଜିଦ୍ ଧରି ମୋତେ ଟାଣି ଟାଣି ନେଇଗଲା । ତାଙ୍କ ଘର ଭିତରକୁ ପଶିଗଲା ବେଳକୁ ଦେବଭାଇଙ୍କ ସଙ୍ଗରେ ଭେଟ ହେଲା । ଦେବଭାଇ ମୋତେ ଦେଖି ହସି ହସି ବାଆଁରେଇ ଚାଲିଗଲେ ।

ନୂଆବୋଉଙ୍କ କାଛରେ ଯାଇ ପହଞ୍ଚିଲି । ମୋତେ ଦେଖି ସେ ଲାଜ କରି ଟିକେ ଓଢ଼ଣୀ ଟାଣି ଦେଲେ । ହରଣା କହିଲା,

http://oaob.nitrkl.ac.in

ନୂଆବୋଉ ମୋ ସାଙ୍ଗ ମାଳତୀ ପରି—ଏତେ ଲାଜ କରୁଛ କଣ ମ, ତଥାପି ନୂଆବୋଉ ଶୁଣିଲେ ନାହିଁ । ସ୍ୱରଣା ଜୋର କରି ତାଙ୍କ ମୁଣ୍ଡରୁ ଓଢ଼ଣା ଟାଣି ଦେଲା । ଓଢ଼ଣାତଳୁ ତାଙ୍କର ରୂପକଥାର ସରଗପରି ମୁହଁଟି ହସି ଉଠିଲା । ଲାଜ ସଙ୍କୋଚ ଛାଡ଼ି ମୋତେ ଛଡ଼କ ଡାକିଲେ । ସ୍ୱରଣା, ମୁଁ ଦେହେଁ ତାଙ୍କ କଡରେ ବସି ପଡ଼ିଲୁ । ହସି ହସି ପଚାରିଲି, ନୂଆବୋଉ ଆଖି ଦ'ଟା କାହିଁକି ଲାଲ ପଡ଼ିଛି—କାଲି ରାତିଟା କଣ ଉଜାଗରରେ ପାହିଛି କି ? ତାଙ୍କ ନାଲି ଓଠରେ ହସର ବିଜୁଳି ଖେଳିଗଲା । କହିଲେ, ଆଉ କେଇଟା ଦିନଗଲେ ଦେଖିଁ ଜାଣିବ ନାହିଁକି । ଏତେ ପଚାରୁଛ କାହିଁକି ? ନୂଆବୋଉ କଥାର ଦାଉଁଆ ଭୁଲଟା ଇମିତ ଆମ ଉପରେ ପଡ଼ିବ ବୋଲି ଜାଣି ନ ଥିଲି । ଭାରି ଲାଜ ମାଡ଼ିଲା । କହିଲି, ନୂଆବୋଉ ଗୋଟି ପଣେ ସୁରଭାଇଙ୍କର ହେବ ନାହିଁ ମ—ଦେବଭାଇଙ୍କର ବି ଠିକେ ଠିକେ ହେବ । ସେ ହସି ହସି କହିଲେ, ମୁଁ ନ ହେଲେ ତମେ ଏବେ ଠିକେ ଦେବଭାଇଙ୍କର ହେଲେ ହେବ ନାହିଁ ମାଲ । ସ୍ୱରଣା ଖିଲି ଖିଲି ହୋଇ ହସି ଉଠିଲା । କହିଲା, ନୂଆବୋଉ ଠିକେ କଣ—ସେପରି ଗୋଟିକଯାକ ଭାଇଙ୍କର । ନୂଆବୋଉ କହିଲେ, ସତେ ! ଆଖିରେ ତାଙ୍କର ବିସ୍ମୟ ଓ ଆନନ୍ଦର ଆଭା । ମୁହଁଟା ମୋର ପୋଡିଗଲା । ଉଠି ପଳାଇ ଆସୁଥିଲି । ନୂଆବୋଉ ଲୁଗା କାନିଟା ଟାଣି ଧରି କହିଲେ, ମୋ ରାଣ ମାଲ, ବସ । ଏଇ ଟିକକ କଥାକୁ ଏତେ ଛଳ କରୁଛ । ବସିଲି । କେତେ ଆଡ଼ର ଗପ ପଡ଼ିଲା । ବିଦାୟ ନେଇ ଆସିଲାବେଳେ ନୂଆବୋଉ କହିଲେ, କାଲି ଆସିବ ମାଲ । ହଉ ବୋଲି କହି ଆସିଲି ।

http://oaob.nitrkl.ac.in

ରାତିରେ ଶୋଇଲାବେଳେ ନୂଆବୋଉଙ୍କର କଥା କାନ ପାଖରେ ବାଜି ଉଠୁଥିଲା । ତାଙ୍କର ସ୍ୱର୍ଗୀୟ ସରଳ ଶିଶୁରୂପ ମୋ ଆଖି ଆଗରେ ନାଚି ଉଠୁଥିଲା । ଶୋଇ ଶୋଇ କେତେବେଳେ ଦେବଦ୍ୱାର ପବନ ପରି ଲଘୁ ଗତିରେ ଆସି ମନରେ ମୋର ଭାବନା ଦୀପ ଜାଳି ଦେଇ ଚାଲିଯାନ୍ତି—ଜାଣି ପାରେନା । ଆଖି ଆଗରେ ଭାସି ଉଠେ ଖାଲି ତାଙ୍କର ସୁନ୍ଦର ରୂପ—ମନଭୁଲାଣିଆ ସୁଆଦମିଶା ହସ ।

ତା ଆରଦିନ ଦି'ପହରେ । ବୋଉକୁ କହି ପୁଣି ସ୍ୱର୍ଣ୍ଣା ଘରକୁ ଚାଲି ଆସିଲି । ଆମ ଘରଠୁ ଦଶ ପନ୍ଦରଟା ଘର ପରେ ସ୍ୱର୍ଣ୍ଣାଙ୍କ ଘର । କୋଠା ଘର । ନୂଆ କରି ଆଉ ବରଷ ବଳି ମଞ୍ଜୁସା ତିଆରି କରିଚନ୍ତି ।

ମୋତେ ଦେଖିଲାକ୍ଷଣି ନୂଆବୋଉ, ସ୍ୱର୍ଣ୍ଣା ଦୁହିଁଙ୍କ ମୁହଁରେ ହସର ସରୁ ରେଖାଟିଏ କିଏ ଟାଣିଦେଲା । ନୂଆବୋଉ କହିଲେ, ମାଲ ତମକୁ କାଲିଠୁ ଦେଖିଲାବେଳୁ ଖାଲି ମୋର ସାନ ଭଉଣୀ ଲଳିତା କଥା ମନେ ପଡୁଛି । ସେ ଠିକ୍ ତମରି ପରି । ପରଜାପତି ପରି ସୁନ୍ଦର ଫୁରୁ ଫୁରୁ । ତମ ରୂପଟି ଦେଖିବାକୁ ଯେମିତି— ତା'—ରୂପଟି ଅବିକଳ ସିମିତି । ତମକୁ ଦେଖିଲେ ମୋର ଯେମିତି ମନେ ହେଉଚି ଲଳିତା ମୋ ପଛେ ପଛେ ବଡ ଭଉଣୀର ସ୍ନେହ-ଶରଧା ଭୁଲି ନ ପାରି ଗୋଡ଼ାଇ ଆସିଚି । ପଚାରିଲି, ନୂଆବୋଉ ତମେ କେଇ ଭଉଣୀ । ନୂଆବୋଉ କହିଲେ ଆମେ ତିନି ଭଉଣୀ । ମୋ ଉପରେ କୁସୁମ ବୋଲି ଗୋଟିଏ ଭଉଣୀ

http://oaob.nitrkl.ac.in

ମରିଯାଇଛି । ଅଜ ଅଛୁ ଆମେ ଦ'ଜଣ । ଭଗବାନ ଆମକୁ ଖୁବ୍ ସ୍ନେହରୁ ବଞ୍ଚିତ କରିଛନ୍ତି ।

ଇମିତି ତାଙ୍କ ଘରର କେତେ ସୁଖ ଦୁଃଖ ବିଜଡ଼ିତ ଛୋଟ ଛୋଟ କାହାଣୀ ନୂଆବୋଉ କହି ଚାଲିଲେ । ଆମେ ଦହେଁ ସବୁ ଶୁଣୁଥାଉଁ । କେତେବେଳ ପରେ କଣ ଗୋଟାଏ କାମରେ ମାଉସୀ ଡାକିଲେ—ହରଣି ଉଠିଗଲା । ନୂଆବୋଉ କହୁଥାନ୍ତି । ତାଙ୍କ ସାଙ୍ଗ ସାଥିଙ୍କ କଥା । ମୁଁ ସବୁ ଶୁଣୁଥାଏ ଏକ ଧ୍ୟାନରେ ।

ହଠାତ୍ ସେଇ ଘରକୁ ଦେବଭାଇ ପଶି ଆସିଲେ । ମୁଣ୍ଡରୁ ଲୁଗାଟା ଖସି ପଡ଼ିଥିଲା । ଦେବଭାଇଙ୍କୁ ଦେଖି ଲୁଗା କାନିଟା ମୁଣ୍ଡ ଉପରକୁ ଟିକେ ଟାଣିଦେଲି । ସରମରେ ମୁହଁ ତଳକୁ ହୋଇଗଲା । ନୂଆବୋଉ ହସି ହସି କହିଲେ, ମୋ କତରେ ଖାଲି ଲାଜ କରୁଚ ନାଁ ମାଳ—ଆଜ କେତେବେଳେ ଦେବଭାଇଙ୍କି ଲାଜ କର । ମୁଁ କିଛି କହିଲି ନାହିଁ—ମୃଦୁମୃଦୁ ହସିଲି । ନୂଆବୋଉ କହିଲେ, ଦେବ, ମାଳଟି ଯେମିତି—ମୋର ସାନ ଭଉଣୀ ଲଳିତାଟା ବି ସେମିତି । ମାଳକୁ ଦେଖି ମୁଁ ଲଳିତା କଥା ପାଶୋରି ପକାଇଛି । କାଲିଠୁ ମାଳ ହେଉଛି ମୋର ଭଉଣୀ । ଦେବଭାଇ କହିଲେ, ଆଜ ମାଳ ଏଠି ଅଛି—କାଲି ସକାଳେ କୁଆଡ଼େ ଉଡ଼ିଯିବ ନୂଆବୋଉ । ଏହି ଅଡ଼େଇ ଦିନ ପାଇଁ ଏତେ ସ୍ନେହ ମମତା କାହିଁକି ଲଗାଉଚ । ନୂଆବୋଉ ହସି ହସି କହିଲେ, ସେ ଯିବ କୁଆଡ଼େ । ତାକୁ ସବୁ ପୋଷା ମନେଇ ମୁଁ ରଖିବି ସବୁଦିନ ପାଇଁ । ସେ ମୋତେ ଯେତେବେଳେ ଡାକିବ

ଅପା—ମୁଁ ତାଙ୍କୁ ଇମିତ ଡାକୁଥିବି ମାଳ । କେତେ ହସ ଖୁସିରେ ଚାଲୁଥିବୁ ଦାଯା' ଘର ! ତମ ମନକୁ କଣ, ଯିବ ନାହିଁ ଦେବ ।

ଦେବଭାଇ ମୁହଁଟା ଲାଜରେ ଲାଲ ପଡ଼ିଗଲା । କିଛି ନ କହି ସେ ଚାଲିଗଲେ । ଚାଲିଗଲାବେଳେ ତାଙ୍କ ଓଠରେ କଣିକାଏ ହସ ଲାଗି ରହିଥିଲା । ସେ ଚାଲିଗଲାରୁ ମୁଁ ଟିକେ ଆଶ୍ୱସ୍ତ ହେଲି । ନୂଆବୋଉଙ୍କର ସେଇ ପରିହାସ କଥା ଗୁଡ଼ା ମୋ ହୃଦୟ ଭିତରେ ଗୋଟାଏ ଗୋଟାଏ ଅଲଭ୍ୟତାର ଝଣି ଦେଉଥିଲା । ଦେବଭାଇ ଚାଲିଗଲାରୁ ମୁଁ ଉଠି ପଡ଼ିଲି । କହିଲି, ଯାଉଚି ନୂଆବୋଉ । ଅନେକ ବେଳ ବସିଲିଣି—ବୋଉ କେତେଣେ ଖୋଜୁଥିବ । ନୂଆବୋଉ କହିଲେ, ହଉ ଯା କାଲି ଆସିବୁ—ନିଶ୍ଚୟ । କହିଲି, ହଉ ।

ନୂଆବୋଉଙ୍କୁ କହି ଆସିଲି ସିନା କିନ୍ତୁ ତା ଆରଦିନ ଆଉ ଯାଇ ପାରିଲି ନାହିଁ । ବୋଉ ଗାଳି ଦେଲା । କହିଲା, ଏତେ ବଡ଼ ଝିଅଟାଏ ହେଲୁଣି—ଖାଲି ସବୁ ଦିନେ ସାଇବୁଲା । ମନର ସବୁ ସରାଗ ମୋର ଝାଉଁଳି ପଡିଲା । ମନକଥା ମନରେ ମାରି ଘରେ ରହିଲି ।

ସେଦିନ ସଞ୍ଜ ପହର ଗଡ଼ି ଗଲାଣି । ଆକାଶରେ ଜହ୍ନମାମୁଁର ଚିକ୍‌କଣ ମୁହଁଟି ଭଳି ଉଠୁଚି । ଛାଇ ଓ ଆଲୁଅ ଆମ ଦୁଆରେ ଆସି ଲୁଚକାଳି ଖେଳୁଚନ୍ତି ।

ଘରେ ବସି ବସି ଭାବୁଚି କେତେ ଆଡ଼ର କଥା । ଭାବନାର ଜାଲ ବୁଣୁ ବୁଣୁ କେତେବେଳେ ଝରଣା ଆସି ଝିଅଟା ମୋର

http://oaob.nitrkl.ac.in

ଛିଡ଼ାଇ ଦେଲୁଣି । ସେଇଥିପାଇଁ ମୁହଁରେ ତାର ହସ ଫୁଟିଉଠୁଛି । ପଚାରିଲି, କାଲେ ଝରଣା ଏଠି ଆସି ଚୁପି ଚୁପି ଛିଡ଼ା ହେଉଛୁ କାହିଁକି । ଝରଣା କହିଲା, ସପନପୁରୀ ରାଜକୁମାରୀ କାଲେ ଯଦି ଭାବନା ଭିତରୁ ମୋତେ ତାଙ୍କର ରାଜକୁମାର ବୋଲି ଭାବି ନିଅନ୍ତି । ସେଇଥିପାଇଁ ଚୁପି ଚୁପି ଛିଡ଼ା ହୋଇ ଦେଖୁଥିଲି । ଝା' କଥା ଏତେ ଭାବୁଚୁ କାଲେ ମାଳ । କହିଲି, କା କଥା ଭାବିବି ଆଉ—ତୋର କଥା ଭାବୁଚି ପରା । ଆଠଦିନ ହେଲା କାହିଁକି ଆମ ଘରେ ଟିକେ ଝରଣାର ପାଦ ପଡ଼ୁନାହିଁ । ଦେବଭାଇବି ଆମ ଘର ଆଉ ମାଡ଼ୁ ନାହାଁନ୍ତି । ସମସ୍ତେ ମୋତେ ପର କରି ଦେଲେଣି । ଝରଣା କହିଲା, ନାଁ ମ ମାଳ, ତୋ କଥା ପରା ନୂଆବୋଉର ମୋର ହେଉଛି କପାମାଳ । ଆଠଦିନ ହେଲା ତୁ ଆଉ ଆମ ଘରକୁ ଯାଉନାହୁଁ । ନୂଆବୋଉ ଔଳିଟି ପରା ତଥା ଉପରେ କେତେ ଘୋଷା ହେଉଛନ୍ତି । କହୁଛନ୍ତି, ମାଳ ଆସିଲେ ମୁଁ ସବୁଟିଏ କଥା ବି କହିବି ନାହିଁ । ଉପର ମନରେ ଦିନା କଥା କହନ୍ତି, କିନ୍ତୁ ତୋତେ ସେ ଭାରି ଆଦର କରନ୍ତି ଲୋ । ଏଇଲାଗେ ପରା ମୋତେ ପଠେଇଲେ । କହିଲେ, ଯା ଲୋ ଝରଣା ମାଉସୀଙ୍କୁ କହି ମାଳକୁ ଡାକି ଆଣିବୁ । ଶୁଣିଲୁ—ବୋଉକୁ ତୋର ସେ ଘରେ କହି ଦେଇ ଆସିଛି । ମୋ ମନଟାବି ନୂଆବୋଉଙ୍କ କତିକି ଯିବାକୁ ଠିଆ ହେଇଥିଲା । ଝରଣା ସାଙ୍ଗରେ ତାଙ୍କ ଘରକୁ ଆସିଲି ।

ନୂଆବୋଉ ଘରେ ବସି କଣ ଗୋଟାଏ ବହି ପଢୁଥିଲେ । ଝରଣା କହିଲା, ନୂଆବୋଉ ମାଳ ଆସିଲାଣି । ନୂଆବୋଉ ମୋ ଆଡକୁ ନ ଅନାଇ ଅଭିମାନ ଭରା ଗଳାରେ କହିଲେ, ଆସନ୍ତୁ ମୁଁ କଣ ତାଙ୍କୁ

http://oaob.nitrkl.ac.in

କଥା କହୁଛ କି । ସେତ ମୋତେ ଅଠଦାନ ହେଲ ପର କରି-
ଦେଇଛନ୍ତି । ମୁଁ ନୂଆବୋଉଙ୍କ ହାତ ଧରି କହିଲି, ନୂଆବୋଉ
କଣ କରିବ ମୋର କଣ ଆସିବାକୁ ମନ ନାହିଁ । ବୋଉ ଶୁଣୁନ—
ମୋର ଶୁଣ କଣ । ହରଣା କହିଲା, ହଁ ଲୋ ନୂଆବୋଉ ସେଠା
ପରି ସ୍ନେହ ରଙ୍କୁଣୀ । ଯେଉଁଠି ଟିକେ ଆଦର ପାଇବ, ସେଇଠି ପଡ଼ି
ରହିଥିବ । ମାଉସୀ ଗୁଡ଼ୁ ନାହାଁନ୍ତି—ସେ ଆସନ୍ତା କିପରି ?
ନୂଆବୋଉଙ୍କ ମୁହଁରୁ କ୍ଷଣିକ ଅଭିମାନର ଛାଇ ମିଳାଇଗଲା—ସୁନା
ପରି ଚହଟି ଉଠିଲା ହସ । ମୋତେ କୋଳକୁ ଟାଣି ନେଲେ ।
କହିଲେ, ମାଲଲୋ କ ଯୋଗରେ ତୋ ସାଙ୍ଗରେ ମୋର ଦେଖା
ହେଲା କେଜାଣି, ଦିନେ ନ ଦେଖିଲେ ଗୋଟାଏ ଯୁଗ ପରି
ଲାଗୁଚି ।

ତା ପରେ ଆମ ତିନିଙ୍କ ଭିତରେ କେତେ ହସ ଖୁସି ଗଳ୍ପର କଥା
ପଡ଼ିଲା । ମେଞ୍ଚାଏ ଜହ୍ନ ଆଲୁଅ ଘର ଭିତରେ ପଶିବାକୁ ଝରକା
ପାଖରେ ବାଟ ଜଗି ଥାଏ । ହରଣା କହିଲା, ନୂଆବୋଉ ଦେଖିଲଣି
ଦୁଆରେ କିପରି ସୁନ୍ଦର ରଣୀପୁଲ ପରି ଜହ୍ନ ପଡ଼ିଚି । ଭାରି ମନ
ହେଉଚି ଦୁଆରେ ବସି ତାସ ଖେଳିବାକୁ । ନୂଆବୋଉ କହିଲେ,
ସତେ ହରଣା ! ଗୁଲ୍···ମୋର ବି କାହିଁକି ଭାରି ମନ ହେଉଚି—
ତୁ ଯା ଦେବଭାଇଙ୍କି ଡାକ । ହରଣା ଦଉଡ଼ିଗଲା ଦେବଭାଇଙ୍କି
ଡାକିବାକୁ ।

ଟିକିଏ ପରେ ଦେବଭାଇ ଆସିଲେ । ନୂଆବୋଉ ସତରଞ୍ଜିଟା
ଆଣି ଦୁଆରେ ବିଛାଇ ଦେଲେ । ଦେବଭାଇ କହିଲେ, କିଏ କିଏ

http://oaob.nitrkl.ac.in

ହେବ । ନୂଆବୋଉ କହିଲେ, ତମେ ତମର ଆମେ ଆମର ଅର୍ଥାତ୍ ତମେ ତମର ମାଲ, ମୁଁ ଆଉ ହରଣା । ଦେବଭାଇ ହସିଲେ । ମୁଁ କହିଲି, ନାଁ ନୂଆବୋଉ ତମେ ମୁଁ ଆଉ ହରଣା ଦେବଭାଇ । ଦେବଭାଇ କହିଲେ, ହଉ ହେଲା । ବସ, କେତେ ବୋଟ ହେବ ଖାଲି ସୁମାରି କରିବ । ସମସ୍ତେ ହସି ହସି ଖେଳରେ ବସିଲୁ ।

ଖେଳ ଚାଲିଲା ଘଣ୍ଟେ ନାଇନ୍ । ଅଧଘଣ୍ଟା ପରେ ହରଣା ଦେବଭାଇ ହାରିଗଲେ । ସେଇ ଉପରେ ସେଇ ଖାଇଲେ । ନୂଆବୋଉ ହସି ହସି କହିଲେ, ଦେବ ଆମକୁ ବୋଟ ଦେବା ମୁହଁ ତମର, ଦେବଭାଇ ରାଗିଲେ ନାହିଁ । ଓଲଟି ହସି ହସି କହିଲେ, ମୁଁ ତ ଜାଣି ଜାଣି ହାରୁଛି ନୂଆବୋଉ—ତମକୁ ହରେଇଲେ ମାଲ ବିଚରା ମନରେ ଦୁଃଖ କରିବ । ପିଲାଟା—ତାର ମୁହଁକୁ ଚାହିଁ ସବୁ ବୋଟ ମୁଁ ନେଉଛି । ମୁଁ ଜାଣେ ଦେବଭାଇ ଖାଲି ଖେଳିବା ଆଗରୁ ଡୋଉ ବାହାର କରନ୍ତି । କିନ୍ତୁ ମୋଟେ ତାଙ୍କୁ ଭଲକରି ଖେଳି ଆସେନା । ସବୁଦିନେ ହାରନ୍ତି—ତଥାପି ମୁହଁ ଟାଣି ଛାଡ଼ନ୍ତି ନାହିଁ ।

ହରଣା ଖେଳରେ ଜିତିଲେ ଭଲ—ହାରିଲେ ସତେକି ତାର ସବୁ ସମ୍ପତ୍ତି ସରି ଗଲାପରି ମୁହଁଟାକୁ ହାଣ୍ଡି କରିବ । ଖାଲି ଦେବଭାଇ ଥାଆନ୍ତି ବୋଲି ସେ କିଛି କହୁ ନ ଥାଏ । କିନ୍ତୁ ମୁଁ ଭଲକରି ଜାଣେ ଅନ୍ତର ଭିତରେ ତାର ରାଗଟା କୁହୁଳି କୁହୁଳି ଧୂଆଁ ହେଲାଣି । ହରଣା ରାଗରେ କୁହୁଳା ଧୂଆଁରେ ହଠାତ୍ ପାଣି ପକେଇ ଦେଇ କହିଲା, ନୂଆବୋଉ ମୁଁ ଆଉ ଖେଳିବି ନାହିଁ—ଏତିକି ଥାଉ ।

http://oaob.nitrkl.ac.in

ଖେଳ ଭାଙ୍ଗିଲା । ନୂଆବୋଉ ଦେବଭାଇ ଝରଣା ଦହିଁଙ୍କ ଭାର ଚିଡ଼ାଇଲେ । ମୁଁ କିଛି କହୁ ନ ଥାଏ । କାଳେ ଦେବଭାଇଙ୍କ ମନରେ କଷ୍ଟ ହେବ । ନୂଆବୋଉ ମୋ ମନକଥା ଜାଣିଲା ପରି କହୁଲେ, ଦେବ ହାରିଛି ତା ମନରେ ସେତେ କଷ୍ଟ ନାହିଁ—ମାଲ ଜିତି ତାଠୁ ବେଶି କଷ୍ଟ । ଦେଖୁନୁ ମୁହଁକୁ କମିତି ଶୁଖେଇଛି । ଦେବଭାଇ ମୋ ଆଡ଼କୁ ମୁଗ୍ଧ ଚାହାଣୀରେ ଅନାଇଲେ । ତାଙ୍କ ଚାହାଁଣୀ ରେ କି ମାଦକତା ଥିଲା କେଜାଣି ମୁଁ ଟିକିଏ ନ ହସି ରହି ପାରିଲିନାହିଁ । ସେ ବାହାରକୁ ଚାଲିଗଲେ ।

ରାତି ସେତେବେଳକୁ ଦ୍ୱିପହର ହେଲାଣି ! ଶୀତରେ ଜହ୍ନମାମୁଁ ଥରି ଥରି ଟିକିଏ କଳାବଉଦ ଘୋଡ଼ିଛି ତଳେ ଉଷୁମ ଖୋଜୁଛି । ଚାରିଆଡେ଼ ଜହ୍ନଣ ଧୋଇଛି । ଜହ୍ନ ଆଲୁଅକୁ ହରେଇ ଗଛଲତା ଆଖିରୁ ଟପରି ଟପରି କାକରଲୁହ ଝରି ପଡୁଛି । ଟିକିଏ ପରେ ସରଗ ରାଇଜର ରାଜାପୁଅର ବାହାଘର ହେଲାପରି କୋଉଠି ଥିଲା ମେଘଟା ଆସି ଘଡ଼ଘଡ଼ି ବାଜା ବଜେଇଲା । ସୁ ସୁ ହୋଇ ପବନ ପିଟିଲା । ବାଉଁଶଗଛଗୁଡ଼ା ରଡ଼ି ରଡ଼ି ହୋଇ ଡାକି ଉଠିଲେ—ମଣିଷ ମନରେ ଭୟର ପାହାଡ଼ ଟୋଳି ।

କହିଲି, ନୂଆବୋଉ ମେଘ ଆସିଲାଣି କମିତି ଯିବ । ନୂଆବୋଉ କହିଲେ, ଆଜି ଦିନକ ରହିଗଲେ ହୁଅନ୍ତା ନାହିଁ । କହିଲି, ନା ନୂଆବୋଉ ବୋଉ ତେଣେ ଚିଡ଼ିବ—ରହିବି ବୋଲି । କହି ଆସି ନାହିଁ । ନୂଆବୋଉ କହିଲେ, ଦିନେ ପୁଣି ମୋର ଘରରେ କମିତି ରହିବ ମାଲ । ସେତେବେଳେ ବୋଉ ଜାଣି

http://oaob.nitrkl.ac.in

ରଖିବେ ନାହିଁ । ତା କଥାର ମାନେ ସବୁ ବୁଝିଥିଲେ ବି ନ ବୁଝିଲା ପରି କହିଲି, ତମ କଥାରେ ମୁଁ କାହିଁକି ରହିବି ମ । ସେ ହସିଲେ । କହିଲେ, ଲୁଚେଇବୁ, ସବୁ ଜାଣେଲେ ମାଲ ତୋ ମନକଥା ସବୁ ମୁଁ ଜାଣେ ।

ସେଇଲାଗେ ଦେବଭାଇ ଆସି ପହଞ୍ଚିଲେ । ନୂଆବୋଉ କହିଲେ, ଦେବ ମାଳକୁ ଟିକେ ଛାଡ଼ିଦେଇ ଆସିଲ । ଦେବଭାଇ ମୋତେ ସାଙ୍ଗରେ ଆଣି ଛାଡ଼ିଦେଇ ଗଲେ । ଘରେ ପହଞ୍ଚିଲା ବେଳକୁ ବର୍ଷା ଆରମ୍ଭ ହୋଇ ଯାଇଥିଲା । ବିଜୁଳୀ ଝଟକୁ ଥିଲା ଛାତିଫଟା ଅନ୍ଧାରର ବୁକୁ ଚିରି । ଭାବିଲି, ଘଡ଼ି ଘଡ଼ିକେ ପ୍ରକୃତିର ଓଲଟ ପାଲଟ ହେଲାପରି ଜୀବନଟା ବି ଯିମିତି ଗତି କରୁଛି । ଆଲୁଅ, ଅନ୍ଧାର, ବରଷା, ଘଡ଼ଘଡ଼ି, ଦୁର୍ଯୋଗ ସବୁଗୁଡ଼ା ଯିମିତି ଦୁନିଆ ଦେଉଳକୁ ପାହାଚ ପରି ଲାଗି ରହିଛି । ମଣିଷ ଗୁଡ଼ାକ ତାରି ଉପରେ ଖାଲି ବଞ୍ଚି ରହିବାର ପିପାସା ନେଇ ।

http://oaob.nitrkl.ac.in

❁ ପାଞ୍ଚ ❁

ନୂଆବୋଉ । ସେ ମୋର କିଏ ? କାହିଁ କେଉଁଠି ଥିଲେ । ଇମିତ କାହିଁକି ସେ ଆସି ମୋତେ ପାଖକୁ ସ୍ନେହ ଦେଇ ଡ଼ାକି ନେଲେ । ମୁଁ ତାଙ୍କର କିଏ ? ସେ ଥିଲେ କୁଆଡ଼େ—ମୁଁ ଥିଲି କୁଆଡ଼େ । ଜଣା ନଥିଲା—ଶୁଣା ନଥିଲା । ବେଶ୍ ତ ଭଲରେ ଥିଲି କିନ୍ତୁ ସେ ଆସିଲାଦିନୁ କାହିଁକି ନିଜକୁ ହରାଇ ବସିଲି ଗୋଟାଏ ଅଜଣା ମାୟାଜାଲ ଭିତରେ । କାହିଁକି ସେ ଗୋଟାଏ ପ୍ରଲୋଭନ ଭିତରେ ମୋତେ ବୁଡ଼ାଇ ଦେଉଛନ୍ତି ।

ଦେବଭାଇ । ସେ କାହିଁ କେଉଁଠି । ମୁଁ ତାଙ୍କର କେତେ ଭଲେ ! ଆମ ଦୁହିଁଙ୍କ ଜୀବନକୁ ନେଇ ନୂଆବୋଉ କଣ ଖାଲି ଖେଳ ଖେଳୁଛନ୍ତି ! ନାଁ ନାଁ ନୂଆବୋଉ, ସରଗପରି ଉଚ୍ଚ ତାଙ୍କର ମନ—

http://oaob.nitrkl.ac.in

କାଚପରି ସ୍ୱଚ୍ଛ ତାଙ୍କର ଅନ୍ତର । ସେ କାହିଁକି ଜୀବନ ନେଇ ଖେଳ ଖେଳିବେ । ସେ ମହତ୍—ମୋତେ ତାଙ୍କର ସ୍ନେହ ଦେଇ ପାଖକୁ ଟାଣି ନେଇଛନ୍ତି । ମୁଁ ତାଙ୍କୁ ଚିହ୍ନି ପାରି ନାହିଁ—ମୁଁ ତାଙ୍କୁ ହୃଦୟର ଗମ୍ଭୀର ମୁକୁରରେ ଥରେ ଭଲକରି ଦେଖି ପାରିନାହିଁ ।

କେତେ କେଜାଣି ଭାବେ । ଭାବନାର ଅନାବନା ଭିତରୁ ମୁଁ ଦେଖେ ନୂଆବୋଉଙ୍କୁ । ସେ ପର ନୁହନ୍ତି—ଆପେ ଆପେ ମୋତେ ନିଜର କରି ସେ ମୋର ନିଜର ହୋଇ ଯାଇଛନ୍ତି । ଦେବଭାଇଙ୍କି ସତେ କଣ ମୁଁ ପାଇବି···ଜୀବନର ଲୁଚୁଛପା ଅଫୁରନ୍ତ ପ୍ରୀତି ଭିତରେ । ଶୋଇଲାବେଳେ ଖାଲି ଭାବନାର ଜ୍ୱାଳରେ ଛଟପଟ କରେ ମନଟା ମୋର ।

ଦିନେ ଦିନେ ଦେଖେ ଦେବଭାଇ ସପନ ରୂପରେ ଆସି ସବୁ ଭାବନା ମୋର ଦୂର କରି ଦେଇଛନ୍ତି । ଦେହରୁ ବ୍ୟଥାର ଝାଳ ପୋଛି ଦେଇ କହୁଛନ୍ତି, ମାଳ ଗଢ଼ି ଜାଣିଲେ ଜୀବନଟା ଭାରି ସୁନ୍ଦର । ମୁଁ ତୋ ପଛେ ପଛେ ଅଛି । ତୋତେ ଛାଡ଼ି କୁଆଡ଼େ ଯାଇ ପାରିବି ନାହିଁ ।

ଦିନ ରାତି ସବୁବେଳେ ନୂଆବୋଉଙ୍କର କଥା—ଦେବଭାଇଙ୍କର ସ୍ନେହ—ଝରଣାର ଗେଲ ପରିହାସ ମନ ଉପରେ ଅଲସିତରେ ଆସି ବସା ବାନ୍ଧେ । ଭାବେ କେତେ କେଜାଣି । ଜୀବନର ବିଗତଦିନର ସ୍ମୃତି ମଧୁର କ୍ଷୁଦ୍ର କ୍ଷୁଦ୍ର ଦୃଶ୍ୟଗୁଡ଼ା ଆଖି ଆଗରେ ନାଚି ଉଠେ । ଦେଖୁ ଦେଖୁ ମନ ଧାଏଁ ପ୍ରଲୋଭନରେ—ହୃଦୟଟା କଣ ପାଇବା ପାଇଁ ବ୍ୟାକୁଳ ହୋଇ ଉଠେ ।

❋ ଉରେଶ ❋

http://oaob.nitrkl.ac.in

ଇମିତି ଦିନଗୁଡ଼ା କଟିଯାଏ । ନିତିଦିନିଆ ନୂଆ ଭାବନା ଆସେ, ପୁରୁଣା ରହେ ପଛରେ । ଆଶାର ଆଲୁଅ ମନ ଗହ୍ୱରରେ ଖେଳେ ଲୁଚକାଳି ।

ସେଦିନ ଖରାବେଳେ । ବୋଉ ସେ ଘରେ ଶୋଇଥାଏ । ବାପା ଯାଇଥାନ୍ତି ସ୍କୁଲକୁ, ଖାଇସାରି ଟିକେ ଶୋଇବାକୁ ଗଲି । ନିଦ ହେଲା ନାହିଁ—ଭାରି ମନ ହେଲା ଝରଣାଙ୍କ ଘରଆଡ଼େ ଟିକେ ବୁଲି ଆସିବାକୁ । ବୋଉ ଜାଣିଲେ କାଳେ ଗାଳି ଦେବ, ସେଇଥିପାଇଁ ଚୁପି ଚୁପି ତାଙ୍କ ଅଜାଣାରେ ପଦାକୁ ବାହାରି ଆସିଲି ।

ନୂଆବୋଉ ମୋତେ ଦେଖି କହିଲେ, ମାଳ ମୁଁ ପରା ଏଇଲାଗେ ତମ କଥା ଭାବୁଥିଲି । ମନ କଥା ମୋର ମନରେ ତମରି ଭାବନାର ଛନ୍ଦ ତୋଳୁଚି, ଯୋଗକୁ ତମେ ଆସି ପହଞ୍ଚିଲ । ବହୁତ ଦିନ ବଞ୍ଚିବ । ପଚାରିଲି, ଝରଣା କାହିଁ ନୂଆବୋଉ ?

ଝରଣା ଯାଇଛି ତା ସଙ୍ଗାତ ଘରକୁ ।

ଗାଁର ଆର ସାହି ଦାମୋଦର ମହାନ୍ତି ଝିଅ ସୁବାସୀ—ଝରଣାର ସଙ୍ଗାତ । ପିଲାଟି ଦିନରୁ ଦୁହିଁଙ୍କର ଭାରି ଭାବ । ଝରଣା ମୋଠୁ ସୁବାସୀକି ଭାରି ଭଲ ପାଏ ।

ନୂଆବୋଉ ସାଙ୍ଗରେ କେତେ ଗପ ପଡ଼ିଲା । କଣ ଗୋଟାଏ କଥାରେ ମୁଁ କହିଲି, ନୂଆବୋଉ ତମେ ଯଦି ସୁରଭାଇଙ୍କି ବାହା ନହେଇ ଦେବଭାଇଙ୍କି ବାହା ହେଇଥାନ୍ତ—ତେବେ ଭାରି ଭଲ ହେଇଥାନ୍ତା । ନୂଆବୋଉ ହସିଲେ—ସାର୍ଥକତାର ହସ । ସତେ

http://oaob.nitrkl.ac.in

ସେପରି ତାଙ୍କ ମନ କଥା ମୁଁ କହିଦେଲି । ହସି ହସି କହିଲେ ମୁଁ ବାହା ହେଉଥିଲେ ତମ ଖାଇବା ପତ୍ରରେ ତ ଧୂଳି ପଡ଼ିଥାନ୍ତା । ତମେ କଣ ଇମିତି ଆଜି ନୂଆବୋଉ କଥିକ ସ୍ନେହ-ମମତା ନେଇ ଦଉଡ଼ି ଆସିଥାନ୍ତ । କହିଲି, ନୂଆବୋଉ ତାହାଁକ ମୋତେ ପ୍ରଲୋଭନ ନିଆଁ ଭିତରକୁ ଟାଣି ନେଉଚ । ଦେବଭାଇ ଦେଉଁଠି—ମୁଁ କେଉଁଠି । ଦେବଭାଇ ବଡ଼ଲୋକର ପୁଅ—ମୁଁ ଗରିବର ଝିଅ । ସ୍ନେହ, ଭଲପାଇବା ଭିତରେ ମୁଁ କେଉଁଦିନ ଦେବଭାଇଙ୍କି ପାଇବି ବୋଲି ତ ଆଶା କରିନାହିଁ । ସେ ମୋତେ ଯେଉଁ ସ୍ନେହର ସ୍ୱାଦ ଟିକେ ଚଖେଇଚନ୍ତି—ମୁଁ ତାହାର ପ୍ରତିଦାନରେ ତାଙ୍କୁ ଭଲ ପାଉଚି ସିନା ।

ନୂଆବୋଉ ହସି ହସି କହିଲେ, ମାଲ ଏଇଟା ତମର ମନଗଢ଼ା କଥା ନାଁ ହୃଦୟର କଥା ! ଅନ୍ତର ଭିତରକୁ ଚୁହିଁ ଥରେ କହିଲ । ମୁଁ କହିଲି, ନୂଆବୋଉ ତମେ ଆସିଲ ପରେ ମୋ ମନରେ ଯେଉଁ ଭାବନାର ଝଡ଼ ତୋଫାନ ଉଠେଇଚ—ହୃଦୟରେ ଯେଉଁ ଆଶାର ନିଆଁ ଜାଳି ଦେଇଚ—ତାର ଫଳ କଣ ହେବ ଥରେ ନୁହେଁ ବାର ବାର ହୃଦୟକୁ ପଚାରିଲେ ବି କିଛି ଉତ୍ତର ପାଉନାହିଁ । ନୂଆବୋଉ କହିଲେ ମାଲ ଏଇ ଅଦିନିଆ ଭାବନାର ଝଡ଼ତୋଫାନ ଦିନେ ଉଭାଇଯିବ ଦୂରକୁ......ମନ ଗହନର ତଳେ ଉଙ୍କିବ ସୁନ୍ଦର କୁଲୁକୁଳିଆ ଟିକି ଜହ୍ନଟିଏ । ଆଶାର ଆଲୁଅ ଖେଳିବ ଜୀବନ ଫୁଲରେ ସବୁ ସଉରଭ ଢାଳି ଦବ । ମୁଁ କହିଲି, ନୂଆବୋଉ ସେ ଭାଗ୍ୟ କଣ ମୋର ଅଛି । ନୂଆବୋଉ ମୋତେ କୋଳକୁ ଟାଣି ନେଇ କହିଲେ, ଅଛିଲୋ ମାଲ ତୋର ଭାଗ୍ୟରେ ଅଛି ।

http://oaob.nitrkl.ac.in

ସେପାଖ ଘରୁ ମାଉସୀ [ଦେବଭାଇଙ୍କ ବୋଉ] ଡାକିଲେ । ନୂଆବୋଉ କହିଲେ, ଆସୁଛି ମାଉ—ତମେ ଏଇଠି ବସିଥା । ମା କାହିଁକି ଡାକୁଛନ୍ତି ମୁଁ ଶୁଣି ଆସେ । ସେ ଚାଲିଗଲା ପରେ ମୁଁ ଏକୁଟିଆ ସେଇ ଘରେ ବସି ରହିଲି । ନିସଙ୍ଗ ବୋଧ ହେଲା । ଟେବୁଲ ଉପରେ ପଡ଼ିଥିବା କାହ୍ନୁ ବାବୁଙ୍କର "ଅଦେଖା ହାତ" ଆଣି ପଢ଼ି ବସିଲି । ଅନେକ ଦିନ ତଳେ ସେ ବହି ଖଣ୍ଡିକ ପଢ଼ିଥିଲି—ପୁଣି ଥରେ ପଢ଼ିବାକୁ ମନ ହେଲା । ବହି ପଢ଼ିବାରେ ମୁଁ ଏତେ ମୁଗ୍ଧ ହୋଇଯାଇଛି ଯେ କେତେବେଳେ ଦେବଭାଇ ସେଘରକୁ ଆସି ମୋ ପଛରେ ଛିଡ଼ା ହୋଇଗଲେଣି—ଜାଣେନା । ସେ ପଚାରିଲେ ମାଉ ସେଇଟା କି ବହିକି ?

ଚମକିପଡ଼ି କହିଲି, କାହ୍ନୁ ବାବୁଙ୍କର ଅଦେଖା ହାତ ।

ସେ କହିଲେ, ସତେ ମାଉ କାହ୍ନୁ ବାବୁଙ୍କର ଅଦେଖାହାତ ବହିଖଣ୍ଡି ପଢ଼ିଲେ ଗୀତାର କରୁଣ ଛବି ଆଖି ଆଗରେ ନାଚି ଉଠେ । ଜୀବନରେ ସେ କେତେ ଆଶା କରି ନ ଥିଲା । କିନ୍ତୁ କଣ ହେଲା, ଶେଷରେ ତାର ଜୀବନ ଗତିକୁ ଅଦେଖା ହାତ ନେଇ ଥୋଇଲା ଅନ୍ୟ ବାଟରେ ।

ମୁଁ କହିଲି, ଏମିତି ଦୁନିଆରେ ଶହ ଶହ ଘଟଣାତ ଘଟୁଛି ଦେବଭାଇ କିନ୍ତୁ ଗୀତା ଜୀବନର କରୁଣ ଛବିଟାତ ନୂଆ ନୁହେଁ । ନିତି ଦିନିଆ ଘଟଣା ଭିତରୁ ଏ ଗୋଟାଏ ଖାଲି ଜୀବନର ଅସୀମ ସଫଳତାର ଅଳଭ୍ୟ ସତ୍ୟ ଗାରଟିଏ । କିଏ ଜାଣେ ଆମ ଜୀବନରେ ଏମିତି ଗୋଟାଏ ଘଟଣା ନ ଘଟିବ । ଠିକ ଠିକ ଭୁଲ ମାନ-

http://oaob.nitrkl.ac.in

ଅଭିମାନରେ ଅଦେଖା ହାତର ଇଙ୍ଗିତ କୁଆଡ଼େ ନେଇ ଜୀବନ ପ୍ରବାହକୁ ତ ପୁଣି ବଦଳାଇ ଦେଉଛି ।

ଦେବଭାଇ ହସିଲେ । କହିଲେ, ମାଳ ଭାବିଥିଲି ତୁ ପିଲା—କିଛି ଜାଣୁନା କିନ୍ତୁ ତୋ ମୁହଁରୁ ଏଇ କଥା ପଦକ ଶୁଣି ମୋର ସେ ଭ୍ରମ ତୁଟିଗଲା । ସତରେ ମାଳ ଜୀବନର ପଥ ବଡ଼ ଖାଏଡ଼ା—ଗୁଲ୍‌ଗୁଲ୍ କୁଆଡ଼େ ଗୋଡ଼ ଖସିଯାଏ କିଛି କଳନା କରି ହୁଏନା । କିନ୍ତୁ ସବୁରି ମୂଳରେ ରହିଛି ଏଇ ଅଦେଖା ହାତର ଇଙ୍ଗିତ ଆଉ ଗୁଳନା । ମୁଁ ତ ଜଣକୁ ଏତେ ଭଲ ପାଏ—କିନ୍ତୁ ତାହାଁ ସେ ତ ମୋତେ ଦିନେ ଧରା ଛୁଆଁ ଦଏନା ।

ଜାଣେ ଦେବଭାଇ ମୋତେ ଶେଷ କଥା ପଦକ ଦେଇଦେଇ ଦେଖେଇ କହିଲେ । କହିଲି, ସେ ହୃଦୟ ତମକୁ ଭିତରେ ଆଡ଼ ଆଡ଼ ହୋଇ ଅନ୍ତର ଭିତରେ ସଦା ତମରି ଛବିକୁ ଅଙ୍କି ଆପଣାର କରି ରଖିଥାଏ ତେବେ·····ତେବେ ଦେବଭାଇ ତାର ତ ଆଉ ଦୋଷ ନୁହେଁ । ତମର ଖାଲି ବୁଝିବା ଭୁଲ ।

ସେ ହସିଲେ, କହିଲେ ମାଳ ତୋତେ ଆଉ କଥାରେ ଜିଣି ପାରିଲି ନାହିଁ । ଦିନ ଆସୁଛି ଯେ ରହିଥା । ସେତେବେଳେ କଥାରେ ତୋର ମୋର ହେବ ପରୀକ୍ଷା । ତାଙ୍କ କଥାଟା ଶୁଣି ମୁହଁଟା ମୋର ତଳକୁ ହେଇଗଲା ଲାଜରେ । ସେ ହସି ହସି ମୋ ଭିତରେ ଆସି ବସି ପଡ଼ିଲେ । ଲାଜରେ ମୁଁ ଉଠି ଆସୁଥିଲି ବାହାରକୁ, କିନ୍ତୁ ସେ ମୋତେ ଛାଡିଲେ ନାହିଁ । ଲୁଗା କାନିଟା ଧରି ଅଟକାଇ ରଖିଲେ । ଜବରଦସ୍ତ କୋଳକୁ ଟାଣି ନେଇ ମୋ

http://oaob.nitrkl.ac.in

ଗାଲରେ ଗୋଟିଏ ଚୁମ୍ବନ ଅଙ୍କି ଦେଲାବେଳେ ହଠାତ୍ ନୂଆବୋଉ ସେଇ ଘର ଭିତରକୁ ପଶି ଆସିଲେ । ନୂଆବୋଉଙ୍କୁ ଦେଖି ଦେବଭାଇ ପଳାଇଗଲେ, ଲାଜରେ ମୁହଁଟା ପୋଡ଼ିଗଲା ମୋର । ଛିଃ ଛିଃ ନୂଆବୋଉ କଣ ଭାବୁଥିବେ ? ପଦାକୁ ପଳାଇ ଆସୁଥିଲି—ନୂଆବୋଉ ମୋ ହାତ ଦି'ଟାକୁ ଧରି ପାଖକୁ ଟାଣି ନେଲେ । କହିଲେ, କାଲି ମାଲ ଲଗ୍ନ ଲଗ୍ନ ଶୁଭରାତ୍ର । ଘଡିକ ଆଗରୁ ସବୁ କହୁଥିଲି ଭଲ ପାଇବା ଭିତରେ ଦେବଭାଇଙ୍କି ପାଇବି ବୋଲି କେବେ ଆଶା କରି ନାହିଁ । କିନ୍ତୁ ଆଶା ନ କରିଥିଲେ ନିଜକୁ କଣ ଇମିତି ଉତ୍ସର୍ଗ କରି ଦିଅନ୍ତି ।

ହଠାତ୍ ଗୋଟାଏ ଅପମାନର ଧକ୍କାରେ ମୋ ଆଖିରେ ଲୁହ ଜକ ଜକ କଲା । କହିଲି, ଦେବଭାଇ ମୋତେ ଜବରଦସ୍ତ···ନୂଆବୋଉ ମୋତେ କୋଳକୁ ଟାଣି ନେଇ ମୋ ଆଖିରୁ ଗଡ଼ି ଆସୁଥିବା ଲୁହ ଦୁଇ ବିନ୍ଦୁ ପୋଛି ଦେଇ ଦେଇ କହିଲେ, ମାଲ ମୁଁ ଜାଣେ ଲୋ ଜାଣେ । ତମ ଦୁହିଁଙ୍କ ମନ କଥା ଭଲ କରି ଜାଣେ । ତମ ଦୁହିଁଙ୍କି ଏତେ ଅପଣାର କରି—ସ୍ନେହ ଦେଇ ପାଖକୁ ଟାଣି ଆଣିଛି । ତମ ଦୁହିଁଙ୍କ ହୃଦୟ କଥା ମୁଁ ଜାଣିବି ନାହିଁ ତ ଆଉ ଜାଣିବ କିଏ ?

କହିଲି, ନୂଆବୋଉ ତମେ କେଡ଼େ ମହତ । ତମକୁ ମୁଁ ଚିହ୍ନି ପାରି ନାହିଁ—ହୃଦୟର ସବୁ କଥା ଖୋଲି କହିପାରି ନାହିଁ । ମୋତେ କ୍ଷମା କର । ନୂଆବୋଉ କହିଲେ, ମାଳ କିମିତି କେତେଗୋଟି କଳ୍ପନା ଓ ବାସ୍ତବ ଅନୁଭୂତି ଭିତରେ ମୋ ଜୀବନ ପରି ଭାଙ୍ଗି ଯାଇଚାଲେ—ଅଛି ଖାଲି ସାରା ଜୀବନକୁ ଗୋଟାଏ ସ୍ମୃତିର ରୂପ । ମୁଁ ତାଙ୍କ କଥାର ଅର୍ଥ କିଛି ବୁଝି ପାରିଲି ନାହିଁ ।

❋ ପରିଚ୍ଛେଦ ❋

http://oaob.nitrkl.ac.in

❀ ଛଅ ❀

ବର୍ଷଦିନ ବିତିଗଲା । ନୂଆବୋଉଙ୍କ ଘରକୁ ଯିବି ଯିବି ବୋଲି ଆଜି ଯାଇ ପାରିଲି ନାହିଁ । ସବୁବେଳେ ସେଦିନର ଲଜ୍ଜା ଫଟେଇର ପାହାଡ଼ ପରି ଆସି ମୋ ଆଗରେ ଠିଆ ହୁଏ । ମୁହଁଟା ମୋର ପୋଡ଼ି ଯାଏ ଲଜ୍ଜାରେ—ନୂଆବୋଉଙ୍କ ଘରକୁ ଇଚ୍ଛା ଥିଲେ ବି ଯାଇ ପାରେନା ।

ସେଦିନ କେତେ ରଙ୍ଗର ଆଲୁଅ ଶାଢ଼ୀ ପିନ୍ଧି ଗୋଧୂଳି ଆସି ଆମ ଘର ବାହାରେ ହସୁଥାଏ । ଡେଙ୍ଗା ନଡ଼ିଆ ଗଛ ଶିଖରେ ସୁନା କିରଣ ଝଟକୁଥାଏ । ଗୋଧୂଳି ଆସିଛନ୍ତି ବୋଲି ପକ୍ଷୀ ମେଳରେ ଚହଲ ପଡ଼ି ଯାଇଥାଏ । ସେଇଥିପାଇଁ ସେମାନେ ଦଳ ଦଳ ଏଣେ ତେଣେ ଦଉଡ଼ୁଥାନ୍ତି । ଟାଙ୍ଗିଆଲ ଝୋଟାର ଗୋଧନ ବାହୁଡ଼ା ବଂଶୀର ସ୍ୱର ମନରେ କେଉଁ ସପନ ରାଇଜର ରାଗିଣୀ ତୋଳୁଥାଏ ।

http://oaob.nitrkl.ac.in

ବାପା, ବୋଉ ଘରେ ନଥାନ୍ତି । ଘରେ ବସି ମୁଁ ଭାବୁଥି ଦେବଭାଇଙ୍କ କଥା । କାହିଁକି ସେ ମୋତେ ଏତେ ଅପଣାର କରିନେଲେ । ସେ କଣ ସତରେ ମୋତେ ଭଲ ପାଆନ୍ତି, ସାରା ଜୀବନର ସାଥୀ କରିବାକୁ । ନା ଦେବଭାଇ ମୋତେ ପ୍ରଲୋଭନ ନାଆଁରେ ଆହୁତି ଦେଇ ପୁଣି ଦିନେ ହୋଇଯିବେ ପର—ଅନ୍ୟର । ଭାବି ଭାବି କିଛି ଠିକ୍ କରି ପାରେନା । ପୁଣି ପରକ୍ଷଣରେ ନୂଆବୋଉଙ୍କ କଥା ଗୁଡ଼ା ମନ ଉପରେ ଭାସି ଉଠେ । ନିରାଶାର ଅନ୍ଧକାର ଭିତରେ ଆଶାର ଆଲୁଅ ଦେଖେ । ନୂଆବୋଉ ମୋତେ ତାଙ୍କର ଭଉଣୀ ପରି ସ୍ନେହ ଦେଇ ପାଖକୁ ଟାଣି ନେଇଛନ୍ତି । ଦେବଭାଇ ମୋର ହୋଇଛନ୍ତି ।

ହଠାତ୍ ଦେବଭାଇ ପଶି ଆସିଲେ । ପଚାରିଲେ, ମାଳ କଣ ଏତେ ଭାବୁଛୁ । ମୁଁ କିଛି କହିଲି ନାହିଁ । ଉଠିଯାଇ ସପଟା ଆଣି ପାରି ଦେଲି । କହିଲି, ଦେବଭାଇ ବସ । ସେ ପଚାରିଲେ, ଆମ ଘରଆଡ଼େ କାହିଁକି ଯାଉନୁ ମାଳ । ମିଛରେ କହିଲି, ବୋଉ ଛାଡୁନି । ସେ କହିଲେ, ତୋତେ ଏ କେଇଟାଦିନ ନ ଦେଖି ଗୋଟାଏ ବରଷ ପରି ଲାଗୁଛି, ସତେ ମାଳ ତୁ କଣ ମୋ ଉପରେ ରାଗିଛୁ । ମୋତେ କଣ ପର ଭାବୁ । ମୁଁ କହିଲି, ଗରିବ ଆମେ ଦେବଭାଇ···ତମର ଏଇ ଭଲପାଇବାଟା ଯଦି ଅଭିନୟ ପରି ହୁଏ, ତେବେ ଗରିବ ଝିଅଟାର ସବୁ ସରିଯିବ । ସେଇଥିପାଇଁ ବେଳେ ବେଳେ ତମ ଉପରେ ବିଶ୍ୱାସ ବି କରି ହୁଏନା । ସେ କହିଲେ, ସମସ୍ତେ କଣ ସମାନ । ମୁଁ କହିଲି, କାହାରିକୁ ବିଶ୍ୱାସ ନାହିଁ ଦେବଭାଇ···ସମସ୍ତେ ସମାନ । ଭଲ ପାଇବାର ଛଳ କରି କେତେ ପ୍ରଲୋଭନ ଦେଖାଇ ଶେଷରେ ନିଜର ସବୁ କାମନା ଚରିତାର୍ଥ କରି ଦୂରକୁ ଠେଲି ଦେଇ ଚାଲି

http://oaob.nitrkl.ac.in

ଯାଆନ୍ତି । ସେ କହୁଲେ, ମୋତେ ତୁ ଏତେ ଅବିଶ୍ୱାସ କରୁ ମାଲ । ଏତିକି କହି ଉଠିଲେ । କହୁଲେ, ଯାଉଛି ମାଲ । କହୁଲି ବସ ଦେବଭାଇ—ବୋଉ ଆସନ୍ତୁ ଯିବ । ସେ ଶୁଣିଲେ ନାହିଁ । କହୁଲେ, ନା ଯା’ଉପରେ ତୋର ଏତେ ଅବିଶ୍ୱାସ; ତାକୁ ପାଖରେ ବସାଇବା ଠିକ୍ ନୁହେଁ ମାଲ । ସେ ଚାଲିଗଲେ । ତାଙ୍କର ଶେଷକଥା ଗୁଡ଼ା ବ୍ୟଥାରେ ଭରି ହୋଇ ଯାଇଥିଲା । ଅଟକାଇ ପାରିଲି ନାହିଁ—ସେ ଚାଲିଗଲା ପରେ କେଜାଣି କାହିଁକି ମନଟା ତାଙ୍କର ଭାବନାରେ ଗୋଳେଇ ଘାଣ୍ଟି ହେଲା । ମନ ହେଲା ଦଉଡ଼ି ଯାଇ ଦେବଭାଇଙ୍କୁ ଫେରାଇ ଆଣିବାକୁ—କିନ୍ତୁ ପାଦ ଚଳିଲା ନାହିଁ ।

ଦି’ ଦିନ ପରେ । ସେଦିନ ସଞ୍ଜବେଳେ ଆକାଶରେ ଜହ୍ନମାମୁଁ ଖିଲ୍ ଖିଲ୍ ହୋଇ ହସି ଉଠି ଆସୁଥାଏ । ଗଛ ପତର ଫାଙ୍କରେ ଅନ୍ଧାର ଟିକିଏ ଟିକିଏ ଲଗି ରହୁଥାଏ । ଦୁଆରେ ଜୋଚ୍ଛନା ଆଲୁଅର ଚୁପେଇ ଶେଯ ଉପରେ ସଞ୍ଜୁଆ ସମୀର ତୁନି ତୁନି ଆସି ଢାଳି ପାରୁ ଥାଏ ।

ସୁରଣା ଆସି ପହଞ୍ଚିଲା । ଅନେକଦିନ ପରେ ତା ସାଙ୍ଗରେ ମୋର କେତେ ଅଡ଼ର ଗପ ଚାଲିଲା । କଥା ମଝିରେ ପଚାରିଲି, ସୁରଣା ଦେବଭାଇ କାହିଁକି ଆମ ଘର ଆଡ଼େ ଆସୁ ନାହାନ୍ତି । ସୁରଣା କହିଲା ଭାଇ ନାହାନ୍ତି—ଦି’ଦିନ ହେଲା କଟକ ଯାଇଛନ୍ତି, ଗଲାବେଳେ କାହିଁକି ତାଙ୍କ ମନଟା ଭଲ ନ ଥିଲା । କଣ ହୋଇଛି କେଜାଣି ନୂଆବୋଉ ଯେତେ ପଚାରିଲେ କିଛି ବି କହିଲେ ନାହିଁ । ବୁଝି ପାରିଲି ସେଦିନ ମୁଁ ତାଙ୍କୁ ଯେଉଁ କଡ଼ା କଡ଼ା କଥା ଦି’ପଦ କହିଥିଲି

http://oaob.nitrkl.ac.in

ବୋଧହୁଏ ସେଇଥିପାଇଁ ତାଙ୍କ ମନ ଭଲ ନ ଥିଲା । ଦେବଭାଇଙ୍କ ମନ ଦୁଃଖ କଥା ଶୁଣି ମୋ ମନଟା କାହିଁକି ଖାଲି ତାଙ୍କର ସ୍ମୃତିରେ ଅଧୀର ହେଲା । ହରଣା ସାଙ୍ଗରେ ଆଉ ଗପ କରିବାକୁ ଭଲ ଲାଗିଲା ନାହିଁ । କଥା ବାଆଁରେଇଦେଲି, ହରଣା ତୁ ଯା ମୋତେ କାହିଁକି ଭାରି ନିଦ ମାଡ଼ିଲାଣି । ସେ ଚାଲିଗଲା । ଗଲାବେଳେ କହିଗଲା, କାଲି ଆମ ଘରଆଡ଼େ ଯିବୁ ମାଲ—ନୂଆବୋଉ ବାର ବାର ତର ଖଣି ପଠେଇ କହିଚନ୍ତି ।

ସେ ଚାଲିଗଲା ପରେ ମୁଁ ଶୋଇ ଶୋଇ ଭାବିଲି ଖାଲି ଦେବଭାଇଙ୍କ କଥା । ମନଗୁହାର ଅନ୍ଧକାର ଭିତରେ କେତେ ଦିନର ସ୍ମୃତି ସ୍ତୂପ ସ୍ତୂପ ହୋଇ ପଡ଼ିଥିଲା । କିନ୍ତୁ ଦେଖିଲି ତା'ଭିତରେ ଦେବଭାଇଙ୍କର ସ୍ମୃତି ଗୁଡ଼ା ସବୁଦିନେ ଯେପରି ନୂଆ ଝକ ଝକ କରୁଛି । କେତେ ଭାବିଲି । କେତେ ହସିଲି ସଞ୍ଜ, କେତେ ନିଛାଟିଆ ଦି'ପହର କେତେ କଅଁଳ ସୁନେଲି ସକାଳ ମୋର ତାଙ୍କର ସାଥିରେ କଟିଛି କେତେ ସେ ମୋତେ ଭଲ ପାଇଚନ୍ତି, ଆଦର କରି ପାଖକୁ ଟାଣି ନେଇଚନ୍ତି । ଭାବୁ ଭାବୁ ଆଖି ପତାରେ କେତେବେଳେ ଆସି ନିଦ ବସା ବାନ୍ଧିଲା ଜାଣେନା ।

ନୂଆବୋଉଙ୍କ କତିକି ଯିବି ଯିବି ବୋଲି ନିଇଁଛା ଭାବେ, କିନ୍ତୁ ବୋଉ ଡରରେ ଘର କାମ କରୁ କରୁ ଦିନ ଯାଏ—ଯାଇ ପାରେନା । ସେଦିନ ବୋଉଠାରୁ ଶୁଣିଲି ଦେବଭାଇ କାଲି କଟକରୁ ଫେରିଚନ୍ତି । ଭାବିଲି, ଆଜି ଦେବଭାଇ ନିଶ୍ଚୟ ଆମ ଆଡ଼େ ଆସିବେ । ଏତେଦିନ ପରେ ସେ ଘରକୁ ଫେରିଚନ୍ତି—ମୋ କତିକି ଆସିବେ ନାହିଁ ।

http://oaob.nitrkl.ac.in

କିନ୍ତୁ ଅନେକ ଅନେକ ଗୃହଚ୍ଛାଦନ କଟିଗଲା—ଦେବଭାଇ ଆମ ଘର ଆଡ଼େ ଆସିଲେ ନାହିଁ । ଭାବିଲି, ତେବେ ଦେବଭାଇ ନିଶ୍ଚୟ ମୋ ଉପରେ ସେଦିନ କଥାରେ ରାଗିଛନ୍ତି । ତାଙ୍କୁ ଦେଖିବା ପାଇଁ ମନଟା ବ୍ୟାକୁଳ ହେଲା । ଅତି ଆଗ୍ରହରେ ସେଦିନ ସନ୍ଧ୍ୟାବେଳେ ଦଉଡ଼ିଗଲି ତାଙ୍କ ଘରକୁ ।

ନୂଆବୋଉ ମୋତେ ଦେଖି କେତେ ଅପସା ମାରିଲେ । କହିଲେ, ମାଲ କାହିଁକି ଆସିବ—ଏଠି ତମର କିଏ ଅଛନ୍ତି । କହିଲି, ନୂଆବୋଉ କଣ କହିବ ଆସିବାକୁ କଣ ମୋର ମନ ନାହିଁ । ଆସିଲେ ବୋଉ ତେଣେ କଟ କଟ ହେଉଛି—ନ ଆସିଲେ ଏଣେ ତମେ ରାଗୁଛ—ମନରେ ଦୁଃଖ କରୁଛ । ମୁଁ ଖାଲି ମଝିରେ ପଡ଼ି ହନ୍ତସନ୍ତ ହେଉଛି । ନୂଆବୋଉ ହସିଲେ । କେତେ ଆଦର କରି ମୋତେ ପାଖକୁ ଡାକି ନେଲେ । ଦୁହିଁଙ୍କ ଭିତରେ କେତେ ସୁଖ ଦୁଃଖ ଗାଉଁକର ଅସରନ୍ତି ଗପ ଚାଲିଲା ।

ଗପ ମଝିରେ ହଠାତ୍ ଦେବଭାଇ ଘର ଭିତରକୁ ପଶି ଆସିଲେ । ମୋତେ ଦେଖି ନ ଦେଖିଲା ପରି ମୁହଁଟା ବୁଲାଇ ପରକ୍ଷଣରେ ପଳାଇଗଲେ । ନୂଆବୋଉ କହିଲେ, ଦେବର କଣ ହେଇଛି କେଜାଣି ଏ କେତେଦିନ ହେଲା କାହିଁକି ତା ମନ ଭଲ ନାହିଁ । ହଠାତ୍ ମୁଁ କହି ପକାଇଲି, ନୂଆବୋଉ ଦେବଭାଇ ମୋ ଉପରେ ଗୋସା ହେଇଛନ୍ତି । ଆମ ଘରେ ବି ତାଙ୍କର ଆଜିକାଲି ଟିକିଏ ପାଦ ପଡ଼ୁ ନାହିଁ । କଣ ବା ଟିକିଏ କଥା ମୁଁ କିଛି କିଛି କହି ପକାଇଛି—ସେଇଥିକୁ ସେ ଛଳ କରି ରହିଛନ୍ତି । ନୂଆବୋଉ

http://oaob.nitrkl.ac.in

ହସିଲେ । ସତେ ସେଇଥିପାଇଁ ଦେବ ମନ ଭଲ ନାହିଁ । କାହିଁକି ତୋ ଉପରେ ଦୋଷା ଦେଉଚନ୍ତି କି ମାଲ ।

ସେଦିନ ଘଟଣା ସବୁ ନୂଆବୋଉଙ୍କ ଆଗରେ କହିଲି । ନୂଆବୋଉ ସବୁ ଶୁଣି ଶେଷରେ କହିଲେ, ଦେବ ଆମର ସିମିତ ନୁହେଁ । ତତେ ସେ କେତେ ଭଲପାଏ । ସବୁବେଳେ ତୋର କଥା, ତୋର ପ୍ରଶଂସା, ମୋ ମୁହଁରୁ ଶୁଣିଲେ ତା' ମନଟା ଆନନ୍ଦରେ ଫୁଲିଉଠେ— ପୁନେଇଁର ଭସ୍ ନଈ ପରି । ତୋର ପାଇଁ ସେ ପାଗଳ ହୋଇ ଯାଇଥିଲେ, ତୋତେ ନ ପାଇଲେ ସେ ନିଜ ଜୀବନକୁ ଆପେ ଆପେ କାଳଦେବାକୁ ପଛ ଘୁଞ୍ଚା ଦେବ ନାହିଁ । ମୁଁ ତା ହୃଦୟକୁ ଭଲ କରି ଦେଖିଚି । ତୁ ଭୁଲ ବୁଝୁଚୁ ମାଲ—ଦେବ ତୋର । କହିଲି, ନୂଆବୋଉ ତା ହେଲେ ଆମ ଦାଦାଙ୍କ ଝଗଡ଼ାଟା ତମେ ନ ଦେଣ୍ଟାଇଲେ ଆଉ ମେଣ୍ଟାଇବ କିଏ ? ନୂଆବୋଉ ହସି ହସି କହିଲେ, ତୁ ବସ ମାଲ—ମୁଁ ଦେବକୁ ନେଇ ଆସୁଚି ।

ଟିକିଏ ପରେ ନୂଆବୋଉ ଦେବଭାଇଙ୍କି ଟାଣି ଟାଣି ଆଣି ମୋ କଡରେ ଛାଡ଼ିଦେଲେ । କହିଲେ, ଦେବ ମାଲ ସାଙ୍ଗରେ ଟିକେ ଗପ କର—ମୁଁ ଆସୁଚି । ଦେବଭାଇ ବିରକ୍ତଭରା ଗଳାରେ କହିଲେ, କି ଗପ କରିବ । ନୂଆବୋଉ ହସି ହସି କହିଲେ, ଏଇ ଜୀବନର ସୁଖ-ସୁଆଦ ଗପ—ମାଲ ପାଖରେ କିମିତି ଘର କରିବ— କିମିତି ମାଲକୁ ନେଇ ମଧୁଶଯ୍ୟା ରାତିଟା କାଟିବ—ଇମିତି କେତେ ଗପ, ଗେଲ୍ ଅଝା । ଦେବଭାଇଙ୍କ ମୁହଁରେ ଧୋବ କଇଁଫୁଲ୍ ପରି ହସ ଫୁଟି ଉଠିଲା । ଅଭିମାନର ଛାଇ ପରକ୍ଷଣରେ ମିଳାଇଗଲା ।

http://oaob.nitrkl.ac.in

ଉଠୁଲେ ନୂଆବୋଉ ସିମିତ ଚଢ଼ାଇବତ ମୁଁ ପଳାଇଯିବି । ଯିବାକୁ ଗୋଡ଼ ବଢ଼ାଇଲେ ଆଗକୁ । ନୂଆବୋଉ ଜବରଦସ୍ତ ଦେବଭାଇଙ୍କି ପଛକୁ ଠେଲି ଦେଇ କବାଟଟା ବନ୍ଦ କରି ବାହାରୁ କଞ୍ଜିର ଦେଇ ଦେଲେ ।

ମୁଁ ଉଠି ଆସି କବାଟ ବାଡ଼େଇଲି । ନୂଆବୋଉ କବାଟଟା ଖୋଲିଦିଅ—ମୋ ବାଣ । ତଥାପି ସେ ଶୁଣିଲେ ନାହିଁ । ଏହି ସୁଯୋଗ ପାଇ ଦେବଭାଇ ମୋତେ ତାଙ୍କ କୋଳକୁ ଟିକେ ଆଉଜାଇ ନେଲେ । ବଧାଦେଇ ପାରିଲି ନାହିଁ । ସେ ମୋତେ କୋଳରେ ଚାପି ଧରି ବାର ବାର ଚୁମ୍ବନ କଲେ ।

ଟିକିଏ ପରେ ନୂଆବୋଉଙ୍କର ପୁଣି କବାଟ ଖୋଲିବା ଶବ୍ଦ ଶୁଭିଲା । ଦେବଭାଇ ଛାଡ଼ି ଦୂରକୁ ଘୁଞ୍ଚିଗଲେ । କବାଟ ମୁକୁଳା କରି ନୂଆବୋଉ ପଶି ଆସିଲେ । ମୁହଁରେ ତାଙ୍କର ଉଜ୍ଜ୍ୱଳ ହସ ଲହଡ଼ି ଭାଙ୍ଗୁଥି । ଦେବଭାଇ ପଦାକୁ ପଳାଇଲେ । ଲାଜରେ ମୋର ମନେ ହେଲା ସତେ ଯେପରି ମୁଁ ସେଇଠି ମରି ଯାଉଚି । କହିଲି, ନୂଆବୋଉ ତମେ ଭାରି ଦୁଷ୍ଟ । ଏମିତି ମୋତେ ହଇରାଣ କଲେ ଆଉ ଦିନେ ତମ ପାଖ ମାଡ଼ିବି ନାହିଁ । ନୂଆବୋଉ କହିଲେ, ମାଳା ହଇରାଣ କଣ ହେଲଣି । ଦିନ ପରା ଅସୁରା···କେତେ ହଇରାଣ ହେବ । ରାତି ରାତି ଜାଗରରେ ପାହିଯିବ । ସେତେବେଳେ ଆଉ ଏ ନୂଆବୋଉ ବିଚରାର ଦୋଷ ଦେଇ ପାରିବନି । ସେ ଦୋଷଟା ପୁଣି ହେବ କାହାର । ତମର ନାଁ ତମ ଦେବଭାଇଙ୍କର—ନାଁ ତମ ବନ୍ଧୁସର । କାହାର ହେବ ଶୁଣେ । ଲାଜରେ ମୁଁ ଘରକୁ ପଳାଇ ଆସିଲି । ନୂଆବୋଉ ଯେତେ ଡାକିଲେ ଶୁଣିଲି ନାହିଁ ।

❋ ବସ୍ତୁଲଣ ❋

http://oaob.nitrkl.ac.in

❋ ସାତ ❋

ତା'ପର ଦିନଠୁ ଦେବଭାଇ ରୋଜ ରୋଜ ଆମ ଘରକୁ ଆସିଲେ । ହରଣା ଅପେ—ମୁଁ ନୂଆବୋଉ କତିକି ଯାଏ । କେତେ ହସ ଖୁସିରେ ଦିନଗୁଡ଼ା ଭାସି ଗଲେ ସମୟର ସୁଅ ଉପରେ ।

ଛ'ମାସ ପରେ । ସେଦିନ ନୂଆବୋଉ ତାଙ୍କ ବାପା ଘରକୁ ଫେରି ଯାଉଥାନ୍ତି । ଖବର ପାଇ ମୁଁ ଯାଇଥାଏ ତାଙ୍କ ଠିକଏ ଦେଖା କରିବାକୁ । ଦିନ ବାରଟା ବେଳକୁ ତାଙ୍କ ଘରୁ ଗାଡ଼ି ଆସି ପହଞ୍ଚିଲା । ଚାରିଟାବେଳକୁ ସେ ଆମ ଠାରୁ ବିଦାୟ ନେଇ ବାହାରିଲେ । ତାଙ୍କୁ ବିଦାୟ ଦେଲାବେଳେ କେଜାଣି କାହିଁକି ହରଣା ଓ ମୋ ଆଖିରୁ ଲୁହ ଝରି ପଡ଼ିଲା । ସେ ମୋ ହାତ ଧରି କହିଲେ, ଛି କାନ୍ଦୁଛୁ କାହିଁକି—ଚାରିଟାଦିନ ପାଇଁ ଯାଉଛି, ପୁଣି କଣ ଆସିବି ନାହିଁ ।

http://oaob.nitrkl.ac.in

ସୁନା ଭଉଣୀ ମୋର କାନ୍ଦନା । ଏତିକି କହି ତାଙ୍କ ଲୁଗା କାନିରେ ଆମ ଆଖିରୁ ଲୁହ ପୋଛି ଗାଡ଼ିରେ ବସିଲେ । ନୂଆବୋଉ ଚାଲି- ଯାଉଥାନ୍ତି ବୋଲି ଦେବଭାଇଙ୍କ ମନଟା ବି ଭଲ ନ ଥାଏ । ମୁହଁଟା ଶୁଖିଲା ଦିଶୁଥାଏ । ନୂଆବୋଉ ଦେବଭାଇଙ୍କି କେତେ କଥା କହି ବିଦାୟ ନେଲେ । ତା'ପରେ ଗାଡ଼ି ଚାଲିଲା ଚନ୍ଦନପୁର— ନୂଆବୋଉଙ୍କ ବାପ ଘରର ପରିଚିତ ରାସ୍ତା ଉପରେ ।

ନୂଆବୋଉ ଚାଲିଗଲା ପରେ ମୁଁ ଅଉ ଚରଣାଙ୍କ ଘରଆଡ଼େ ଯାଏନା । ଦେବଭାଇ ନିଇତି ଆମ ଆଡ଼େ ଆସନ୍ତି—ଚରଣା ଦିନେ ଦି'ଦିନ ଛଡ଼ାରେ ଆସେ । ହସ, ଖୁସି ନୂଆ ଭାବନା କେତେ ଆଡ଼ର ଅସରନ୍ତି ଗପ ଭିତରେ ପ୍ରାଣ ପୁଲକିତ କରି ଦିନଗୁଡ଼ା ଗଡ଼ିଯାଏ ।

ଆଠଦିନ ହେଲାଣି ଦେବଭାଇ କଟକ ଯାଇଥାନ୍ତି । ଚରଣାର ବି କାହିଁ କି ଦେଖା ନଥାଏ । ଏକଲା ମନଟା ଭଲ ଲାଗୁ ନଥାଏ । ସବୁ- ବେଳେ ଏଣୁ ତେଣୁ ଭାବନା ମନ ଉପରେ ଧାଁ ଧପଡ଼ କରୁଥାଏ— ଘୋଡ଼ା ଦଉଡ଼ ପରି ।

ସେଦିନ ସକାଳେ । ଦୂରରେ...ସେଇ ଝଙ୍କାଳିଆ ଗଛ ଗହଳି ପାହାଡ଼ ଉପରେ ଦିଗବଧୂ ସୁନ୍ଦୀ ଦୀପ ସଜାଡ଼ି ରଖୁଥାଏ । ସକାଳର ଫୁଲ୍ଫୁଲିଆ ବାଆଟା ବଡ଼ ଦୁଷ୍ଟ । ସେ ଦଉଡ଼ି ଦଉଡ଼ି ସମସ୍ତଙ୍କୁ ଛୁଇଁ ଦେଇ ଆମ ବାଡ଼ି ଫୁଲ ବଗିଚାରୁ ଗନ୍ଧଯାକ ଚୋରି କରୁଥାଏ । ସୁକୁମାରୀ ଫୁଲରାଣୀ ବିଚାରି କାଇଁପାଇଁ ଲାଜ ଓଢ଼ଣୀ ଟାଣି ଦେଉ- ଥାଏ । ଗଛ ପତର ଦୁବଘାସ ଉପରେ ସକାଳର କଅଁଳ ଆଲୁଅ ମୁକୁତା ପରି ଝଟକି ଉଠୁଥାଏ । ଟିକିଏ ଦୂରରେ—ସେଇ ତାଳବଣ

http://oaob.nitrkl.ac.in

କବରରେ ଯୋଉ ଶାଗୁଆ ନଈ—ତାର ଉପରେ ସରଗ ରାଇଜର ଆଲୁଅ ରଜାପୁଅ ଆସି ପହଁର ପହଁର ଖେଳୁଥାଏ ।

ଘର ଓଳୋଉଛି । ହଠାତ୍ ଝରଣା ଆସି ପହଞ୍ଚିଲା । ମୁହଁଟା ତାର ଶୁଖିଯାଇଛି—ବେଦନାର କଳାଛାଇ ଯେପରି ତାର ସବୁଜ ଆଲୁଅକୁ ଲୁଚାଇ ଦେଇଛି । ଏତେ ସକାଳୁ ଝରଣା ତ କେବେ ଆସେ ନାହିଁ । ତା ଶୁଖିଲା ମୁହଁକୁ ଦେଖି ମୋ ଅନ୍ତରରେ ଗୋଟାଏ ଅଜଣା ଭୟ ମୁଣ୍ଡ ଟେକିଲା । ପଚାରିଲି, କଲେ ଝରଣା କଣ ହୋଇଛି—ମୁହଁଟା କାହିଁକି ତୋର ଶୁଖିଯାଇଛି । ଝରଣା କହିଲା, ମାଳ ସେ ଘରକୁ ଆ—କହିବ ।

ଦହେଁ ସେଘର ଖଟ ଉପରେ ଯାଇ ବସି ପଡ଼ିଲୁ । ଝରଣା କହିଲା, ମାଳ କାଲି କଟକରୁ ଦ'ଜଣ ଲୋକ ଆସି ଦ'ପହରେ ଆମ ଘରେ ପହଞ୍ଚିଲେ । ବାପା ତାଙ୍କ ପାଇଁ ଭାରି ବ୍ୟସ୍ତ ହୋଇ ପଡ଼ିଲେ । ମୋତେ ତାଙ୍କର ଖାଇବା ପିଇବା ଖବର ବୁଝିବାକୁ ଆସି ତାଗିଦ କଲେ । ପଚାରିଲି, ବାପା ସେ କିଏ କି ? ବାପା କହିଲେ, ସେମାନେ ଦେବ ବାହାଦର ବଖସ୍ତୁରେ ଆସିଛନ୍ତି । ଡେଙ୍ଗା ହୋଇ ଯେଉଁ ଭଦ୍ର ଲୋକ, ସେ ଅମିୟବାବୁ ମୋର ଅତି ସାଙ୍ଗ । ତାଙ୍କ ଝିଅ ସହିତ ମୁଁ ଦେବକୁ ବାହା ଦେବାକୁ ମାସକ ତଳେ ତାଙ୍କୁ ଚିଠିରେ ଜବାବ ଦେଇଥିଲି । ସେ ଆଜି ଆସିଛନ୍ତି । ଘର ଦ୍ୱାର ଠିକେ ଦେଖି ଯିବେ । ଆଉ ମହାପ୍ରସାଦ ନିର୍ବନ୍ଧ କେବେ ହେବ···ଦିନ ଠିକ୍ କରି ଦେଇଯିବେ । ତାଙ୍କ କଥା ଶୁଣି ମୋ ପାଟିରୁ ବାହାରି ପଡ଼ିଲା, ବାପା ଭାଇ ତ ନାହାନ୍ତି—ତାଙ୍କ ମତ ନ ନେଇ ମହାପ୍ରସାଦ ନିର୍ବନ୍ଧ ହେବା

http://oaob.nitrkl.ac.in

ସ୍ଥିର କରିବେ କିପରି ? ସେ ଆସନ୍ତୁ । ବାପା ହସିଲେ । କହିଲେ, ପାଗିଲୀ ହେବ କଣ ମୋ କଥାକୁ ବାହାରିଯିବ । ବାପା ମୁଁ ତାର— ମୁଁ ଯା କହିବି, କଣ ତା ସୁଖ ଶାନ୍ତି ପାଇଁ ନୁହେଁ ? ଅଉ ଝିଅ-ଟିକି ମଧ୍ୟ ମୁଁ ପୁରୀରେ ଦେଖିଛି । ସୁନ୍ଦର ରୂପ—ଲକ୍ଷ୍ମୀଟି ପରି । ମୁଁ କହିଲି, ଯେତେ ହେଲେବି ଦେବଭାଇଙ୍କି ଟିକେ ପଚାରି ଜବାବ ଦେଲେ ଭଲ ହେବ ବାପା । ସେ ମୋ କଥାକୁ କାନ ଦେଲେ ନାହିଁ—ହସି ହସି ଚାଲିଗଲେ । ତାଙ୍କୁ ଜବାବ ଦେଇ ଦେଲେ ଏହି ମାସ ପନ୍ଦରରେ ମହାପ୍ରସାଦ ନିର୍ବନ୍ଧ କରିବାକୁ ।

ଏହିକଥା ଭାବି ଭାବି କାଲି ରାତି ସାରା ନିଦ ହେଇନଲେ ମାଲ—ଗାଲି ତୋର କଥା ବାର ବାର ମନକୁ ଅସ୍ଥିର କରୁଛି । ସତେ କଣ ମାଲ ତୋର ଦେବଭାଇଙ୍କ ପ୍ରତି ସବୁ ସ୍ନେହ-ଶରଧା ଜମିଥ କାଳି ପୋଡ଼ି ପାଉଁଶ ହେଇଯିବ । କାଲିଠୁ ମୋ ମନରେ ଯେତେ ଦୁଃଖ, ତା ତୁ ବୁଝି ପାରିବୁ ନାହିଁ ।

ଝରଣା କଥା ଶୁଣି ମୋର ସାରା ଶରୀରରେ ତୀବ୍ର ବେଦନା ଅନୁଭବ କଲି । ମୁଣ୍ଡଟା କଣ ହେଇଗଲା । ଭାବିଲି, ସତେ କଣ ତେବେ ଦେବଭାଇ ଆଉ କାହାକୁ ବାହାହେବେ—ମୋତେ ଦୂରକୁ ଠେଲିଦେବେ । ମୁହଁର ଭାବ ବଦଳାଇ ଓଠରେ କ୍ଷୀଣ ହସ ଫୁଟାଇ କହିଲି, ଝରଣା କାହିଁକି ଦୁଃଖ କରୁଛ । ମୋଠୁ ସୁନ୍ଦର ଗୁଣିଆ ନୂଆବୋଉ ତମେ ପାଇବ । କେତେ ହସ ଖୁସିରେ ଦିନ କାଟିବ । ମୁଁ କଣ ତମ ଦେବଭାଇଙ୍କର ଯୋଗ୍ୟ ? ଝରଣା କହିଲା, କାହିଁକି ତୁ କଣ ସୁନ୍ଦରୀ ନୋହୁ—ଗୁଣର କି ନୋହୁ ।

❀ ଛତ୍ରିଶ ❀

http://oaob.nitrkl.ac.in

କହୁଲ, ସୁନ୍ଦରୀ, ଗୁଣର ହେଲେ କଣ ହେଲା ହରଣୀ, ମୁଁ ପରା ଗରୀବ । ଗରୀବ କଣ କେବେ ବଡ଼ଲୋକର ସମାନ ହୋଇପାରେ । ଏଇ ଦୁନିଆରେ ଗରୀବ ବୋଲି ଯେଉଁ ଶ୍ରେଣୀଟା ଅଛନ୍ତି ସେମାନେ ବଡ଼ ହତଭାଗ୍ୟଲୋ ହରଣୀ, ସେମାନଙ୍କ ଆଶା କେବେ ପୁରେନା । ଖାଲି ବୃଥାରେ ବଡ଼ଲୋକର ପ୍ରଲୋଭନ ମରିଚୀକା ପଛେ ପଛେ ସେମାନେ ଦଉଡ଼ନ୍ତି । ଶେଷରେ ପାଆନ୍ତି ଚିର ଜୀବନ ପାଇଁ ଖାଲି ହୃଦୟରେ ଗୋଟାଏ ପୋଡ଼ା ଦାଗ ।

ହରଣୀ କହୁଲା, ମାଲ, ବାପା ସୁରଭାଇ ସିନା ତୋତେ ଗରୀବ ଘର ଝିଅ ବୋଲି ଭାବି ଦୂରକୁ ଫିଙ୍ଗି ଦେବେ—କଇଁଫୁଲକୁ ଖାତ-ଗଡ଼ାରେ ପକାଇଲା ପରି । କିନ୍ତୁ ଦେବଭାଇ ନୂଆବୋଉ କେବେ ତୋତେ ପର କରି ପାରିବେ ନାହିଁ । ଦେଖିବୁ—ସେମାନେ ଆସନ୍ତୁ । ମୁଁ ଆଜି ନୂଆବୋଉ କଡ଼କୁ ଚିଠି ଦେଇଚି । ସେ ଥିଲେ ନିଶ୍ଚୟ ବାପାଙ୍କୁ ଦେବଭାଇଙ୍କ ମନକଥା କହିଥାନ୍ତେ ।

କହୁଲ, ଆଉ କାହିଁକି ପୋଡ଼ା ଘାଟରେ ଚନ୍ଦନ ଲିପୁଚୁ । ବଳି ମଉସା ଯେଉଁଠି ଠିକ୍ କରିଚନ୍ତି, ତାକୁ ଭାଙ୍ଗିବାକୁ କେହି ସାହସ କରିବେ ନାହିଁ । ତୁ ସିନା ଦୁଃଖ କରୁଚୁ । କିନ୍ତୁ ମୋ ମନରେ ଟଳେ ହେଲେ କଷ୍ଟ ନାହିଁଲୋ ହରଣୀ, ମୁଁ ଭାରି ଖୁସି । ଦେବଭାଇ ବଡ଼ଲୋକ ଘରେ ବାହା ହେବେ—କେତେ ଧନ ଦଉଲତ ସୁନା ରୁପା ଆଣିବେ । ରୂପବତୀ ଓ ଗୁଣବତୀ ସ୍ତ୍ରୀ ପାଇବେ । ଏହାଠୁ ବଳି ସୌଭାଗ୍ୟ—ସୁଖର କଥା କଣ ଅଛି ।

ହରଣୀ କହୁଲା, ମାଲ ପିଲଟି ଦିନରୁ ତୋ ସାଙ୍ଗରେ ବଢି ଆସିଲି । ତୋ ମନକଥା ମୁଁ ଜାଣି ଜାଣି ତୋ ସାଙ୍ଗରେ କେତେ ଖେଳ

http://oaob.nitrkl.ac.in

ଖେଳିଛି । ନୂଆବୋଉ ନୂଆବୋଉ କେତେ ଡାକିଛି, କେତେ ଚିଡ଼ାଇଛି । ଜାଣୁନଥିଲି ମୋର ଏଇ ଡାକ ପଛରେ କେତେ ସ୍ନେହ, ଆନ୍ତରିକତା ଥାଏ । ସତେ ମାଳ ସେ ସବୁ ଗେଲ ପରିହାସ ସବୁ କଣ ମିଛ । ମୋର ବହୁଦିନର କଳ୍ପିତ ଆଶା ଇମିତ ଝଡ଼ି ବୁନ୍ଦ୍ ବୁନ୍ଦ୍ ହୋଇ ମିଳେଇଯିବ—ହା ହୁତାଶର ଦରିଆରେ । କହୁ କହୁ ଝରଣାର ଆଖିରୁ ଲୁହ ଝରି ପଡ଼ିଲା ।

କହିଲି, ଝରଣା ମୋର କାନ୍ଦିବାର କଥା, ମୁଁ କାନ୍ଦୁନାହିଁ । ହୃଦୟକୁ ପାଷାଣ ପରି ଟାଣ କରି ଦେଇଛି । ଆଉ ତୁ କାନ୍ଦୁଚୁ ! ତୋର କଣ ହୋଇଛି ଲୋ । ସୁଆଡ଼ୁ ହେଲେ ତୁ ନୂଆବୋଉଙ୍କୁ ପାଇବୁଲୋ—କିନ୍ତୁ ମୁଁ । ମୁଁ କଣ ଆଉ ଦେବଭାଇଙ୍କି ପାଇବି । କହୁ କହୁ ମୋର ହୃଦୟ ପରାଣରେ ଭାରି ହୋଇ ଉଠିଲା । ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ । ଆଖିରୁ ଧାର ଧାର ହୋଇ ଲୁହ ଛୁଟିଲା । ଝରଣା ମୋତେ କୋଳକୁ ଟାଣି ନେଇ କହିଲା, ମାଳ କାହିଁକି କାନ୍ଦୁଚୁ । ଜୀବନରେ ଦୁଃଖ କଷ୍ଟ ଝଡ଼ ବତାସ କେତେ ବହିଯିବ । ଏ ତ ସାମାନ୍ୟ । ନିଜକୁ ତା ଭିତରୁ ବଞ୍ଚାଇ ପାରିଲେ ସିନା ଜିତିବ ଭଉଣୀ । ସେ ମୋ ଆଖିରୁ ଲୁହ ପୋଛିବାକୁ ଲାଗିଲା ।

କହିଲି, ଛିଃ ଝରଣା ପୋଉ ଲୁହ ଗଡ଼ିପଡ଼ୁଛି—ତାକୁ ଗଡ଼ିବାକୁ ଦେ । ପୋଛନା, ସେ ଲୁହ ମୋର ବଡ଼ ଆଶା, ଅସୀମ ଲୋଭର ପ୍ରାୟଶ୍ଚିତ ଲୁହ ଲୋ ଝରଣା—ତାକୁ ପୋଛନା । ଆଉ କହି ପାରିଲି ନାହିଁ । ଝରଣା କୋଳରେ କଇଁ କଇଁ ହୋଇ କାନ୍ଦି ଉଠିଲି । ମୋ ଦୁଃଖ ଦରଦୀ ଭାଷା ତା ବୁକୁରେ ଆଘାତ ଦେଲା—ଝରଣା ବି ପିଲାଙ୍କ ପରି କାନ୍ଦି ଉଠିଲା ।

✽ ଅଠଗ୍ଳଣ ✽

http://oaob.nitrkl.ac.in

* ଆଠ *

ଦେବାଶିଷ କଟକରୁ ଫେରି ଆସିଲେ । ବିବାହ ସମ୍ବନ୍ଧ ଶୁଣି ତାଙ୍କ ଦେହରୁ ରକ୍ତ ଶୁଖିଗଲା । ବାପାଙ୍କ ଆଗରେ ଭରସି ଦିନେ ସେ ଭଲ କଥା କହିବାକୁ ସାହସ କରନ୍ତି ନାହିଁ—ଆଜି ସେ ସିଧା ସିଧା ଯାଇ ବେକରେ ଆପତ୍ତି ଉଠାଇଲେ । ମୁଁ ବର୍ତ୍ତମାନ ବାହା ହେବିନି—ମୋର ମନର ଅବସ୍ଥା ଭଲ ନାହିଁ । କିନ୍ତୁ ବାପା ମଣିଷ ସେ ଆପତ୍ତି ଶୁଣିଲେ ନାହିଁ । ଝରଣା ଓ ଦେବାଶିଷଙ୍କ ସବୁ ଚେଷ୍ଟାକୁ ବିଫଳ କରି ମହାପ୍ରସାଦ ନିର୍ବନ୍ଧ ହୋଇଗଲା ।

ଦେବାଶିଷ କଟକରୁ ଫେରିବା ପରେ ଦିନେ ହେଲେ ଆମ ଘରକୁ ଆସି ନାହାଁନ୍ତି । ବୁଝିଲି ତାଙ୍କର ଆଉ ମୋ ଆଗରେ ମୁହଁ ଦେଖାଇବାର ସାହସ ନାହିଁ । ଯେଉଁ ଦେବାଶିଷ ଦିନକୁ ଦି'

http://oaob.nitrkl.ac.in

ତିନିଥର ଦେଖିବାକୁ ମୋ ଭଉଣୀଙ୍କ ଦଉଡ଼ ଆସୁଥାନ୍ତି—ଆଜି ସେ ଦୀର୍ଘ ପନ୍ଦର ଦିନ ହେବ ଥରୁଟିଏ ବି ଭୁଲରେ ଆମ ଘର ମାଡ଼ି ନାହାନ୍ତି। ଭାବିଲି କେହି କାହାର ନୁହେଁ। ଖାଲି ଏଇ ପୁରୁଷ ଜାତିଟା ମନର ଓଲମାନା ମେଣ୍ଟାଇବା ପାଇଁ କେତେ ଆଶାର ବାଣୀ ଶୁଣାନ୍ତି—ଶେଷରେ ନିରାଶାର କରୁଣ ଯବନିକା ଟାଣନ୍ତି। ଝରଣୀ ବି ଆଉ ଆସୁନାହିଁ। କାହିଁକି ବା ଆଉ ଆସିବ। ସେ ତାର ନୂଆ ସାଥୀ ପାଇବ। ସୁଖରେ ହସ ଖୁସିରେ ଅସରନ୍ତି କଥା ଗହଳରେ ଦିନ କାଟିବ।

ଏ କେତେଦିନ ହେଲା ଭାବି ଭାବି ଦିନଗୁଡ଼ା ମୋର ସରୁ ନଥାଏ। ବୋଉ ପଚାରେ, କାଲେ ମାଲ କଣ ହେଉଚି—ମୁହଁଟା କାହିଁକି ଶୁଖେଇଚୁ। ବୋଉ କଥାରେ କିଛି ଉତ୍ତର ନ ଦେଇ ଅନ୍ୟଆଡ଼େ ଚାଲିଯାଏ। ବୋଉ ଖାଲି ମୋର ଗତିପଥକୁ ସନ୍ଦେହ ପୂର୍ଣ୍ଣ ଆଖିରେ ଚାହିଁ ରହେ—କଥା କଣ କିଛି ବୁଝି ପାରେନା।

ସେଦିନ ଖରା ଲେଉଟା ବେଳ। ପୃଥିବୀ ଉପରେ ଛିଟେ ପଣତ ଶେଷ ପାଦ ଟୋପୁଲ ହେଉଥାଏ। ଆଉ ଟିକିଏ ପରେ ସଞ୍ଜ ଆସିବ—ତା ସଙ୍ଗେ ସଙ୍ଗେ ଦିଗହଜା ଅସରନ୍ତି ବହଳ ଅନ୍ଧାର ମାଡ଼ି ଆସିବ। ଘର ଦୁଆର ଦୁନିଆ ହଜିଯିବ—ଚାରିଆଡ଼େ ଅନ୍ଧାର ଖାଲି ଅନ୍ଧାର। ଏଇ ଅନ୍ଧାର ପାଚେରୀ ଭେଦି ଘର ଉଆସରେ ମଣିଷ ଦେହେ ସୁଖରେ ଶୋଇ ପଡ଼ିବ। ତା'ପରେ ସବୁ ଜଞ୍ଜାଳରୁ ଛୁଟି। ଘରେ ଏକଲା ବସି ବସି ଭାବୁଥିଲି, ଇମିତି ମୋ ଜୀବନର ଗୋଟାଏ ଅସରନ୍ତି ଅନ୍ଧାର ଆସନ୍ତା—ମୁଁ ତାର ଭିତରେ ନିଜକୁ

http://oaob.nitrkl.ac.in

ହଜାଇ ଦଅନ୍ତି । ଦୁନିଆରେ ବଞ୍ଚି ରହିବାର ମୋହ—ଭଲ ପାଇବାର ଆଶା—ଆଉ ଏଇ ନିଛାଟିଆ ଦ'ପହରର ସବୁ ଭାବନାରୁ ଛୁଟି ମିଳିଯାନ୍ତା ।

ହଠାତ୍ ଅଦିଣିଆ ଝଡ଼ ପରି ଘର ଭିତରକୁ ପଶି ଆସିଲେ ଦେବଭାଇ; ଭାବନାର ଜଳନ୍ତ ଦୀପଟା ମୋର ଧପ୍ କରି ଲିଭିଗଲା । ତାଙ୍କୁ ଦେଖି ମୋର ସାରା ଶରୀର ରାଗରେ ଜଳି ଉଠିଲା । ରୁକ୍ଷ ମିଶା ସ୍ୱରରେ କହିଲି, ଆଉ କାହିଁକି ଦେବଭାଇ, ପୁଣି କୋଉ ଅଭିଳାଷରେ ପ୍ରଲୋଭନ ଦେଖାଇ ପାଖକୁ ଡାକୁଥିଲ । ମନର କ୍ଷଣିକ ବାସନା ମରିଗଲା ପରେ ପୁଣି ଆଉ କାହାକୁ ପାଇବା ପାଇଁ ଆଜି ତମେ ଅନ୍ୟ ବାଟରେ ଚାଲିଲ; ମୋ ଜୀବନରେ ସାରା ଜୀବନ ପାଇଁ ଅଶାନ୍ତିର ଝଡ଼ ଉଠାଇ । ତେବେ ବି ମନ ଶାନ୍ତି ହେଲା ନାହିଁ । ପୁଣି ତମେ ଦଉଡ଼ି ଆସିଛ ଏଇ ନିଛାଟିଆ ଦ'ପହରରେ—କଥାର ପିୟୁଷ ଢାଳି ଜୀବନରେ ଗରଳ ଭରିଦେବାକୁ । ମୋ କଥା ଶୁଣି ତାଙ୍କ ଆଖିରୁ ଲୁହ ଝରି ପଡ଼ିଲା । କହିଲେ, ମାଳ ଏତେ ଦିନ ମୋର ସ୍ନେହ ଭିତରେ ବୁଡ଼ି ରହି ବି ମୋ ମନକଥା ଆଜିଯାଏ ତୁ ବୁଝି ପାରିଲୁ ନାହିଁ । ମନେ ରଖିଥା ମାଳ ଯୋଉଦିନ ତୁ ମୋ ମନକଥା ବୁଝି ପାରିବୁ—ସେଇଦିନ ପୁଣି ମୁଁ ତୋ କତିକି ଫେରି ଆସିବି, ଯାଉଛି ।

ଆଖିରୁ ଲୁହ ପୋଛି ସେ ଚାଲିଗଲେ । ତାଙ୍କ କଥାର ମାନେ କିଛି ବୁଝିପାରିଲି ନାହିଁ । ସେ ଚାଲିଗଲା ପରେ କେଜାଣି କାହିଁକି ଅଧୀର ହୋଇ ପଡ଼ିଲି । ଆଖିରୁ ଲୁହ ଛୁଟିଲା । ନିଜକୁ ସଂଯତ କରି ନପାରି ତକିଆ ଉପରେ ମୁହଁମାଡ଼ି ବହେ କାନ୍ଦିଲି ।

http://oaob.nitrkl.ac.in

ତା’ ଆରଦିନ ସକାଳର ତେରଛା କିରଣଟା ଆମ ଘର ମଥାନ ଆଉ ପଟରେ ପଡ଼ିଲାଣି । କଦଳୀ ବାହୁଙ୍ଗା ଉପରେ ବସି ଚଢ଼େଇଟା ଚେଁ ଚେଁ ହେଉଛି । ଦୂର ସେଇ ଧାନବିଲ ଆଡୁ ବହି ଆସୁଥାଏ ଶୀତଳ ପବନଟା ।

ବୋଉ ଆସି କହିଲା, ମାଲ, ଦେବ ଭାଇ ରାତିରେ ଘର ଛାଡ଼ି କୁଆଡେ ପଳେଇଛି । ତା ବୋଉ, ବରଣା ଖୁବ କାନ୍ଦୁଛନ୍ତି । ବୋଉ କଥା ଶୁଣି ମୋର ସାରା ଶରୀରରେ ବିଜୁଳି ଖେଳିଗଲା । ପଚାରିଲି, କାହିଁକି ବୋଉ ଦେବଭାଇ ପଳାଇଛନ୍ତି । ବୋଉ କହିଲା, ବଳି ମଉସା ଯୋଉଠି ତାର ବାହାଘର କରୁଛନ୍ତି—ସେଠି କୁଆଡ଼େ ତାର ମନ ନାହିଁ । ସେପଟେ ଜିଦିଲେଣି ବଳି ମଉସା ନଶୁଣିବାରୁ ସେଇଥିପାଇଁ ଦେବ ଭାଇ ରାତିରେ ଘୋଷାହୋଇ କୁଆଡ଼େ ପଳାଇଛି । ଏତିକି କହି ବୋଉ ଘରକାମ କରିବାକୁ ଚାଲିଗଲା । ମୁଁ ଯୋଉଠି ଛିଡ଼ା ହୋଇଥିଲି, ସେଇଠି ଖାଲି ବସି ଭାବିଲି । ସତରେ କଣ ତେବେ ଦେବଭାଇ ମୋ ପାଇଁ ଘର ଛାଡ଼ି ଚାଲି ଯାଇଛନ୍ତି । ଧନ ଦଉଲତ, ଘର ଦ୍ୱାର ସବୁ ଛାଡ଼ି ମୋ ପାଇଁ ସେ କଣ ନିଜକୁ ଉତ୍ସର୍ଗ କରି ଦେଇଛନ୍ତି ଦୁଃଖ ଆଉ ହା-ହୁତାଶ ଭିତରେ । ଭାବନାର ଅଥଳ ଦରିଆରେ କିଛି କୂଳ କିନାରା ପାଇଲି ନାହିଁ ।

ଘଣ୍ଟାକ ପରେ ବରଣା ଆସି ପହଞ୍ଚିଲା । ମୁହଁଟା ତାର ବେଦନାରେ ଭାରି ହୋଇ ପଡ଼ିଛି, ଶ୍ରୀ ନାହିଁ । ହଠେ ଯେପରି ଅଦିନିଆ ମେଘ ଦଳ ଦୁଃଖର ବହଳ ଛାଇ ଢାଙ୍କିଛି—ପୁନେଇଁ ଜହ୍ନପରି ପ୍ରାଣ

http://oaob.nitrkl.ac.in

ମଡାଣିଅ ଚାହିଁଲା ମୁହଁଟିକୁ ତାର। ପଗୁଲିଙ୍କ, ସ୍ୱରଣା, ଦେବଶ୍ରୀଙ୍କ ସହିତ ଜଣେ ପଳାଇଚନ୍ଦ୍ର। ସେ କହିଲା, ଏ ଚିଠି ପଢ଼ ମାଲ— ସବୁ ଜାଣିବୁ।

ସୁନା ଭଉଣୀ ସ୍ୱରଣା,

ଆଜି ତୋର ସ୍ନେହ ବନ୍ଧନଟା କାଟି ମୁଁ ଚାଲି ଯାଉଛି ବହୁ ଦୂରକୁ। ତୋ ଉପରେ ଅଭିମାନ କରି ନୁହେଁ—ମୁଁ ମୋର ବଡ଼ଲୋକର ଆଭିଜାତ୍ୟ, ଧନ ଦଉଲତର ବୃଥା ଅହମିକା ଉପରେ ପଦାଘାତ କରି। ମୋ ଜୀବନଟା ଯଦି ଆଜି ଦୁଃଖର ଦାରୁଦ ନିଆଁରେ ପୋଡ଼ି- ଯାଏ—ତେବେ ମୋ ମନରେ ତିଳେ ହେଲେ ଶୋଚନା ହେବ ନାହିଁ। ଜାଣେ ମୁଁ ବଡ଼ଲୋକ କୁଳରେ ଜନ୍ମ ହୋଇଛି—ସେଇ ପାପର ପ୍ରାୟଶ୍ଚିତ ଫଳ ଇଏ।

କୁଆଡ଼େ ଯିବି କିଛି ଜାଣେ ନା, କିନ୍ତୁ କୁଆଡ଼େ ଯାଏ—ଏଇ ଦୁନିଆ ଭିତରେ ମୁଁ ରହିବି। ସେଥିପାଇଁ ମନରେ ଦୁଃଖ କରିବୁ ନାହିଁ। ମାଲକୁ କହିବୁ ସେ ମୋତେ ଭୁଲିଯିବ ନାହିଁ। ମୋ ହୃତରେ ସମାଧି ଦେବ ନାହିଁ। ଭାବିଥିଲି ମନର ବେଦନା କିଛି କହିଲେ ଜୀବନର ଦୁଃଖର ଭାର ଟିକେ ହାଲୁକା ହୋଇଯିବ। ସେଇଥିପାଇଁ କାଲି ତା ଭେଟିବା ଯାଇଥିଲି। କିନ୍ତୁ ସେ ମୋତେ ଭୁଲ ବୁଝିଲା... ଦୂରକୁ ଠେଲି ଦେଲା। ସେ ମୋତେ ଯେତେ ଦୂରକୁ ଠେଲି ଦେଇଛି —ତାଠୁ ଆହୁରି ଦୂରକୁ ମୁଁ ଚାଲି ଯାଉଛି। ନ ହେଲେ ସେ ଭାବିବ ପୁରୁଷ ଜାତିଟା ଏତେ ସ୍ୱାର୍ଥପର। ସେ ବୁଝୁ ପୁରୁଷ ଜାତିଟା ନାରୀ ପାଇଁ କେତେ ବଡ଼ ତ୍ୟାଗ କରିପାରେ। କିନ୍ତୁ ସେ ମୋତେ ଯଦି

http://oaob.nitrkl.ac.in

ଭୁଲିଯାଏ ମୋ ମନରେ ତିଳେ ହେଲେ ଦୁଃଖ ହେବ ନାହିଁ । କାରଣ ମୁଁ ଜାଣେ ନାରୀ ସହଜରେ ପୁରୁଷକୁ ଭୁଲିପାରେ । ଆଜି ଯେ ଜଣକୁ ଭଲ ପାଉଥାଏ, କାଲି ସେଇ ନାରୀ ଆଉ ଜଣକୁ ନେଇ ସୁନା ସଂସାର ଗଢ଼େ । ଜୀବନ ମଝିରେ ଯଦି ଅକସ୍ମାତ ଥରେ ଅତୀତ ସାଙ୍ଗରେ ଭେଟ ହୁଏ—ତେବେ ସେ ଭୁଲିରେ ଥରେ ପଚାରେନା ।

ଛାଡ଼ ସେ ସବୁ କଥା । ତୋ ବାହାଘର ଆଉ ଦେଖି ପାରିବି ନାହିଁ । ବାପା, ବୋଉ, ସୁରଭାଇ ଅଛନ୍ତି—ସେ ତୋର ନିଶ୍ଚୟ ସୁଖ ଦେଖିବେ ଉପଯୁକ୍ତ ଲୋକ ହାତରେ ତୋତେ ଟେକି ଦେବେ । ମୁଁ ଗୋଟାଏ ଅଲୋଡ଼ା ଅଖୋଜା କାଠ—ତୋ ପାଇଁ ବା କଣ କରିଥାନ୍ତି । ବିଦାୟ ବେଳରେ ଦେଇଥାନ୍ତି ଖାଲି ଟିକେ ଲୁହ—ଦୂରରେ ଥିଲେ ବି ସେଇ ଲୁହ ଟିକକ ମୁଁ ଊଣା କରିବି ନାହିଁ ଝରଣା । ଭୁଲ ଯିବୁ ନାହିଁ । ଗରିବ ଭାଇଟା ତୋର ଆଉବା କଣ ଦଅନ୍ତା ।

ମୁଁ ଫେରିବି—କିନ୍ତୁ ଟିକେ ଡେରିରେ । ସେତେବେଳକୁ ତୋର ବାହାଘର ସରିଥିବ । ସେତେବେଳକୁ ବାପା ବୋଉ ସୁରଭାଇଙ୍କର ବଡ଼ଲୋକିର ଆଭିଜାତ୍ୟ, ଅହମିକା, ଦମ୍ଭ, ଲୋଭ ସବୁ ଆମ ସେଇ ଭଙ୍ଗା ପାଚେରୀ ପରି ଭାଙ୍ଗି ଯାଇଥିବ । ଯେଉ ପୁଣି ଦିନେ ଗର୍ବରେ ମୁଣ୍ଡ ଟେକିଥିଲା ମାଟିର ବୁକୁ ଉପରେ; କିନ୍ତୁ ମାଟି ଯେମିତି ପଡ଼ିଛି ଶାନ୍ତିର ଗୀତ ଗାଇ । ପାଚେରୀର ଜନ୍ମଥା କାଳ ସ୍ରୋତରେ ଲୋଟି ପଡ଼ିଛି ମାଟି ଉପରେ—ମାଟି କିନ୍ତୁ ନଇଁ ନାହିଁ । ସିମିତି ସମୟର ଉଜାଣି ଢେଉରେ ସବୁ ବଦଳି ଯାଏ ଲୋ ଝରଣା—

http://oaob.nitrkl.ac.in

ତେବେ ବି ଦୁଃଖ ହୁଏ; ମଣିଷ ତଥାପି ବି ସେଥିରୁ କିଛି ଶିଖେ ନାହିଁ ।

ଯାଉଛି । ମୋର ଆଶୀର୍ବାଦ ନେବୁ । ମାଳକୁ ଆଶୀର୍ବାଦ ଦେବୁ । ତାକୁ କହିବୁ ସେ ମୋତେ ଅପେକ୍ଷା କରିବ । ଧୈର୍ଯ୍ୟ ହରାଇବ ନାହିଁ । ମୁଁ ପୁଣି ଦିନେ ନା ଦିନେ ଫେରି ଆସିବି । ବିଶ୍ୱାସ ରଖିବ ମୋ କଥାକୁ । ବିଦାୟ ଭଉଣୀ—

ତୋର

ଦେବଭାଇ

ଦେବଭାଇଙ୍କ ଚିଠିଟା ପଢ଼ି ଆଖିରୁ ମୋର ଧାର ଧାର ହୋଇ ଲୁହ ଛୁଟିଲା । କହିଲି, ଝରଣା ବୋଲି ଦେବଭାଇଙ୍କି ମୁଁ ଅପମାନ ଦେଇ ତଡ଼ି ଦେଇଛି । ମୁଁ ନିର୍ବୋଧ—ତାଙ୍କର ମହତ ହୃଦୟକୁ ଚିହ୍ନି ପାରିଲି ନାହିଁ । ସେ ଚାଲିଗଲେ । ମୁଁ ଏଣିକି ହତଭାଗୀଟିଲୋ ଝରଣା, ଭଲ ଭଲ ଦିନ ମୋର ସରିବ ନାହିଁ ।

ମୋତେ ବୁଝାଇବା ପାଇଁ ତା ମୁହଁରେ ଭାଷା ଖୋଜି ସେ ପାଉ ନଥିଲା । ଆଖିରୁ ତାର ଦୁଇଟି ଲୁହ ଧାର ଗଡ଼ି ପଡୁଥିଲା ଗାଲ ଉପରକୁ—ଯେତେ ଯେପରି ହୃଦୟରେ ତାର ଶୀତଳ ପରଶ ବୁଲାଇ ଦେବାକୁ ।

http://oaob.nitrkl.ac.in

✽ ନଅ ✽

ଦେବଦାସଙ୍କ କୁଆଡ଼େ ଚାଲିଗଲେ । ବଲି ମଉସା ଯେତେ ଲୋକ ପଠାଇଲେ ଖୋଜି ଖୋଜି ଦେଖି ପାଇଲେ ନାହିଁ । ଗାଁରେ ହାଟ ବସିଲେ ଦେବ ମାଲକୁ ବାହାହେବ ବୋଲି କୁଆଡେ ପଳେଇଛି । ସେ ପୁଣି ଆସିବ—କେତେଦିନ କୁଆଡ଼େ ରହିବ । ବୋଉ ସବୁ ଶୁଣି ବାପାଙ୍କୁ କହିଲା । ବାପା କହିଲେ, ପିଲାଙ୍କ କଥାରେ କାନ ଦେଉଛ କାହିଁକି । ସେ କହନ୍ତୁ—କେତେଦିନ କହିବେ ।

ମୋତେ କିନ୍ତୁ ଗାଁରେ ସମସ୍ତଙ୍କ ଆଗରେ ମୁହଁ ଦେଖାଇବାକୁ କାହିଁକି ଯାଏ ଲାଜ ମାଡ଼େ—କିଛି ବୁଝି ପାରେନା । ମୁଁ ତ କିଛି ଅପରାଧ କରିନାହିଁ । ବୃଥାରେ ଲୋକଗୁଡ଼ାଙ୍କର ଏତେ ଟାହି ଟାପରା କାହିଁକି ? ବସି ବସି କେତେ ଭାବେ—ଖାଲି ଭାବେ ।

http://oaob.nitrkl.ac.in

ଝରଣା ଆଉ ଆମ ଘରଆଡ଼େ ଆସେନା । କାହିଁକି ସେ ଆସିବ । ମୁଖ ସୁଆଦତ ପୋଡ଼ି ଯାଇଛି । ଆଜି କାହିଁକି ସେ ଚନ୍ଦନ ବୋଳି-ବାକୁ ଧାଇଁ ଆସିବ । ନୂଆବୋଉ ନୂଆବୋଉ କେତେ ଚିଡ଼ାଇବ । ମୁଁ ଖାଲି ରାଗୁଥିବି—କେତେ ଗାଳି ଦେଲେ ବି ସେ କମା ଛଳ କରୁ ନ ଥିବ । ଖାଲି ହସୁଥିବ । ସବୁ ଯାଇଛି । ଅତୀତର ସୁଖ ସ୍ମୃତି ଦିନ ଗୁଡ଼ା ଆଜିର ଦୁଃଖଭରା ବାଦଲ ଅନ୍ଧାର ଭିତରେ ମୁହଁ ଲୁଚେଇଛି । ନିଥର ଆକାଶରେ ଚନ୍ଦ୍ରେଇଟା ଉଦାସ ଗୀତରେ କରୁଣ ରେଖାଟିଏ ଟାଣି ଦେଇଗଲା । ଇମିତି ଦେବଭାଇ ଚାଲିଯାଇଚନ୍ତି ସେଇ ଦୂର ଅରଣ୍ୟକୁ—ମୋ ଜୀବନର ଗୋଟାଏ ଅସୀମ ଶୂନ୍ୟଲତା ଭିତରେ କରୁଣ ରାଗିଣୀର ଲହର ତୋଳି । କେତେ ଭାବେ । ଦିନଯାଏ—ତଥାପି ମୋର ଭାବନାରୁ ଛୁଟି ମିଳେନା ।

ରାତି ଆସେ—ଭାବେ ଟିକେ ଶାନ୍ତିରେ ଶୋଇ ପଡ଼ିବି ବାଦଲ ଶେଯ ଉପରେ । କିନ୍ତୁ ନିଦବାଇଦର ଏଇ ସପନ ରଙ୍ଗା ପୁଅ ଆସି ଆଖି ଆଗରେ ମୋର ସ୍ମୃତିର ଦୀପାଳି ଜାଳିଦିଏ । ନିଦ ହୁଏନା—ଉଜାଗରରେ ସରି ଯାଏ ।

ଭାବୁ ଭାବୁ କେବେ କୋଉଦିନ ତକିଟା ମାସ ଆସି ହଜିଗଲା ସମୟର ଗମ୍ଭୀର ଦରିଆ ବୁକୁରେ.....

ଦେବଭାଇଙ୍କର କୌଣସି ସନ୍ଧାନ ମିଳିଲା ନାହିଁ । ଦେବଭାଇ ଗଲା ଦିନଠାରୁ ବଡ଼ ମଉସାଙ୍କର ଆମ ଘରଉପରେ ରାଗ ରାଗ । ବିନା ଦୋଷରେ ସେ ପ୍ରତିଶୋଧ ନେବେ ବୋଲି ଓର ଉଣ୍ଡୁଚନ୍ତି ।

http://oaob.nitrkl.ac.in

ଝରଣା ସାଙ୍ଗରେ ଦଳେ ଦଳେ ଗାଧୁଆ ତୁଠରେ ଦେଖାହୁଏ । ପୋଖରୀ କୂଳର ବାଉଁଶବୁଦା ଝ୍ଲଷତଳେ ଗାଧୁଆ ତୁଠର ସେଇ ପଥର ପାହାଚ, ତାର ଉପରେ ବସି ଘଡ଼ିଏ ସୁଖ ଦୁଃଖ ହେଉ । ତା ପରେ ଗାଧୋଇ ସେ ଚାଲିଯାଏ—ତା ପଥରେ । ମୁଁ ଫେରିଆସେ ଆମ ଘରକୁ ଖାଲି ବେଦନା ବତୁରି ପରାଣ ମନଟା ନେଇ ।

ସେଦିନ ଚାରିଟାବେଳେ ବାପା ସ୍କୁଲରୁ ଫେରି ଖଣ୍ଡେ ଚିଠି ମୋ ଆଡକୁ ବଢ଼ାଇ ଦେଇ ଚାଲିଗଲେ । ଆଗ୍ରହରେ ଖୋଲି ପଢ଼ିଲି ।

ମାଳି,

ଅନେକଦିନ ହେବ ଚିଠି ଖଣ୍ଡେ ଦେବି ଦେବି ବୋଲି ଭାବୁଛି । କିନ୍ତୁ ଦୁଆତ କଲମ ଆଣି ଲେଖିଲା ବେଳକୁ ମନରେ ପ୍ରଶ୍ନ ଉଠୁଛି କଣ ଲେଖିବି ? ଯାହା ଲେଖିବାର ଥିଲା, ଯାହା କହିବାର ଥିଲା—ସବୁତ ଆପଣା ମନକୁ ତମ ମନରେ ଲେଖି ହୋଇ ଯାଇଥିବ । ମୁଁ ଆଉ ଲେଖିବି କଣ ? ବାର ବାର ଏଇ ପ୍ରଶ୍ନ ମୋ ମନକୁ ବିଚଳିତ କରି ଦେଉଛି । କିନ୍ତୁ ଲେଖି ପାରୁନି । ଦୁଃଖରେ ବତିଟାକୁ ଲିଭାଇ ଦେଇ ଶୋଇ ଶୋଇ ଭାବୁଛି ତମର ସ୍ନେହ ଶରଧାର ଚରମ ବିଫଳତା କଥା । କେତେବେଳେ ଆଖିରେ ଲୁହ ଆସି ତମ ଜୀବନର ସ୍ମୃତିକୁ ମୋ ଜୀବନ ସହିତ ମିଶାଇ ଦେଲାଣି, ଜାଣି ପାରେ ନାହିଁ ।

ସତେ ମାଳି, ତମ ଗାଁକୁ ଫେରି ଯିବାକୁ ମୋର ଆଉ ମୋଟେ ମନ ନାହିଁ । ଖାଲି ଭାବୁଛି ତମକୁ କିପରି ମୁହଁ ଦେଖାଇବି । ତମେ କଣ ମୋର ଅପରାଧ ପାଇଁ କ୍ଷମା କରିବ । ଦେବ କଣ କ୍ଷମା ଦେବାକୁ

http://oaob.nitrkl.ac.in

ପୁଣି ଫେରି ଆସିବ । ଇମିତି ଖୁବ ଖୁବ ଦିନ ଯାଉଚି । ଆଜି ତୁମର ଗୋଟିଏ ଦିନର ସ୍ମୃତି ଏତେ ମୋତେ ଅଧୀର କଲା ଯେ, ଚିଠି ଖଣ୍ଡିକ ନ ଲେଖି ରହି ପାରିଲିନାହିଁ । ଜାଣେନା ଏ ଚିଠି ଖଣ୍ଡିକ ପଢ଼ି ନୂଆବୋଉଙ୍କୁ ଆଜି ତମେ କେଉଁ ଆଖିରେ ଦେଖିବ । ଇତି ।

ତୁମର

ନୂଆବୋଉ

ଚିଠିଟା ପଢ଼ି ସେଦିନ ସାରା ରାତିଟା ଝୁରୁ ଝୁରୁ ଗୁହିଁ ଦେଖିଲି ସକାଳର କଅଁଳ ଆଲୁଅ କେତେବେଳେ ଆସି ଧରାରେ ଚେତନା ଦୀପ ଜାଳି ଦେଲାଣି ।

ଏଇମାସ ବାଇଶିରେ ଝରଣାର ବାହାଘର । ଦି'ଦିନ ହେଲା ନୂଆବୋଉ ଆସିଛନ୍ତି । ଭାରି ମନ ହେଉଥାଏ ଥରେ ତାଙ୍କୁ ଦେଖି ମନର ସବୁ ପରିଶ ଭରା କଥା ଗୁଡ଼ା କହି ଦିବାକୁ । କିନ୍ତୁ କାହିଁ ନୂଆବୋଉ ତ ଅଜ କାହିଁକି ଟିକିଏ ଡାକୁ ନାହାନ୍ତି । ଝରଣା ତ ଆଉ ଦଉଡ଼ି ଦଉଡ଼ି ଆସି ତାଙ୍କ କଥକ ଛାଣି ନେଉ ନାହିଁ । କାହିଁକି ବା ଆସିବେ । ଦେବଭାଇ ଯାଇଛନ୍ତି । ତା ସଙ୍ଗେ ସଙ୍ଗେ ଝରଣା, ନୂଆବୋଉ ମୋତେ ପର କରି ଦେଇଛନ୍ତି—ମନରୁ ଭୁଲି ଯାଇଛନ୍ତି ।

ରାତି ପାହିଲେ ଝରଣାର ମଙ୍ଗନ—ପଅର୍ଦିନ ବାହା । ସଞ୍ଜିପହର ଗଡ଼ିଗଲାଣି । ଦ୍ୱିତୀୟାର ବଙ୍କା ଜହ୍ନର ସବୁ ହସ ଲିଭି ଲିଭି ଆସୁଥାଏ । ସତରେ ସେପରି ସରଗ ସଭଳ ହିଁଅ ଏଇ ଗୃହ ସୁକୁମାରୀ ଅନ୍ଧାର

http://oaob.nitrkl.ac.in

ରଜାକୁ ଦେଖି ବଉଦ ସବାଙ୍ଗରେ ବସି ଲୁଣ ଯାଉଥାଏ । ସେଇଥି-ପାଇଁ ବେଦନାରେ ମଳିନ ଦିଶୁଥାଏ ତାର କୁନ୍ଦକୁନିଆ ଟିକି ମୁହଁଟି । ଚନ୍ଦ ସୁକୁମାରୀର ଅସୁମାରୀ ତାରା ସଖୀଗଣ ଛଳଳ ନୟନରେ ଚୁହିଁ ରହିଥାନ୍ତି—ତାରି ଅଡ଼କୁ । ଅନ୍ଧାର ରଜାକୁ ଦେଖି ସରଗ ମରତରେ କରୁଣ ମୂର୍ଚ୍ଛନା ଖେଳି ବୁଲୁଥାଏ ।

ସ୍ୱରଣାକୁ ଦେଖି ଚମକି ପଡ଼ିଲି । କହିଲି, ଏତେ ଦିନ ପରେ ମାଳ କଥା ମନେ ପଡ଼ିଲା କିଲୋ ସ୍ୱରଣା । ସ୍ୱରଣା ମୋ ହାତଧରି କହିଲା, ମାଳ ତୋ କତିକି ଆସିବାକୁ କଣ ମୋର ଇଚ୍ଛା ନାହିଁ ? କିନ୍ତୁ ଆସିଲବେଳେ ତୋର ଏଇ ମଳିନ ମୁହଁଟାକୁ ଦେଖିଲେ ମୋତେ ଭାରି କାନ୍ଦ ମାଡ଼େ—ଦେବଭାଇଙ୍କ କଥା ମନେ ପଡ଼େ । ସେଥିପାଇଁ ଜାଣି ଜାଣି ଆସେନା । କହିଲି ଆଜି କାହିଁକି ଆସିଚୁ । ବାହାହେଇ ଯାଉଚୁ ବୋଲି ଟିକିଏ ସ୍ନେହ ମିଶା ମିଠା କଥା କହି ମମତା ଲଗେଇ ଦେଇଯିବାକୁ ନାଁ । ହଁ, ଦେବଭାଇ ଗଲେ—ତୁ ବି ଯିବୁ—ଯା । ମୁଁ କିନ୍ତୁ ଏଇଠି ଅଲୋଡ଼ା ଦରବ ପରି ପଡ଼ି ରହିବିଲୋ ସ୍ୱରଣା—ମୋ ଜୀବନରେ ଆଉ କେବେ ମଳୟର ପରଶ ଆସିବ ନାହିଁ । ଖାଲି କାନ୍ଦି କାନ୍ଦି ସାରାଜୀବନଟା ନିଦାଘର ତତଲା ବାଲି ପରି ସବୁବେଳେ ହତାଶାର ବେଦନାରେ ପୋଡୁଥିବ—କେବେ ଟିକିଏ ଶାନ୍ତି ଆସିବ ନାହିଁ । ଆଖିରୁ ଲୁହ ଝରି ପଡ଼ିଲା, ସ୍ୱରଣା କହିଲା, ମାଳ କାନ୍ଦୁଚୁ—କାନ୍ଦ । ଆଜି ଦିନକ ତୋର ବେଦନା ବିଧୁର ମୁହଁକୁ ଦେଖି ମୁଁ ବି ଟିକିଏ ଦେବଭାଇଙ୍କ ସ୍ମୃତିଟାକୁ ଜୀବନ ଭରି ପାଥେୟ କରିବାକୁ ତୋରି ସାଥୀରେ ମନ ଇଚ୍ଛା କାନ୍ଦି ନିଏ । ମୋର ବାହାଘର କାହିଁ କେତେ ଦୂରରେ ଆଜି

http://oaob.nitrkl.ac.in

ଦେବଭାଇ ଭାବୁଥିବେ—ତୁ ଭାବୁଚୁ । ଆଉ ମୋର ଭାବିବାର କଥା, ଭାବିବ ନାହିଁ । କହୁ କହୁ କାନ୍ଦି ପକାଇଲା । ବୋଉ ଆସିଲା । ଆମ ଦିହିଁଙ୍କ କାନ୍ଦଣା ଦେଖି ସେ ବି ବହେ କାନ୍ଦିଲା । ହରେଣୀ ବୋଉ ଭଡରେ କାନ୍ଦି କାନ୍ଦି କହିଲା, ପରଝିଅ ବୋଲି ଭୁଲି ଯିବନି ମାଉସୀ—ମନେ ରଖିଥିବ । କେତେ କାନ୍ଦି କାନ୍ଦି ହରେଣୀ ସେଦିନ ବିଦାୟ ନେଲା । କହିଗଲା, ଭୁଲି ଯିବୁନି ଲୋ ମାଳ—ଚିଠି ଖଣ୍ଡେ ଖଣ୍ଡେ ଦେବୁ ।

ଦେବଭାଇ ଆଜି କାହିଁ କେତେ ଦୂରରେ·····ହରେଣୀ ଯାଇଁ ଶାଶୁ ଘରେ । କାଲି ଯାହାଙ୍କ ପାଖରେ ବସି ଦିନଗୁଡ଼ା କଟି ଯାଉଥିଲା—ଆଜି ସେମାନଙ୍କୁ ସପନରେ ଖାଲି ଟିକେ ଦେଖିବାକୁ ମିଳୁଛି ମାତ୍ର ।

ସେଦିନ ବାପା ଖାଇ ବସିଲାବେଳେ ବୋଉ କହୁଥାଏ, ମାଳ ବାହାଘର କଣ କରିବ ନାହିଁ । କାହିଁ କେଉଁଠି ତ ତା ପାଇଁ ଟିକେ ନଜର ପକାଉ ନାହଁ । ଝିଅର ବୟସ କଣ ହେଉ ନାହିଁ ନା କଣ । ବାପା କହିଲେ, କଣ କରିବି—ଆଜିକି ମାସେ ହେଲାଣି ଅନେକ ଜାଗାରେ ସନ୍ଧାନ ନେଲିଣି କେଉଁଠି ଯୁଟୁନାହିଁ । ଗୋପାଳ ଭାଇ କାଲି ଗୋଟାଏ ଜାଗା କଥା କହୁଥିଲେ । ପିଲାଟି କୁଆଡ଼େ ବି. ଏ. ପାଶ୍ କରି କଟକରେ ଚାକିରି କରୁଚି । ବେଶି ବଡ଼ଲୋକ ନୁହଁନ୍ତି—ଆମରି ପରି ମଧ୍ୟବିତ୍ତ ଘର । ଭାବୁଚି ଆର ରବିବାର ଗୋପାଳ ଭାଇଙ୍କୁ ସାଙ୍ଗରେ ନେଇ ସେଠିକି ଯିବି । ଯଦି ସେମାନେ ରାଜି ହୁଅନ୍ତି, ହୁଏତ ସେଇଠି ମାଳର ବାହାଘର ଏଇ ଆଷାଢ଼ରେ

http://oaob.nitrkl.ac.in

କରି ଦେବ । ବୋଉ କହୁଲା, ଯେତେ ଚଞ୍ଚଳ ପାର ମାଳର ବାହାଘର କରିଦଅ — ଇମିତି ହେଲା ହେଲାରେ ସମୟ ଗଡ଼ି ଯାଉଛି — ତା ସଙ୍ଗେ ସଙ୍ଗେ ଝିଅର ବୟସ ବି ଗଡ଼ି ଯାଉଛି । ବାପା କହିଲେ, ହଁ ମାଳବୋଉ ମାଳକୁ ଗୋଟିଏ ଯୋଗ୍ୟ ପାତ୍ର ହାତରେ ଅର୍ପଣ କରିଦେଲେ ମୋର ଛୁଟି । ବାପା, ବୋଉଙ୍କର ଏଇ କଥା ବାର୍ତ୍ତା ମୁଁ ଏପାଖ ଘରେ ଥାଇ ସବୁ ଶୁଣିଲି । ଭାବିଲି, ତେବେ କଣ ଅନ୍ୟ ଜଣଙ୍କୁ ପତିରୂପେ ବରଣ କରିବାକୁ ହେବ । ଦେବଭାଇଙ୍କୁ ଭୁଲି ଯିବାକୁ ହେବ ! କିନ୍ତୁ ଦେବଭାଇ କହି ଯାଇଛନ୍ତି, ମାଳ ଅପେକ୍ଷା କରିବୁ — ଧୈର୍ଯ୍ୟ ହରାଇବୁ ନାହିଁ । ମୁଁ ନିଶ୍ଚୟ ଫେରିବି । ମୁଁ ବାହାହୋଇ ଗଲା ପରେ ସେ ଯଦି ଫେରି ଆସନ୍ତି — ତେବେ ସେ କଣ ଭାବିବେ । ଭାବିବେ, ମାଳ ମୋତେ ଭୁଲି ଯାଇଛି, ମୋର ସ୍ମୃତିରେ ସମାଧି ଦେଇ ସେ ସୁଖର ସଂସାର ଗଢ଼ିଛି । ସେ ମୋପାଇଁ ଘର ଦୁଆର ଧନ ଦଉଲତ ସବୁ ଛାଡ଼ିଦେଲେ ନିଜ ଜୀବନକୁ ହତଛଡ଼ା କରି — କିନ୍ତୁ ମୁଁ । ମୁଁ ତାଙ୍କୁ ଭୁଲି ଅନ୍ୟର ସ୍ତ୍ରୀ ହେବି କିପରି ? ଅନ୍ୟକୁ ଭଲ ପାଇବି କେଉଁ ମନରେ ? ଭାବି ଭାବି କିଛି ସ୍ଥିର କରି ପାରିଲି ନାହିଁ ।

ସେ ଦିନ ଖରାବେଳେ । ଡାକ ପିଅନ ଖଣ୍ଡେ ଚିଠି ଦେଇଗଲା । ଭାବିଲି ଦେବଭାଇ ଦେଇଛନ୍ତି କି ଆଉ । ଖୋଲି ଦେଖିଲାବେଳକୁ ଝରଣାର ଚିଠି ।

ଅତି ଆଦରର ଭଉଣୀ ମାଳ,

ବାହା ହେଲା ପରେ ମୋର ଏ ଚିଠି ଖଣ୍ଡିକ ପାଇ ଚମକି ଉଠିବୁ ନାହିଁ । କାହିଁକି ନା ମୁଁ ସୁଖରେ ସଂସାର କରିବାର ଯୋଉ ସ୍ୱପ୍ନ

http://oaob.nitrkl.ac.in

ଦେଖିଥିଲି ସେ ସ୍ବପ୍ନ ମୋର ଖାଲି ଲୁହପରି ମିଳାଇ ଯାଉଛି । ଆଶା ନେଇ ଆସିଥିଲି—ଯୋଉ ଆଶା ନେଇ ମଣିଷ ବଞ୍ଚିବାର ଶାନ୍ତିରେ ଘର କରିବାର ଛବି ଦେଖେ । ସେଇ ଆଶାଟିକ ଆଜି ମୋ ଜୀବନର ବହୁ ଦୂରରେ ଦାର୍ବଳସ୍ପୁର ଅନ୍ଧାର ସେପଟେ ଧୂସର ମରୁଭୂମିରେ ହଜି ଯାଇଛି । ମଣିଷ କଣ ଆଶା କରେ—କିନ୍ତୁ ପାଏ କଣ ? ମୁଁ ଆଶା କରିଥିଲି ଦେବଭାଇଙ୍କୁ—ଦେବଭାଇ ଆଶା କରିଥିଲେ ମୋତେ । କିନ୍ତୁ ଦେବଭାଇ କୁଆଡ଼େ—ମୋର ସୁଖ କାହିଁ, ଆନନ୍ଦ କାହିଁ, ସେ ଆଜି କୁଆଡ଼େ । ସବୁ ଯାଇଛି । ଖାଲି ଅଛି ମନର ଅମାପ ଦରଦୀବୋଲି ସୃଷ୍ଟିର କାଗରଣୀ ଛନ୍ଦ ଭିତରେ ଦ' ଦଣ୍ଡ ବଞ୍ଚିଲ ଜୀବନର କରୁଣ ଝଙ୍କାର ।

ତୋଠାରୁ ପରେ ମୁଁ ଗୋଟିଏ ଅଭାଗୀକୁ ମାଳ ବାନ୍ଧିଦେଲି ପର ଦିନଠାରୁ ଶାନ୍ତିରେ ଦିନେ ହେଲେ କଟି ନାହିଁ । ସେ ମୋତେ ବାହା ହୋଇଚନ୍ତି, ଖାଲି ନାଁକୁ ବାହା ହୋଇଚନ୍ତି ସିନା—କିନ୍ତୁ ସବୁ କଥା ତାଙ୍କର ବିଧବା ଭାଉଜ କାନରେ । ମୋଠୁ ସେ ତାଙ୍କୁ ଅଧିକ ଭଲ ପାଆନ୍ତି । ଦିନେ ଦିନେ ରାତିଟାରେ ମୋ କୋଳରୁ ଉଠି ତାଙ୍କର କୋଳକୁ ଚାଲି ଯାଆନ୍ତି । ସେତେ କହିଲେ ସେ ଶୁଣନ୍ତି ନାହିଁ । ଦିନେ ତାଙ୍କୁ ପଚାରିଲି, ତମ ମନରେ ଯଦି ଏଇ ବାସନା ଥିଲା—ତେବେ ମୋତେ ବାହା ହେଲ କାହିଁକି ? ବିଧବା ଭାଉଜକୁ ନେଇ ତମେ ବି ଘରସଂସାର କରି ପାରିଥାନ୍ତ । ସେ ଶୁଣି ହଠାତ୍ ରାଗିଗଲେ ମୋ ଗାଲରେ ଠୋ କରି ଚାପୁଡ଼ା ବସାଇ ଦେଲେ । କହିଲେ, ଏଭଳି କଥା କହିବାର ସାହସ କେଉଁଠୁ ପାଇଲୁ । କାନ୍ଦି କାନ୍ଦି ଶାଶୁଙ୍କୁ ଯାଇ ଏତେ କହିଲି । ଶାଶୁ ସବୁ ଶୁଣିଲେ । କିନ୍ତୁ ଶାଶୁ, ଶ୍ବଶୁର ପୁଅକୁ ଡର କରନ୍ତି—ସେ କିଛି କହିଲେ ନାହିଁ ।

http://oaob.nitrkl.ac.in

ସେହି ଦିନଠୁ ସେ ମୋ ଛାଇ ମାଡ଼ନ୍ତି ନାହିଁ । ସେ ଅଲଗା ମୁଁ ଅଲଗା । ବାପା ମୋତେ ଗୋଟାଏ ବଡ଼ ଘରେ ଲକ୍ଷ୍ମୀପତି ଲକ୍ଷ୍ମଣ ସିଂହ ବାହାଦୂର ଘରେ ବାହା ଦେଇଥିଲେ ସୁଖରେ ରହିବାକୁ । ବେଶ ସୁଖ ଆଜି ମୁଁ ହାଡ଼େ ହାଡ଼େ ଅନୁଭବ କରୁଚି ଲେ ସ୍ୱରଣା —ଭାବୁଚ ମରିଗଲେ ସବୁଥିରୁ ଛୁଟି । କିନ୍ତୁ ଦେବଭାଇଙ୍କୁ ଦେଖିବି ବୋଲି ବଞ୍ଚି ରହିଚି । ସେ ଆସିଲେ ତାଙ୍କୁ ଥରେ ପ୍ରାଣ ଉଛୁଡ଼ା ସବୁ କଥା କହିବି—ପ୍ରାଣ ଭରି ଦେଖିବି । ତା, ପରେ ମୋ ପଥ ମୁଁ ବାଛି ନେବି । ମଉସା, ମାଉସୀଙ୍କୁ ପ୍ରଣାମ ଦେବୁ । କହିବୁ, ସ୍ୱରଣା ଖୁବ୍ ସୁଖରେ ଅଛି । ଆଜି ଏତିକିରୁ ବିଦାୟ ନେଲି । ଚିଠି ଦେବୁ ।

ତୋର ସ୍ୱରଣା

ସ୍ୱରଣାର ଚିଠିଟା ପାଇ ମନଟା ଦୁଃଖରେ ଭରି ହୋଇ ଉଠିଲା ଅହା ଯିଏ ଦିନେ ଦୁଃଖ ବୋଲି କଣ ଜାଣି ନ ଥିଲା । ଆଜି ସେ ନିଜ ଅଙ୍ଗେ ନିଭେଉଚି—ହାଡ଼େ ହାଡ଼େ ଅନୁଭବ କରୁଚି । ବିଚିତ୍ର ଏ ଦୁନିଆ—ବିଚିତ୍ର ଏ ଜୀବନର ଗତି ।

ଯେଉଁ ଦିନ ଶୁଣିଲି ମୋ ବାହାଘର ବାପା, ଗୋପାଳ ଦାଦା ସେଇଠି ଠିକ କରି ଆସିଚନ୍ତି—ସେଦିନ ଦେହରୁ ମୋର ଜୀବନ ଛାଡ଼ିଗଲା ପରି ଲାଗିଲା । ଭାବିଲି, ସତେ କଣ ମୁଁ ବାହା ହେବି । ଦେବଭାଇଙ୍କି ଅପେକ୍ଷା କରିବି ନାହିଁ । ସେ କଣ ସତେ ଆସିବେ । କାହିଁ ଏତେ ଦିନ ହେଲା ଭୁଲରେ ବି ମୋ କତକ ଖଣ୍ଡିଏ ଚିଠି ଦେଲେ ନାହିଁ । ଅତୀତର ସ୍ମୃତିରେ ମନଟା ଖାଲି ଘାରି ହେଲା ।

http://oaob.nitrkl.ac.in

ନୀରବରେ ବସି କେତେ ଆଖି ଲୁହ ଢାଳିଲି । ବାପା, ତୋର ମୋର ଶୁଖିଲା ମୁହଁ ଲୁହ ଭରା ଆଖି ଦେଖି କେତେ ବୁଝାଇଲେ, ମାଳ, ଝିଅ ଜନମ ପାଇ ସମସ୍ତେ ଘର ସଂସାର କରନ୍ତି—ମା'ଠାପରା କାହିଁକି କାନ୍ଦୁଛୁ । ମୋର ଅନ୍ତରର ଗୋପନ ଭାଷା କେହୁ ବୁଝିଲେ ନାହିଁ । ଖାଲି ଦେଖିଲେ ଝିଅ କାନ୍ଦୁଚି । କିନ୍ତୁ ଜାଣିଲେ ନାହିଁ ଏହି କାନ୍ଦଣା ତଳେ ଜଡ଼ି ରହିଛି ଜୀବନର କେତେ ନିଗୂଢ଼ କରୁଣ ବୋଲା ଇତିହାସ—କେତେ ମୁଣ୍ଡ ଟେକିଛି ଝିଅ ମନର କଳ୍ପିତ ଆଶା ।

ବାଧହୋଇ ଦେବଭାଇଙ୍କ ସ୍ମୃତିକୁ ଅଲୋଡ଼ା ଦରବ ପରି ଯୋଉଦିନ ଦୂରକୁ ଠେଲି ଦେଲି—ସେଇଦିନ ବିବାହର ମଙ୍ଗଳ ଶଙ୍ଖ ବାଜି ଉଠିଲା । ବେଦୀ ଉପରେ ଅଗ୍ନିକୁ ସାକ୍ଷୀ କରି ବୋଉ ଅଦେଖାହାତ ସହିତ ହାତ ମିଳାଇ ହାତ ଗଣ୍ଠି ପଡ଼ିଲା । ହୁଳହୁଳି ମଙ୍ଗଳ ମହୁରୀ ପୁରୋହିତ ମନ୍ତ୍ର ଗାନ ଭିତରେ ମିଳନର ଛନ୍ଦ ବାଜି ଉଠିଲା ପ୍ରାଣରେ ମୋର । ମୁଁ କ୍ଷଣିକ ପାଇଁ ଭୁଲିଗଲି ଜୀବନର ସବୁ ଅବସାଦ—ଭୁଲିଗଲି ଅତୀତର ପ୍ରବଣ ଭରା ଦୁଃଖର ଆଘାତ ଉପରେ ଆଘାତ ।

ଆଜି ବର ବାହୁଡ଼ା । ଦି'ପହରକୁ କାନ୍ଦି କାନ୍ଦି ବାପା ବୋଉଙ୍କଠାରୁ ବିଦାୟ ନେଲି । ନୂଆବୋଉ ଏତେଦିନ ପରେ ମୋତେ ଆସିଥିଲେ ଦେଖିବାକୁ । ତାଙ୍କୁ ଦେଖି ବିକଳ ହୋଇ କାନ୍ଦି ଉଠିଲି । ସେ ମୋତେ ଧରି କେତେ କାନ୍ଦିଲେ । କହିଲେ, ମାଳ ଯା—ଯାହାଙ୍କ ହାତ ଧରିଚୁ—ତାଙ୍କ ସହିତ ତୋର ଏଇ ଅପରନ୍ତି ଦିନ ଗୁଡ଼ା

http://oaob.nitrkl.ac.in

ସୁଖରେ କଟୁ । ଗାଁର ଝିଅ ବୋହୂ ସମସ୍ତଙ୍କଠାରୁ ବିଦାୟ ନେଇ ଯେତେବେଳେ ମୋତେ ସବାରିରେ ବସାଇଲେ ମୁଁ ଭେ ଭେ ହୋଇ କାନ୍ଦି ଉଠିଲି । ବେହେରା ସବାରି ଉଠାଇ ଧାଇଁଲେ ।

ଅତି ପରିଚିତ ଏଇ ଘର ଦୁଆର, ବାପା, ବୋଉ, ସାଙ୍ଗ ସାଥୀ ସବୁ ଛାଡ଼ି ଆଜି ମୁଁ ଏକଲା । ମନରେ କୋହ ଭୁହାଇ ଭୁହାଇ ଉଠୁଥାଏ । ସବାରି ଫାଙ୍କରୁ ଗାଁର ସେଇ ଅଶୋକ ଗଛଟା ଦିଶିଲା । ଏ ପାଖରେ ପୋଖରୀ । ଟିକିଏ ଦୂରରେ ଗାଁର ସେହି ପ୍ରିୟ ଚଟଶାଳୀ । ଏଇ ଅଶୋକ ଗଛତଳେ ଜୀବନର କେତେ ନିଛୁଟିଆ ଦ'ପହର ବିତଚି ଦେବଭୁବଙ୍କ ସାଙ୍ଗରେ । ଏଇ ପୋଖରୀ ତୁଠର ପଥର ପାହାଚ ଉପରେ ବରଣୀର ମୋର କେତେ ଅପରନ୍ତି କଥାର ସୁଅ ଛୁଟିଛି—ଶୁଣିଛି ଖାଲି ସେଇ ପୋଖରୀ ହୁଡ଼ାର ବାଉଁଶ ବୁଦା ଗହଳି । ଏଇ ଚଟଶାଳୀ ଜୀବନରେ ପଢ଼ିଲି ଉଷାର ନୂଆ ଆଲୋକ ପରି ଆମ ମନରେ କେତେ ଚେତନାର ଦୀପ ଜାଳି ଦେଇଛି—ଯାର ଭିତରେ ଜୀବନର କେତେ ସ୍ମୃତି ଜଡ଼ି ରହିଛି । ଟିକିଏ ଦୂରରେ···ଧାନବିଲ, ନଈ । ସବୁ ଅତିକ୍ରମ କରି ସବାରି ଛୁଟିଲା । ସବାରି ଫାଙ୍କରୁ ଥରେ ଗାଁ ଭୂଇଁକୁ ଭଲ କରି ନିରେଖି ନେଲି । ମନ ହେଲା ଗାଁର ସେହି ଗୋଡି ମାଟିକୁ ବୁକୁରେ ଚାପି ଧରି ରହିଯିବାକୁ, ମୁଁ ଯାଉଛି—ଆଜିଠୁ ତମର ମୁଁ ପର ।

ଗଛ ଗହଳି, ନଈ, ଧାନବିଲ ଅତିକ୍ରମ କରି ସବାରି ଛୁଟିଲା ବାଟେ ବାଟେ—ପଛରେ ଲୁଚିଗଲା ଚିର ପରିଚିତ ଗାଁ ଭୂଇଁଟି ମୋର । ଆଖିରୁ ଲୁହ ଧାର ଧାର ହୋଇ ଛୁଟିଲା । ମନେହେଲା

http://oaob.nitrkl.ac.in

ଦୁନିଆର ନୂଆ ବାଟରେ ଆଜଠୁ ମୁଁ ଏକଲା । ଆଜି ମୋ ସାଙ୍ଗରେ ମୋ ଘର ଦୁଆର, ଫୁଲ ବଗିଚା, ବାପା ବୋଉ, ସାଙ୍ଗ ସାଥୀ କେହି ଆସି ନାହାଁନ୍ତି—ସମସ୍ତେ ମୋତେ ପର କରି ଦେଇଛନ୍ତି । ସମସ୍ତେ କହୁଛନ୍ତି ଝିଅ ଜନମ ତ ପର ଘରକୁ—କାହିଁକି କାନ୍ଦୁଚୁ ମାଲ । ସବୁ ଦୁଃଖ ଭୁଲି ଯା । ଜୀବନର ନୂଆ ସଂସାରକୁ ସୁନ୍ଦର କରି ଗଢ଼ି ପାରିଲେ ସିନା ସମସ୍ତେ କହିବେ ତୁ ବୁଦ୍ଧିମତୀ ।

http://oaob.nitrkl.ac.in

❋ ଦଶ ❋

ସେଦିନ ରାତି ଦ'ଘଡ଼ି ବେଳକୁ ଆସି ଶାଶୁଘର ଗାଁରେ ପହଞ୍ଚିଲୁ । କେତେ ମାଇପେ ଆସି ସବାରୀରୁ ଓହ୍ଲାଇ ମୋତେ ଘର ଭିତରକୁ ନେଇଗଲେ । ଘର ଭିତରେ କବାଟ କଣରେ ମୁଁ ଚୁପ୍ କରି ବସି ରହିଲି । ଗାଁର କେତେ ଝିଅ ବୋହୂ ସବୁ ଗୋଟି ଗୋଟି ହୋଇ ମୋତେ ଦେଖିବାକୁ ଆସିଲେ । ସମସ୍ତେ ଦେଖି ମୋତେ କେତେ ପ୍ରଶଂସା କରୁଥାନ୍ତି, ଉତ୍ତର ଲଖି ବୋହୂଟିଏ — ଲକ୍ଷ୍ମୀଟି ପରି କି ସୁନ୍ଦର । ଚୁପ—ଗାଁ ଖଣ୍ଡିକରେ ଇମିତି ବୋହୂ କାହାରି ନାହିଁ । ଘଡ଼ିକ ପରେ ନୂଆବୋଉ ନୂଆବୋଉ ଡାକି ଖୋଲ ବରଷର ମୂଲଟି ପରି ସୁନ୍ଦର ଢଳ ଢଳ ଝିଅଟି ଆସି ମୋ ସାଙ୍ଗରେ ଦେଖତେ ଗେଲ୍ ଖେଳାଲା । କେତେ ସୁଆଗଭରା କଥାକହି

http://oaob.nitrkl.ac.in

ମୋତେ ଅପଣାର କରିନେଲା । ଭାବିଲି, ସେ ମୋର ନିଜର ନଣନ୍ଦ ହେବେ ।

ପଚାରିଲି, ନାଁ ତମର କଣ ?

ଶୋଭା ।

ବାଃ...ରୂପକୁ ନେଇ ସୁନ୍ଦର ନାଁଟିଏ । ଆଖି ଯୋଡ଼ିକ ଚଞ୍ଚଳ ଢଳ ଢଳ—ଗୋଲଗାଲ ମୁହଁଟି—ଚମ୍ପାଫୁଲ ପରି ଦେହର ରଙ୍ଗ—ହସଟି ତା'ର ଜୋଛନା ପରି ଚିକ୍କଣ ସୁନ୍ଦର । ଶୋଭାକୁ ପାଇ ମନର ପସରା ଟିକେ କମି ଆସିଲା । କହିଲି, ଶୋଭା ତମକୁ ଦେଖି ମୋର ଆଉ ଜଣଙ୍କ କଥା ମନେ ପଡ଼ୁଛି ।

କିଏ ସେ ନୂଆବୋଉ ?

ନାଁ ତା'ର ହରଣୀ । ଆମରି ଗାଁରେ ଘର—ଦିହେଁ ଏକା ବୟସର । ସେ ମୋତେ ଭୋଉ ପରି କେତେ ସ୍ନେହ କରି ଦିନେ ପାଖକୁ ଡାକି ନେଲା । କିନ୍ତୁ ସମୟର ଉତାଣି ଡେଉଁରେ ହରଣୀ ଦିନେ ମୋତେ ଛାଡ଼ି ଚାଲିଗଲା । ଆଜି ସେ ଶାଶୁଘରେ । ଆଉ ମୁଁ ଆସି ତମ ଘରେ । ତମେ ବି ସିମିତି ମୋ କଡ଼ରେ ଆଜି ଅଛ—କେତେ ଅପଣାର କରୁଛ । ଆଜି ତମେ ଛୁଆ ଚଢ଼େଇ—ଉଡ଼ି ଶିଖିନା । ପୁଣି ଦିନେ ଉଡ଼ି ଶିଖିଲେ ମୋତେ ଛାଡ଼ି କୁଆଡ଼େ ପଳାଇବ—ନୁହେଁ ?

ତମକୁ ଛାଡ଼ି ମୁଁ କୁଆଡ଼େ ଯିବିନି ନୂଆବୋଉ; ଓଠରେ ତା'ର ଦ୍ୱିତୀୟାର ଜହ୍ନ ପରି ସରୁ ହସ । କହିଲି, ଶୋଭା ସମସ୍ତେ ସିମିତି କହନ୍ତିଲୋ । କିନ୍ତୁ ଯଉବନର କାଉଁରୀ କାଠି ପରଶରେ

http://oaob.nitrkl.ac.in

ଦେହ ମନ ଯେତେବେଳେ ପୁଲକିତ ହୋଇଉଠେ—ସେତେବେଳେ ଆଉ କାହାର ସାଧ ନ ଥାଏ ଦଣ୍ଡେ ମାତ୍ର ଅଟକାଇବାକୁ । ଶୋଭା ହସି ହସି ମୋ କୋଳରେ ମୁହଁ ଲୁଚାଇଲା । କହିଲା, ନୂଆବୋଉ ତମେ ଭାରି ଭଲେ ।

ତା ଆରଦିନ ଶୋଭା ମୋ ପାଖେ ପାଖେ ଥାଏ । ସବୁବେଳେ ଛପି ଛପି କେତେ ଗେଲ୍ ଥଟ୍ଟା ଚାଲେ । ଶାଶୂ ଝିଏ ହେବେ—ସେ ଭାରି ଭଲଲୋକ । ସବୁବେଳେ ମୋ ଖାଇବା ପିଇବାଠାରୁ ଆରମ୍ଭକରି ସବୁକଥା ବୁଝନ୍ତି । ଝିଅକୁ କେତେ ଆକଟି କହନ୍ତି, କହେଲି ଶୋଭା କେତେ ଗପ କରୁଚୁ—ବୋହୂଟା ପରା ଖାଇନାହିଁ । ଯା ଦିହେଁ ଦିହା ଖାଇଦେଇ ଗପ କର । ଶୋଭା ମୋତେ ଟାଣି ଟାଣି ନେଇଯାଏ । ଶାଶୂ ବସି ଏଇଟା ଖା, ସେଇଟା ଖା, କେତେ ସୁଆଦ ଭରା କଥା କହି ଖୁଆନ୍ତି । ନ ଖାଇଲେ ଅଭିମାନରେ ଛଳ କରନ୍ତି—ରୁଷନ୍ତି । ଭାବେ ଭାଗ୍ୟରେ ଥିଲା ବୋଲି ସିନା ଇମିତକା ଶାଶୂ ମୁଁ ପାଇଛି ।

ଘର କଣରେ ସବୁବେଳେ ମୁଁ ବସି ରହୁଥାଏ । ଘଡ଼ିକ ପରେ ଘଡ଼ିଏ ଗାଁର ଝିଅ ବୋହୂମାନେ ଆସୁଥାନ୍ତି—ଟିକାଏ ରହି ପୁଣି ଚାଲି ଯାଉଥାନ୍ତି । କିଏ ହସି ହସି କୋଉ ସମ୍ପର୍କ ପାତି କେତେ ଗେଲ୍ ଖେଳନ୍ତି । ବେଳେ ବେଳେ ସେଇ ଘରକୁ 'ସେ' କଣ ବାହାନାରେ ଚାଲି ଆସନ୍ତି, ଓଢ଼ଣା ତଳୁ ମୁଁ ତାଙ୍କୁ ଟିକେ ଦେଖିବାକୁ ଚେଷ୍ଟା କରେ । ଭାରି ସୁନ୍ଦର ଦିଶନ୍ତି ମୋତେ । ସେ ମୋ ଆଡ଼କୁ ଟିକେ ଅନେଇଁ ମୁରୁକି ହସି ଚାଲିଯାନ୍ତି । ବିଜୁଳି ଖେଳିଯାଏ

ସ୍ୱପ୍ନରେ—ଅତୀତ ନାଚି ଉଠେ । ଦେବଭାଇ···ଦେବଭାଇ । ମନଟା ତାଙ୍କୁ ଡାକି ଡାକି କଣ ଖୋଜେ । ଉତ୍ତର ପାଏନା—ତାର ପ୍ରତିଧ୍ୱନୀ ଖାଲି ହୃଦୟ କଣରେ ବାଜେ । ସ୍ମୃତିରେ ଘାରି ହୋଇ ଆଖିରେ ଲୁହ ଜକ ଜକ କରେ । ଶୋଭା ଆସି କହେ, ଛିଃମେ ବାପୁଡ଼ି ନୂଆବୋଉ ।

ବାପା, ବୋଉ କଥା ମନେ ପଡ଼ୁଛି । କାନ୍ଦନି ନାହିଁ ଶୋଭା । ଶୋଭା ମୋ ଆଖିରୁ ଲୁହ ପୋଛିଦଏ । ରାଗି ପକାଏ—କାନ୍ଦିବ ଯଦି ନୂଆବୋଉ ମୋ ମୁଣ୍ଡ ଖାଇବ । ଝିଅ ନଣନ୍ଦର ମମତା କାଟି ପାରେନି—ଆଖିରୁ ଲୁହ ଯାଏ ଶୁଖି ।

ଆଜି ମଧୁଶଯ୍ୟା । ତାଙ୍କର ଦୂର ସମ୍ପର୍କୀୟ ଭାଉଜ ମୋତେ ଆଣି ଠେଲି ଠେଲି ଘର ଭିତରେ ପୁଣି ଦେଇଗଲେ । ଘର ଭିତରେ ପଶିଲା ବେଳକୁ କୋଉଠାଏ ଅଜଣା ଶିହରଣ ମୋ ମନକୁ ଚମକାଇ ଦେଲା । ଝରଣାର କଥା ଗୁଡ଼ା ଖାଲି କାନ ପାଖରେ ବାଜି ଉଠିଲା । ଦେବଭାଇଙ୍କି ଯୋଉ ଦେହ ମନ ଉତ୍ସର୍ଗ କରି ଦେଇଥିଲି—ସେ ପୁଣି ଆଜି ଅନ୍ୟର ହେଇଯିବ ଘଣ୍ଟାକ ପରେ । ଭାବି ଭାବି ବସି ପଡ଼ିଲି । ଆଖିରୁ ଅଶ୍ରୁ ଉଛୁଳା ବର୍ଷା ଦେହ ମନକୁ ମୋର ଭସାଇ ନେଲା । କହିଁ କହିଁ ହୋଇ ଖାଲି କାନ୍ଦିଲି ।

ଦୀପଟା ମିଞ୍ଜି ମିଞ୍ଜି ହୋଇ ଜଳୁ ଥିଲା । ସେ ଦୀପ ଆଲୁଅଟାକୁ ତେଜି ଦେଇ ମୋତେ ଆସି ପଚାରିଲେ, ମାଲ କଣ ହୋଇଛି—କାନ୍ଦୁଛ କାହିଁକି ? କିଛି ଉତ୍ତର ଦେଇ ପାରିଲି ନାହିଁ । ସେ ମୋ ହାତଟାକୁ ଧରି ଖଟ ଉପରକୁ ଟାଣି ନେଲେ । ମୁଁ କାନ୍ଦ କାନ୍ଦ ତାଙ୍କର

http://oaob.nitrkl.ac.in

କୋଳରେ ଢଳି ପଡ଼ିଲି । କହିଲେ, ଦେହ କଣ ହେଉଛି—ତେବେ ତମେ ଟିକିଏ ଆରାମରେ ଶୋଇ ପଡ଼ । ମୋତେ ଖଟ ଉପରେ ଶୋଇ ଦେଲେ । ମୁଁ ତକିଆ ଉପରେ ମୁହଁ ମାଡି କାନ୍ଦୁଥାଏ । ସେ ମୋ ଆଖିରୁ ଲୁହ ପୋଛି ଦେଇ ବିଚଣା ଧରି ବିଞ୍ଚିବାକୁ ଲାଗିଲେ । ମୁଁ ସିମିତ ନୀରବରେ ଶୋଇଥାଏ । ଦୂରରୁ ତନ୍ଦ୍ରା ବିହ୍ୱଳିତ ପକ୍ଷୀର ଟିକିଏ ଟିକିଏ ରବ ଭାସି ଆସି କାନ ପାଖରେ ବାଜି ଯାଉଥାଏ । ଜହ୍ନ ଆଲୁଅ ଆସି ଆମ ସେହି ଝରକା ବାଡ଼ ଉପରେ ବସି ଢୁଳଉଥାଏ । କେତେବେଳେ ଆଖି ଦି'ଟା ବୁଜି ହୋଇଗଲା ଜାଣେ ନାହିଁ ।

ନିଦ ଭାଙ୍ଗିଲାବେଳକୁ କର ଲେଉଟାଇ ଦେଖେ ସେମିତି ସେ ମୋତେ ବିଞ୍ଚି ଦେଉଛନ୍ତି । ଜହ୍ନ ଆଲୁଅ ଢୁଳେଇ ଢୁଳେଇ କେତେ ବେଳେ ଆସି ଆମ ବିଛଣା ଉପରେ ଶୋଇ ପଡ଼ିଛି । ଘର କଣରେ ଅନ୍ଧାରରାଣୀ ଚୁପ କରି ବସି ରହିଛି ଆଲୁଅ ରଜା ପୁଅଠୁ ଦୂରରେ··· ଭାବିଲି ତାର କଣ ଆଜି ମଧୁଶଯ୍ୟା । ମୋ ଜୀବନର ବେଦନା ଜଡ଼ିତ ସ୍ମୃତି ତା ଜୀବନର ସ୍ମୃତି ସହିତ କଣ ଜଡ଼ିତ ! ଭାବନାରେ ବାଡ଼ ପକାଇ ସେ ମୋତେ ପଚାରିଲେ, ମାଳ ନିଦ କଣ ହେଉ ନାହିଁ ? ତାଙ୍କ ହାତରୁ ବିଚଣାଟା ଛଡ଼ାଇ ଆଣିଲି । କହିଲି, ଅନେକ ରାତି ହେଲାଣି—ତମେ ଶୋଇ ପଡ଼ । ମୁଁ ବିଞ୍ଚି ଦେଉଛି । ସେ କହିଲେ, ମୋତେ ଆଜି କାହିଁକି ନିଦ ହେଉନି ମାଳ । କହିଲି, ବିଞ୍ଚିଦେଲେ ନିଦ ହୋଇଯିବ—ତମେ ଶୋଇପଡ଼ । ସେ ହସିଲେ । ଦେଖିଲି ତାଙ୍କ ଆଖିତଳେ ଲାଗି ରହିଛି କେତେ ଅଜଣା ବାସନା । ମୋତେ କୋଳକୁ ନେଇ ଭିଡ଼ି ଧରି ବାରବାର ଚୁମ୍ବନ କଲେ । ଦେହ ମନ ମୋର ପୁଲକିତ ହୋଇଗଲା । ଭାବିଲି, ଆଜିଠୁ ତ ମୁଁ

http://oaob.nitrkl.ac.in

ତାଙ୍କର—ଆଉ କାହିଁକି ତାଙ୍କ ଇଚ୍ଛାରେ ବାଧା ଦେବ । ତାଙ୍କ ଜୀବନର ଗତି ସହିତ ଆଜଠାରୁ ମୋ ଜୀବନ ଗତି କରିବ ଠିକ୍ ସମତାଳରେ । ଆଉ କାହିଁକି ଦେବଶ୍ରୀଙ୍କୁ ଭାବି ଭାବି ବିବାହିତ ଜୀବନଟାକୁ ଅଶାନ୍ତିରେ ଭରିବ । ଏତେ ବଡ ମଧୁଶଯ୍ୟା ସ୍ୱତ—ଜୀବନର ଏ ଗୋଟାଏ ସତ । ଏ ରାତିର ସ୍ମୃତିର ମହକ ସାରା ଜୀବନକୁ ଆଲୋଡ଼ିତ କରିବ ନବ ରାଗରେ । ଭାବି ଭାବି ତାଙ୍କର ପାଦତଳେ ମୋର ସବୁ କଷ୍ଟ ଅଜାଡ଼ି ଦେଲି ।

ରାତିର ଶେଷ ପହରକୁ ନିଦ ହୋଇ ଯାଇଥିଲି । ଭୋରୁ ଭାଉଜ ଡାକରେ ଧଡ଼ ପଡ଼ ହୋଇ ଉଠିଲି । ସେ ମୋତେ କୋଳରୁ ଛାଡ଼ୁ ନ ଥାନ୍ତି । ଭାଉଜ ଯାକୁ ଡାକ ଛାଡ଼ୁଥାନ୍ତି···କହୁଥାନ୍ତି, ପାଖକୁ ଯିବାକୁ ଏତେ ଧିକ ଡର ହେଉଥିଲା—ଏଇଲାଗେ ଆସିବାକୁ ମନ ହେଉ ନାହିଁକି ? ତାଙ୍କ କଥା ଶୁଣି କହିଲି, ଛାଡ଼ ମୋ ରାଣି । ସେ ଛାଡ଼ି ଦେଲେ । କବାଟ ଫିଟାଇଲାବେଳକୁ ଭାଉଜ ହସି ହସି କହୁଛନ୍ତି, କାଲି ରାତିରେ ଟିକିଏ ହେଲେ ନିଦ ହୋଇନି ପରା । ଲାଜରେ ଓଢ଼ଣୀ ତଳେ ମୁହଁଟା ଲୁଚାଇଲି । ଓଠ କଣରେ ହସ ଛପିରହୁଥାଏ । ତାଙ୍କର ସାଙ୍ଗରେ ପୋଖରୀକୁ ଗାଧୋଇବାକୁ ଗଲି । ଅପୂରନ୍ତ ନିଦ ରାଇଜରୁ ସେତେବେଳକୁ ଅନ୍ଧାର ବନ୍ଧୁ ଉଠି ଆଖି ମଳୁଥାଏ—ଶାନ୍ତ ଉଷାର ସ୍ନିଗ୍ଧ କୋମଳ ପରଶରେ ।

ଶୋଭା ମୋ ସଙ୍ଗରେ କେତେ ଗେଲ୍ ଖେଳିଲା । କହିଲା, ନୂଆବୋଉ ଭାଇ କାଲି ରାତିରେ ତମ କାନରେ କଣ ମନ୍ତ୍ର ଫୁଙ୍କି ଦେଲେ କେଜାଣି, ଆଜ ତ କାହିଁକି ଭାରି ହସ-ଖୁସି ଗପ ମେଲି ଦେଉଛ ।

http://oaob.nitrkl.ac.in

ଘରକଥା ଭଣି ଆଜ ମନେ ପଡୁନାହିଁ । ଆଜ ତ କାହିଁକି ଲହର ଝରଣା ଝରୁନାହିଁ । ହସି ହସି କହିଲି, ଶୋଭା ତମ ଭାଇ ମନ୍ତ୍ରର କରି ଦେଇ ନାହାନ୍ତି—ମନ୍ତ୍ରର କବଚ ତମେ । ସବୁବେଳେ ମୋର ଏଇ ଲଗାମ ମୁକୁଳା ମନଟାକୁ ତମେ ବାନ୍ଧି ରଖିଚ ତମର ଏଇ ଆଦର ମିଶା କଅଁଳ ବଚନରେ । ସତେ ଶୋଭା ତମର କଥା ଫୁଲର କଅଁଳ—ତମର ରୂପ ଫୁଲଠୁ ସୁନ୍ଦର । କୋଉ ଦେଶର ରଙ୍ଗା ପୁଅ ଉପବନରେ ତମେ ଫୁଟିବ କେଜାଣି । ସଦ୍ୟ ଫୁଟା ଫୁଲକୁ ଭଅଁର ଛୁଇଁ ଦେଲେ ଯେମିତି ଲାଜରେ ନଇଁ ପଡ଼େ—ସେମିତି ଲାଜରେ ଢଳି ପଡ଼ିଲା ଶୋଭାର ହସ ହସ ମୁହଁ । କହିଲା, ନୁଆବୋଉ ତମେ ଭାରି ଦୁଷ୍ଟ । କହିଲି, ଶୋଭା ଦୁଷ୍ଟ କିଏ ମୁଁ—ଦୁଷ୍ଟ ସିଏ ନାଁ । ସିଏ ତମକୁ ପକ୍ଷୀରାଜ ଘୋଡ଼ା ଛୁଟାଇ ନେଇଯିବେ କେଉଁ ରାଇଜକୁ । ଶୋଭା ଚିଡ଼ି ଉଠିଲା । ମୋତେ ଗୁଲାଏ ଚୁମୁଟି ପକାଇ ପଳାଇଲା ।

ଦିନଟା ଶୋଭା ଭିତରେ ରାତିଟା ତାଙ୍କ କଥାରେ କେଉଁ ରୂପ କଥାର ସପନ କାହାଣୀ ପରି କଟିଲା ।

ଘରର ଟେଫେଇବାସ ଠାରୁ ଅନ୍ୟ କାମଦାମ ମୋତେ ଶୋଭା ଆଉ ଶାଶୁ କିଛି କରାଇ ଦଅନ୍ତି ନାହିଁ । କାମ କରି ବସିଲେ ଶାଶୁ ଆସି ଛଡ଼ାଇ ନିଅନ୍ତି । ଶୋଭା ଉପରେ ପଡ଼ି ସବୁ କରିଦିଏ । କେବେ କହେ, ପିଲାଟା ତମେ—ଏତେ ଖଟିବ । କାହିଁକି ମୁଁ ଆଉ ଆସିଚି ଏଠି ରାଣୀ ହେଇ ବସିବି କି ? ଶୋଭା ଶୁଣେ ନାଁ । ଶାଶୁ କହନ୍ତି, ବୋହୂ ତମେ ଏଇକ୍ଷଣି ପିଲା—ତମର ଏଇକ୍ଷଣି

http://oaob.nitrkl.ac.in

ହସ ଖୁସିର ବେଳ । ଯା ମା—ମୁଁ ଏଣ ବୁଢ଼ୀ ହେଇଣ । ମୋଠୁ ଯୋଉଁ କାମ ବଳେଇବ ପଛେ କରିବୁ । ଏଣ କହିବ—ଅଭିମାନରେ ଛଳ ଛଳେ । ଖାଏ ନାଁ—ଶାଶୁ ଆସି ବାଣ ପକାନ୍ତି । କ୍ଷଣିକର ଅଭିମାନ ମୋର ପାଣି ଫାଟିଯାଏ । କୁହେ, ମା ତମ ବୋହୂ ମଲାପରେ ବାଣ ପକାଇବ । ଶାଶୁ ଆଉଟି କହନ୍ତି, ଇମିତକା କଥା ବୋହୂ ଆଉ ଦିନେ କହିବୁ ନାହିଁ । କେତେ ତପସ୍ୟା ଫଳରେ ତତେ ପାଇଛି ମା । ତୁ ମୋର ବୋହୂ ନୁହଁ—ତୁ ମୋ ଘରର ଲକ୍ଷ୍ମୀ ।

ମା'ଙ୍କ କଥା ଶୁଣି ହସ ମାଡ଼େ । ଠିକ ତା'ର ମୁଁ ଓଲଟା ଭାବେ, କେତେ ପୁଣ୍ୟ ବଳରେ ଇମିତକା ଶାଶୁ, ନଣନ୍ଦ, ଶ୍ୱଶୁର, ସ୍ୱାମୀ ସବୁ ପାଇଛି । ଅଜଣା ଦେବତା ଉଦ୍ଦେଶ୍ୟରେ ମୁଣ୍ଡଟା ନଇଁ ପଡେ । କୁହେ ଦେବତା କିଛି ନ ଦେଇ ସବୁ ଦେଇଛ—ଏଣିକି ଖାଲି ଇମିତ ଟିକେ ଶାନ୍ତିରେ ମୋ ଜୀବନ ଦୀପ ଶୀଘ୍ର ଲିଭିଯାଉ ...ଏହାହିଁ ମୋର କାମନା । ମୋର ତୃପ୍ତି ତୃପ୍ତି ମନର ବାସନା ଦେବତା ଶୁଣନ୍ତି କି ନାହିଁ ଜାଣେନା—କିନ୍ତୁ ନିତ ନିତ ତାଙ୍କୁ ମୁଁ ମୋର ଏହି ମନ କାମନା ଜଣାଏ ।

http://oaob.nitrkl.ac.in

❋ ଏଗାର ❋

ରାତିରେ । ଜହ୍ନ ଆଲୁଅ ଗଛ ତଳେ ତଳେ ଛପି ଛପି ଆସି ଆମ ଦୁଆରେ ଝଅଁଳ ଶେଯ ବିଛାଇ ଦିଏ । ଦୂର ବିଲଆଡ଼ୁ ଥିର ଥିର ପବନ ଆସି ବିଞ୍ଚଣା ବୁଲାଏ । ଧରଣୀ ରାଣୀ ସପନ ଦେଶର ରୂପ ଛାତି ପରଶରେ ଅଚେତ ହୋଇ ଶୋଇପଡ଼େ । ଦୂର ଆକାଶରେ ତାରାଗୁଡ଼ା ଜଗୁଆଳୀ ପରି ଜଗି ରହିଥାନ୍ତି ଅପଲକ ନୟନରେ ଧରଣୀ ବଧୂକୁ ଚାହିଁ ଚାହିଁ ।

ସେତେବେଳେ ବାପ ଘର ସପଟା ଦୁଆରେ ବିଛାଇ ଶୋଭା ଡାକେ, ଆସ ନୂଆବୋଉ । ମୁଁ ବସି ପଡ଼େ । ଜହ୍ନ ଆଲୁଅରେ ଶୋଭା ମୁହଁଟି କେଡେ ସୁନ୍ଦର ଦିଶୁଥାଏ । ସତେ ଯେପରି ମୁହଁରେ ତାର ଜୋଛନା ପାଉଡର କିଏ ବୋଲି ମୁଣ୍ଡ ଉପରକୁ ଟାଣି ଦେଉଚି ଜହ୍ନଟା

http://oaob.nitrkl.ac.in

ଶାଢ଼ୀ । ଶୋଭା କୁହେ, ନୂଆବୋଉ ଗୋଟିଏ ଗପ କୁହ । ମୁଁ କୁହେ, ମୋତେ ଆସେନା । ତମେ ଗୋଟିଏ କୁହ ? ସେ ଜିଦ୍ ଧରେ—କୁହେ, ତମେ ଗୋଟିଏ କୁହ ନୂଆବୋଉ । ତା କଥା ଏଡ଼ି ହେଇ ପାରେନା । କୁହେ, ସତ ସତକା ଗୋଟିଏ ଗପ ଶୁଣ ମାଲ ।

ଅନେକ ଦିନ ତଳର କଥା । ଆମ ଗାଁଠୁ ଦଶ ମାଇଲ୍ ଦୂରରେ··· ରାଜନଗର ଗାଁ । ସେଇଠି ଗୋଟିଏ ଗଡ଼ ଥିଲା···ସେଇ ଗଡ଼ର ରାଜାଥିଲେ—ପ୍ରତାପଚନ୍ଦ୍ର ଦେବ । ଭାରି ପ୍ରତାପି ରାଜା । ତା ଡରରେ ଆଖ ପାଖ ଲୋକେ ଥରହର ହେଉଥିଲେ । କିନ୍ତୁ ରାଜା ଭାରି ଦୟାମନ୍ତ—ଗଡ଼ର ପ୍ରଜାମାନଙ୍କୁ ପୁଅ ପରି ଦେଖେ । ତାଙ୍କର ହାନି ଲାଭ ସବୁ ସେ ବୁଝେ । ପ୍ରଜା ରାଜାଙ୍କୁ ଭାରି ଭଲ ପାଆନ୍ତି—ଭକ୍ତି କରନ୍ତି । ରାଜାଙ୍କର ଥିଲେ ଗୋଟିଏ ରାଣୀ । ବାହା ହେବା ଦଶବରଷ ହେଇଗଲା, ରାଣୀଙ୍କର ଗୋଟିଏ ବି ସନ୍ତାନ ହେଲା ନାହିଁ । ସେଇଥି-ପାଇଁ ରାଜାଙ୍କ ମନରେ ଭାରି ଦୁଃଖ । କେତେ ପୁଣ୍ୟ, କେତେ ଦାନ କଲେ ବି ରାଣୀଙ୍କ ଗର୍ଭରୁ ସନ୍ତାନସନ୍ତତି ହେଲା ନାହିଁ ।

ଶେଷରେ ରାଜା ନିହାତି ହେଇ ଦ୍ୱିତୀୟ ଥର ପାଇଁ ବାହା ହେଲେ—ବଂଶ ରକ୍ଷା ଲୋଭରେ । ରାଜାଙ୍କ ଦ୍ୱିତୀୟ ରାଣୀ ଭାରି ରୂପବତୀ । ତାଙ୍କୁ ପାଇ ରାଜା ବଡ଼ରାଣୀଙ୍କୁ ଭୁଲିଗଲେ । ସାନରାଣୀ ବି ବଡ଼ରାଣୀଙ୍କ ଖାଲି ଉପର ମନରେ ଟିକଏ ପଚାରେ—କିନ୍ତୁ ଭିତରେ ଭଲ ପାଏନାଁ । ବଡ଼ରାଣୀ ଏ କଥା ଜାଣେ । ଦିନୁ ଦିନୁ ବଡ଼ରାଣୀ ପ୍ରତି ଏହି ଅବଜ୍ଞାର ବଢ଼ି ଚାଲିଲା । ଶେଷରେ ବଡରାଣୀ କୋଧରେ

http://oaob.nitrkl.ac.in

ରାଜାଙ୍କୁ ଦିନେ ବିଷ ଦେଇ ମାରି ପକାଇଲା । ରାଜ୍ୟରେ ଚହଳ ପଡ଼ିଲା—କିଏ ମାରିଲା ! କିଏ ମାରିଲା !! ଦେଖିଲାବେଳକୁ ବଡ଼-ରାଣୀ କୁଆଡ଼େ ପଳାଇଛି । ରାଜାଙ୍କୁ ହରାଇ ମଣିଷ, ଗଛଲତା, ପାହାଡ଼ ପର୍ବତ, ନଈନାଳ, ପଶୁପକ୍ଷୀ ସମସ୍ତେ ଝୁରି ହେଲେ । ବଡରାଣୀଙ୍କ କେତେ ଖୋଜିଲେ କେଉଁଠି ପାଇଲେ ନାହିଁ । ସାନରାଣୀ ବି ରାଜାଙ୍କୁ ଝୁରି ଝୁରି ଦିନେ ମରିଗଲା । ପ୍ରତାପଚନ୍ଦ୍ର ଦେବଙ୍କର ବଂଶ ଲୋପ ପାଇଗଲା ।

ଆଜି ସେ ଗଡ଼ ଭାଙ୍ଗିଗଲାଣି । କେହି ନାହାଁନ୍ତି—ଚାରିଆଡେ ଘୋରି ରହିଲାଣି ଅନାବନା ଜଙ୍ଗଲ । ସେଇ ପଥରେ ଗଲାବେଳେ ଗଡକୁ ଦେଖିଲେ ଲୋକେ ଦଣ୍ଡେ ଛିଡ଼ା ହୁଅନ୍ତି । ତା'ପରେ ଗଡ଼ର ଜରା-ଜୀର୍ଣ୍ଣ ସ୍ମୃତି ଚେତେଇ ଦିଏ ମଣିଷର କ୍ଷଣିକର ସ୍ମୃତି ଓ ବିଲୟ । ଆଉ ଲଗାମ ହୁଗୁଳା ମନଟାକୁ ଭିଡ଼ି ଧରି ଭାବିବାକୁ କହେ । ସତେ ଶୋଭା, ସେଇ ବାଟ ଦେଇ ମୁଁ ମାମୁଁ ଘରକୁ ଗଲାବେଳେ ସେଇ ଗଡ଼ ପଡ଼େ । ଗଡ଼କୁ ଦେଖିଲେ କେତେ କଥା ମନେ ପଡ଼େ । ତାହିଁ ସେଦିନର ରାଜା, ରାଣୀ, ଦାସ, ଦାସୀ, ପ୍ରଜା । ସବୁ ଯାଇଛି—କାଳ ବୁକୁରେ ଅଙ୍ଗାର ହୋଇ । ଅଛି କ୍ଷୀଣ ସ୍ମୃତିର ରୂପ ଧରି ଏଇ ଭଙ୍ଗା ଗଡର ଇଟା ପଥର କେଇ ଖଣ୍ଡ । ଜୀବନର ସବୁ କଥା ଯିମିତି ଲୋ ଶୋଭା—କିଏ କାହାର । ଖାଲି ଜୀବନ ଉପରେ ମାୟା—ମରୀଚିକା ଝିଲମିଲ ହେଉ ନାଚୁଛି ସିନା ।

ଇମିତି କେତେ ରାଇଜର ଅସରନ୍ତି ଗପ ମୁଁ କହୁ ଥିଲେ । ଶୋଭା ଏକ ଧ୍ୟାନରେ ବସି ସବୁ ଶୁଣେ । କଥା ଶୁଣୁ ଶୁଣୁ କେତେବେଳେ

http://oaob.nitrkl.ac.in

ସେ କହେ—କେତେବେଳେ ମୋ କାହାଣୀର ନାୟକ ନାୟିକାଙ୍କ ଦୁଃଖ ଶୁଣିଲେ ସେ କାନ୍ଦେ । ମୁଁ କହେ—ଭଦ୍ରେ, ରୂପକଥା ଗୁଡ଼ା ସତ ନୁହେଁଲେ ଶୋଭା ତମେ କାନ୍ଦୁଚ । ସେ କହେ ନୂଆବୋଉ ତମେ ରୂପ କଥାକୁ ଏମିତି କରୁଣ କାହାଣୀରେ ରୂପ ଦେଉଚ—ମୁଁ ନ କାନ୍ଦି ରହି ପାରୁନାହିଁ । ରାତି ବେଶି ହେଲେ ବୋଉ ଆସି ଡାକନ୍ତି । ଦହେଁ ଉଠି ଆସୁ—ବୋଉ ରାକ୍ଷସପୁଅ ସାତ ତାଳ ପାଣି ଭିତରେ ସେଇ ରାକ୍ଷସୀପୁରୀରୁ ଆଉ ରାଜଜେମାକୁ ଉଦ୍ଧାର କରି ପାରେନି ।

ରାତିରେ ଶୋଇଲାବେଳେ ସ୍ୱାମୀ ମୋତେ କହନ୍ତି, ମାଲ ନିଦ ହେଉନ । ତମେ ଗୋଟାଏ କାହାଣୀ କୁହ । ସେହି କାହାଣୀର ସୁରଭି ମୋ ଆଖିରେ ଯେମିତି ନିଦର ମୃଦୁ ଅଞ୍ଜନ ବୋଳି ଦେବ । କୁହେ, ମୁଁ କଣ ଅପିଠ ତମ ଭାଇ ଭଉଣୀଙ୍କୁ ଖାଲି ଦିନ ସାରା କାହାଣୀ ଶୁଣେଇବାକୁ । ସେ କହନ୍ତି—କୁହନ୍ତି, ମାଲ ତୁ ତ ଗୋଟାଏ ରୂପ ରାଇଜର ରାଜଜେମା । ଅଙ୍ଗେ ଲିଭେଇବା କଥା ଗୁଡ଼ା କହିବାକୁ ଏତେ କୁଣ୍ଠା କାହିଁକି ? କୁହେ, ମୁଁ କହି ପାରିବନି—ମୁଁ ତମର ସେଇ ସପନପୁରୀର ରାଜଜେମା ନୁହେଁ । ସେ ହସି ହସି ମୋତେ କୋଳକୁ ଟାଣି ନେଇ କେତେ ମନଭୁଲାଣିଆ କଥା କହନ୍ତି । ରାତିଟା ଖାଲି ସପନ ପରି କଟିଯାଏ । ଯେତେବେଳେ ଉଷାର ପହିଲି ଆଲୁଅକୁ ମୁଁ ଆମ ଶୋଇବା ଘର ଫାଙ୍କରୁ ଦେଖେ—କୁହେ, ରାତି ପାହିଲାଣି—ଯାଉଚ । ସେ କୁହନ୍ତି, ସତଟା କଣ ଦିନୁ ଦିନୁ ଛୋଟ ହେଇଯାଉଚ ମାଲ । ମୁଁ କିଛି ଉତ୍ତର ନ ଦେଇ ହସି ହସି ଉଠି ଆସେ ।

http://oaob.nitrkl.ac.in

ଉମିତ ସ୍ୱାମୀଙ୍କର ସ୍ନେହ, ଶୋଭାର ଗେଲ୍-ପରିହାସ, ଶାଶୂ ଶ୍ୱଶୁରଙ୍କର ମନଭୁଲାଣିଆ କଥାରେ ମୋ ଦିନ ଗୁଡ଼ା କଟି ଚାଲିଲା— ଜୀବନରେ ଖାଲି ସରାଗ ସୁଷମା ଫୁଟାଇ···ଦେଇ । ଗୋଡ଼ ମାଟି ପରି ଅତୀତର ସ୍ମୃତି ଗୁଡ଼ା କାହିଁ କେଉଁଠି ରହିଲା, ଦିନେ କଳ୍ପନାରେ ବି ସୁଧା ଆସିଲା ନାହିଁ । ମନବାଉଳର ସ୍ମୃତି ଛୋଟବାରେ ଖାଲି ଜୀବନର ସ୍ୱାଦରଙ୍ଗ ନୂଆ ନୂଆ ସ୍ମୃତି ଆସି ଘର ଦୁଆର କଲା । ଅତୀତର ସମାଧି ଉପରେ ନୂଆ ସ୍ମୃତି ମୁଣ୍ଡ ଟେକିଲା । ନୂତନ ମଳୟର ସୁରଭି ପ୍ରାଣକୁ ମହକାଇ ଡାକି ନେଲା ଦିଗ ଆରପାଖିକି ।

ସେଦିନ ଖରାବେଳେ । ଦିବସର ହସ ଲିଭି ଯାଇଥାଏ । ଆକାଶରେ ମେଘ ଢାଙ୍କିଥାଏ । ପବନଟା ସୁ ସୁ ହୋଇ ଫିଙ୍ଗୁଥାଏ । ଘରେ ବସି ଆସନ ବୁଣୁଛି । ଶୋଭା ହସି ହସି ଦଉଡ଼ି ଆସିଲା । କହିଲା, ନୂଆବୋଉ ମୋତେ କଣ ଦେବ କହିଲ, ତମକୁ ଗୋଟାଏ ନୂଆ ଜିନିଷ ଦେଖାଇବି । କହିଲି, କଣ ଆଗେ ଦେଖାଅ । ଶୋଭା ଗୋଟାଏ ଫଟୋ ଆଣି ଦେଖାଇଲା । କହିଲି, ଏ କା' ଫଟୋ କହିଲ । କହିଲା, ତମ ଭାଇଙ୍କର ପରା । ଶୋଭା ହସି ହସି ଆଉ ଗୋଟାଏ ଫଟୋ ବାହାର କରି କହିଲା, ଆଚ୍ଛା ଏ କା' ଫଟୋ କହିଲ । ଆରେ ଏ ଫଟୋଟା ତ ଦେବଭାଇଙ୍କର—ଏଠିକି ଆସିଲା କିପରି ? ମନରେ ପ୍ରଶ୍ନ ଉଠିଲା ବାର ବାର ।

ଅତୀତର ସ୍ମୃତି ଭାସି ଉଠିଲା । ଦେବଭାଇଙ୍କ ରୂପ ଆଖି ଆଗରେ ଛଳ ଛଳ ହୋଇ ଦିଶିଲା । ଆଖିରେ ଲୁହ ଉଛୁଳି ଆସିଲା । ନିଜର ଦୁର୍ବଳତାକୁ ଲୁଚାଇ କହିଲି, ଏ କା' ଫଟୋ ମୁଁ ଜାଣେନା ।

http://oaob.nitrkl.ac.in

ଶୋଭା । ଶୋଭା ହସି ହସି କହିଲା, ଏ ସବୁ ଦେବବାବୁଙ୍କର ଫଟୋ । ଭାଇଙ୍କର ପଢାବେଳର ସାଙ୍ଗ । ଭାଇ କହନ୍ତି ଭାଇର ଭଲ ମଣିଷ— କଲେଜ ସାଙ୍ଗ ଭିତରେ ସବୁଠୁ ଦେବବାବୁ ତାଙ୍କର ଅତି ଅନ୍ତରଙ୍ଗ । ଥରେ ମୋ କଡକୁ ଗୋଟାଏ ଚିଠି ଦେଇଥିଲେ । ସେ ଚିଠି ପାଇ ମୁଁ ତାଙ୍କ କଡକୁ ଚିଠି ଦେଇଥିଲି । ଆମ ଘରକୁ ଆସିବାକୁ ଲେଖିଥିଲି । ଭାଇଙ୍କି ମଧ୍ୟ କେତେଥର କହିଥିଲି । ଦେବବାବୁ ଆସିବେ ଆସିବେ ବୋଲି ଭାଇ କହନ୍ତି—କିନ୍ତୁ ଥରେ ହେଲେ ସେ ଆସି ନାହାନ୍ତି । ଭାଇ ମଧ୍ୟ ତାଙ୍କ ଗାଁ ଠିକଣାଟା ଭୁଲି ଯାଇଛନ୍ତି । ତାଙ୍କ ବାହାଘରକୁ ମଧ୍ୟ ନିମନ୍ତ୍ରଣ କରି ପାରିଲେ ନାହିଁ । ଭାଇର ବଡ଼ଲୋକର ପୁଅ ସେ ନୂଆବୋଉ । ବାହାଘରକୁ ଆସିଥିଲେ ତମକୁ ଉପହାର ଦେବାପାଇଁ ନିଶ୍ଚୟ କେତେ ଜିନିଷ ନେଇ ଆସିଥାନ୍ତେ ।

ଶୋଭାଙ୍କୁ ଦେବବାବୁଙ୍କ କଥା କହିବାକୁ କେତେ ଖୁସି ଲାଗୁଥାଏ । କିନ୍ତୁ ସେ କାହୁଁ ଜାଣିବ ଏଇ ଦେବବାବୁଙ୍କ ସହିତ ମୋର ନିଗୁଢ଼ ପରିଚୟ । ମୋ ଜୀବନର ଅଧେ ତାଙ୍କରି ସ୍ମୃତି ଜଡ଼ିତ । ଶୋଭାର ଖୁସି କଥା ଗୁଡ଼ା ମୋ ଅନ୍ତରରେ କେତେ ଆଘାତ ଦେଉଥାଏ । ମୋର ଶୁଖିଲା କ୍ଷତ ଉପରେ ଚାଲି ଚୋଟ ଉପରେ ଚୋଟ ମାରୁଥାଏ । ଦେବଭାଇଙ୍କ ଫଟୋକୁ ଅନାଇଲାବେଳକୁ ଉଙ୍କି ମାରୁଥାଏ ମନର ଦାଦରା ଅତୀତ ଭିତରୁ ବିଫଳ ଜୀବନର କେତୋଟି ଛବି । ଝରଣା··· ·ନୂଆବୋଉ· ·ଦେବଭାଇ· ·ଗାଁର ନିଗୁଠିଆ ଜୀବନର ମଧୁର ଦିନ ଗୁଡ଼ିକର ପ୍ରାଣ ମତାଣିଆ ଗୋଟିଏ ଗୋଟିଏ ମୂର୍ତ୍ତି । ନିଜକୁ ଅତୀତର ଶତ ଦୁର୍ବଳତାରୁ ବଞ୍ଚାଇ ପାରିଲି ନାହିଁ । ଅନ୍ତରରୁ ଉଠିଲା କୋହ—ଆଖିରୁ ଝରି ପଡ଼ିଲା ଲୁହ ।

http://oaob.nitrkl.ac.in

ନୂଆବୋଉ ତମେ କାନ୍ଦୁଛ । ଶୋଭା କଥା ଶୁଣି ଚମକି ପଡ଼ିଲି । ଆଖିରୁ ଲୁହ ପୋଛି ଆରଘରକୁ ପଳାଇ ଆସିଲି ।

ସତରେ ଶେଯାଇ କଲାବେଳେ ଶୋଭା ପଚାରିଲା, ନୂଆବୋଉ ତମେ ସେତେବେଳେ କାନ୍ଦିଲ କାହିଁକି ? କହିଲି, ଘର କଥା ମନେ ପଡ଼ିଲା ଶୋଭା । ଶୋଭା କହିଲା, ନୂଆବୋଉ ତମେ ଲୁଚଉଛ । ଦେବବାବୁଙ୍କ ଫଟୋକୁ ଦେଖି କାନ୍ଦିଲ । ତମେ କଣ ତାଙ୍କୁ ଚିହ୍ନ ନୂଆବୋଉ । ମୋ ରାଣ—କାହିଁକି କାନ୍ଦିଲ କୁହ ? କହିଲି, ତାଙ୍କ ଘର କୁଆଡ଼େ—ମୁଁ ତାଙ୍କୁ ଚିହ୍ନେ ନା ଜାଣେ । ମୁଁ କାହିଁକି ତାଙ୍କୁ ଦେଖି କାନ୍ଦିବି ।

ତେବେ କାହିଁକି କାନ୍ଦିଲ କୁହ ?

କହିଲି, ମଣିଷ ଜୀବନରେ ଅତୀତ ଆସି ବେଳେ ବେଳେ ଝମିତ ଚୁବୁକ ମାରେଲେ ଶୋଭା—ସେ କାହିଁକି କାନ୍ଦେ କିଛି ବୁଝି ପାରେନା । ଖାଲି କାନ୍ଦେ—ଆଉ କାନ୍ଦେ । ଶୋଭା ମୋ କଥାର ମାନେ କିଛି ବୁଝି ପାରିଲା ନାହିଁ—ଖାଲି ମୁହଁକୁ ବଲ ବଲ କରି ଚାହିଁ ରହିଲା ।

ସେହି ଫଟୋ ଦ'ଟାକୁ ସ୍ୱାମୀଙ୍କ ନିର୍ଦ୍ଦେଶରେ କେତେବେଳେ ଶୋଭା, ଆଣି ମୋ ଶୋଇବା ଘର କାନ୍ଥ ଉପରେ ଟାଙ୍ଗି ଦେଇଛି—ଜାଣେନା । ଘର ଭିତରକୁ ପଶିଲେ ଆଖି ଆଗରେ ପଡ଼େ ମୋ ସ୍ୱାମୀ ଓ ଦେବ-ଭାଇଙ୍କର ହସ ହସ ଫଟୋ ଦ'ଖଣ୍ଡ । ଦେବଭାଇଙ୍କ ଫଟୋକୁ ଚାହିଁଲେ ଅତୀତର ଛାଇ ମୋ ଜୀବନ ସରସୀରେ ପ୍ରତିବିମ୍ବିତ ହୁଏ । ମନ ବାହୁନି ଉଠେ—ହୃଦୟରେ ତା'ର ମୂର୍ଚ୍ଛନା ଖେଳି ବୁଲେ । ଆଖିରୁ

http://oaob.nitrkl.ac.in

ଙ୍କରେ ଲବ୍ଧ । ମୋ ସ୍ୱପ୍ନାରସଂସାର ମଝିରେ ଏଇ ସଂଘଟ୍ଟା ହେଲା ଗୋଟାଏ ବିରାଟ ପ୍ରତିବନ୍ଧକ । ବାହାହେଲା ପରଦିନ ଠାରୁ କେତେ ହସ ଖୁସିରେ ଦିନଗୁଡ଼ା କଟି ଯାଉଥିଲା । ତା'ର ଭିତରେ କୌଣସି ଦିନ ମନସ୍ୱିଜରେ ଦେବଭ୍ରାଇଙ୍କର ସ୍ମୃତିର ଅଲିଭା ରୂପ ଦେଖିନାହିଁ । ଅବସରବେଳେ ବି ଭୁଲିରେ ଥରେ ତାଙ୍କର ସ୍ମୃତି ମନ ଉପରେ ଘର ଦୁଆର କରିନାହିଁ । ବାହା ହେଲା ପର-ଦିନ ଠାରୁ ତାଙ୍କର ସ୍ମୃତି ଗୁଡ଼ାକୁ ମୁଁ ଜୋର କରି ପର କରି ଦେଇଥିଲି । ଆଜି ଜୀବନ ପଥରେ ତାଙ୍କରି ସ୍ମୃତିର କଣ୍ଟା ମୋତେ ଆଘାତ ଉପରେ ଆଘାତ ଦେବାକୁ ଲାଗିଲା ।

ସତେ ଯେପରି ତାଙ୍କର ସଂଘଟ୍ଟା ମୋତେ ସବୁବେଳେ ବିଦ୍ରୂପ କରି ଇଙ୍ଗିତ ଦେଲା । ମାଲ ତୋର ପାଇଁ ମୁଁ ଜୀବନର ସବୁ ସରସତାକୁ ନିଜ ହାତରେ ନିଆଁ ଲଗାଇ ଦେଲି—ଘର ଛାଡ଼ିଲି ଭଲପାଇବାକୁ ଆଦର୍ଶ କରି—ବଡ଼ଲୋକର ଆଭିଜାତ୍ୟ ଉପରେ ଧୂଳି ଦେଇ । କିନ୍ତୁ ତା'ର ପ୍ରତିଦାନରେ ତୁ ମୋତେ ଭୁଲିଗଲୁ···ନିଜକୁ ଫସାଇ ବସିଲୁ ଗୋଟାଏ ମାୟାବନ୍ଧନ ଭିତରେ । ଜୀବନ ବଡ଼ ନୁହେଁଲୋ ମାଲ—ମଣିଷର ଆଦର୍ଶ ବଡ଼ । ମୋର ଆଦର୍ଶରେ ବଢ଼ି ଶେଷରେ ଇମିତି ଖପଡ଼ା ପଥରେ ଗୋଡ଼ ଦେଲୁ ନିଜର ସୁଖ-ସଂସାର ପାଇଁ । ହଉ ମାଲ, ମୁଁ କିନ୍ତୁ ତୋତେ ଭୁଲି ନାହିଁ । ଜୀବନର କ୍ଷଣିକ ବିଭାଣ ଭିତରେ ତୁ ଯେଉଁ ସ୍ନେହଟିକି ମୋତେ ଦେଇଛୁ—ସେଇଥିକୁ ନେଇ ସମ୍ପୂର ଲହଡ଼ି ଭଙ୍ଗା ଅଥଳ ଦିନ ଦରିଆରେ ମୋ ଜୀବନର ଶେଷଭାଗ ବେଶ୍ ସୁଖରେ କଟିବ ।

http://oaob.nitrkl.ac.in

ଭାବିଲି ଏ ଫଟୋଟା ଏଠି ରହିଲେ ମୁଁ ଆଉ ମୋର ଦୁର୍ବଳତାକୁ ଲୁଚାଇ ପାରିବିନି । ଶେଷରେ ମୋର ଏତେ ବଡ଼ ସୁଖର ସଂସାରରେ ଦୁଃଖର ଅନ୍ଧାରିଆ ଝଡ଼ ବତାସ ଉଠିବ । ତାଙ୍କର ଏଇ ରୂପଟାକୁ ଦେଖିଲେ ସିନା ଅତୀତର ପ୍ରେତ ଆସି ବିଦ୍ରୁପ ମିଶା ହସ ହସିବ—ନ ଦେଖିଲେ କିଏ କ'ଣ କହିବ ? ଏଇଆ ଭାବି ଦେବଭାଇଙ୍କ ଫଟୋଟାକୁ ବାକ୍ସ ଭିତରେ ବନ୍ଦ କରି ରଖିଦେବାକୁ କାଢ଼ିବାକୁ ଗଲି । ଫଟୋଟା କାଢ଼ୁ କାଢ଼ୁ ହଠାତ୍ ହାତରୁ ଖସି ତଳେ ପଡ଼ି ଚୁନା ହୋଇଗଲା । ଭୟରେ ଦେହ ଶୀତେଇ ଉଠିଲା ମୋର । ସ୍ୱାମୀ ଜାଣିଲେ ମନରେ ଦୁଃଖ କରିବେ—ତାଙ୍କର କେତେ ଆଦରର ଏଇ ଫଟ ଖଣ୍ଡିକ । କଣ କରିବି—କିଛି ଭାବି ପାରିଲି ନାହିଁ । ତଳୁ ଫଟୋଟାକୁ ଉଠାଇ ଦେଖିଲି ଅନେକ ଦାଗ ହୋଇ ଯାଇଛି । ଭୟରେ ଛବିଟାକୁ ବାକ୍ସ ଭିତରେ ଲୁଚାଇ ଭଙ୍ଗା କାଚଖୁଣ୍ଡା ପଦାକୁ ଫୋପାଡ଼ି ଦେଲି ।

ରାତିରେ । ଶୋଇବାକୁ ଗଲାବେଳେ ସ୍ୱାମୀ ମୋତେ ପଚାରିଲେ, ମାଳ, ଏଠୁ ଏ ଫଟୋଟା କୁଆଡେ ଗଲା । ଦିନେ ତାଙ୍କ ଆଗରେ ମିଛ କଥା କହି ନାହିଁ । ଆଜି ଏଇ ସାମାନ୍ୟ ଘଟଣାକୁ ମିଥ୍ୟାର ଆବରଣ ତଳେ ଲୁଚାଇବାକୁ ସାହସ ହେଲା ନାହିଁ । କହିଲି, ଛବିଟା କାନ୍ଥରେ ବଙ୍କା ହୋଇ ଟଙ୍ଗା ହୋଇଥିଲା—ସିଧା କରୁ କରୁ ହାତରୁ ଖସି ପଡ଼ି ଭାଙ୍ଗିଗଲା । ବାକ୍ସରେ ରଖି ଦେଇଛି । କହିଲେ, ଦେଖି ସେ ଫଟୋଟା । କାଢ଼ି ଦେଖାଇଲି । ସେ କହିଲେ, ମାଳ କଣ ହେଲା, ଏତେ ସୁନ୍ଦର ଫଟୋଟା ଇମିତି ନଷ୍ଟ କରିଦେଲି । ଦୁଃଖରେ ତାଙ୍କ କଥାର ସ୍ୱର ଭାରି ହୋଇ ଉଠିଲା । କହିଲି, ଅସାବଧାନରୁ ଭାଙ୍ଗି ଯାଇଛି—ମୋର ଦୋଷ ହୋଇଛି—ଯା ଦଣ୍ଡ ଦେବ ଦିଅ ।

http://oaob.nitrkl.ac.in

ସେ ହସିଲେ—ବେଦନା ବଢ଼ୁଥିବା ହସ । କହିଲେ, ମାଳ ତୁ ଜାଣୁନା ଏଇ ଫଟୋ ଖଣ୍ଡିକ ସହିତ ମୋ ଜୀବନର କେତେ ସ୍ମୃତି ଜଡ଼ିତ । ଆଜକୁ ଦୁ'ବର୍ଷ ତଳର କଥା । ଫୋର୍ଥ ଇୟରରେ ଯେତେବେଳେ ମୋର ଏଇ ଦେବ ସହିତ କଲେଜରେ ପ୍ରଥମ ପରିଚୟ— ସେତେବେଳେ ମୁଁ ନିଜକୁ ହରାଇ ବସିଲି ତାର ଅସାଧାରଣ ସ୍ନେହର ଆକର୍ଷଣରେ । ତା'ପରେ ଦୁହିଁଙ୍କ ବନ୍ଧୁତା ଆପେ ଆପେ ନିବିଡ଼ ହୋଇ ଉଠିଲା···ପରସ୍ପରକୁ ଭଲପାଇବା ଭିତରେ ।

ଜୀବନରେ ସେ ମୋର ଅନେକ ଉପକାର କରିଛି ମାଳ—ମୋତେ ଅକସ୍ମାତ ଦିନେ ମୃତ୍ୟୁ ମୁଖରୁ ବଞ୍ଚାଇଛି । କିନ୍ତୁ ମୁଁ ତା'ପାଇଁ କିଛି କରି ପାରିନି । ତା'ର ଦାନ ମୋ ଉପରେ ଏତେ ବେଶି ଯେ ଭାବିଥିଲି ଶୋଭାକୁ ତା'ରି ହାତରେ ଦେଇ ସବୁ ଋଣତକ ସୁଝାଇ ଦେଇଥାନ୍ତି । ଦିନେ ଏହିକଥା ତାକୁ ଖୋଲି କହିଥିଲି ଓ ଶୋଭାର ଫଟୋଟାକୁ ତାକୁ ପ୍ରକାରାନ୍ତରେ ଦେଖାଇଥିଲି । କିନ୍ତୁ ସେ ମତ ଦେବ ଦେବ ବୋଲି କହି ସମୟ ଗଡ଼ାଇଲା । ଏ ଭିତରେ ବି. ଏ. ପରୀକ୍ଷା ସରିଲା । ତା'ପରେ ତାର ଆଉ କୌଣସି ଖବର ମୁଁ ଜାଣିନାହିଁ । ତା ଠିକଣା ମୁଁ ଭୁଲି ଯାଇଥିବାରୁ ଚିଠି ଖଣ୍ଡେ ବି ତା କତିକି ଦେଇ ପାରୁ ନାହିଁ । ତାର ଏଇ ଫଟୋଖଣ୍ଡିକ ଦେଖିଲେ ମୋ ମନରେ ଭାରି ଆନନ୍ଦ ଆସେ । ମନେହୁଏ ଯେପରି ସ୍ମୃତିର ଅଲିଭା ଦୀପାଳୀ ରୂପେ କଲେଜ ଜୀବନ ପରି ଦେବ ବି ମୋ ସାଙ୍ଗେ ସାଙ୍ଗେ ରହିଛି । ଦିନ ଆସିଲେ ତୋର ବି ତା ସାଙ୍ଗରେ ପରିଚୟ ହେବ । ମାଳ—ଦେଖିବ କି ସୁନ୍ଦର ଲୋକ ଏଇ ଦେବ । ତମର ଲାଜ ସଙ୍କୋଚ କ୍ଷଣିକରେ ଅପସାରିତ କରି ନିଜର କରିନେବ ।

http://oaob.nitrkl.ac.in

ସ୍ୱାମୀଙ୍କର କଥା ଶୁଣି ମନ ହେଉଥାଏ କହି ଦେବାକୁ, ଦେବ ବାବୁଙ୍କୁ ମୁଁ ଭଲ କରି ଚିହ୍ନିଛି ସ୍ୱାମୀ—ତାଙ୍କର ସ୍ନେହ ମୁକୁରରେ ହୃଦୟରେ କେତେ ଚିତ୍ର ଲେଖିଛି । ମୁଁ ତାଙ୍କୁ ଚିହ୍ନିନି ତ ଆଉ କିଏ ଚିହ୍ନିଛି—ତମଠୁ ମୁଁ ତାଙ୍କୁ ବେଶି ଚିହ୍ନିଛି—ବେଶି ଜାଣିଛି । କିନ୍ତୁ ମୁହଁ ଖୋଲି କହିବାକୁ ସେ ସାହସ ମୋର ନ ଥାଏ । ତାଙ୍କର କଥା ଶୁଣି ମୋ ଜୀବନର ଅତୀତର ସ୍ମୃତି ସହିତ ମନର ମେଲାଣି ବସିଲା । ଦେବବାବୁଙ୍କର ହସ ହସ ମୁହଁ—ପିଲାଳିଆ କଥା—ଗେଲ ପରିହାସ—ସବୁ ଭାବନାର ନଈ ସୁଅରେ ଭାସି ଭାସି ଗଲା ହୃଦୟ ସାଗର ଭିତରେ ନିଜକୁ ହଜାଇ ଦେଇ ଟିକେ ଶାନ୍ତି ଲୋଡ଼ିବାକୁ । କିନ୍ତୁ କାହିଁ ଶାନ୍ତି ? ଆଖିରୁ ମୋର ଲୁହ ଝରି ପଡ଼ିଲା ।

ସ୍ୱାମୀ ମୋତେ କୋଳକୁ ଟାଣିନେଇ କହିଲେ, ମାଲ ତମେ କାନ୍ଦୁଛ—ଫଟୋଟା ଭାଙ୍ଗି ଦେଇଚ ବୋଲି । ଯିଏ ଭାଙ୍ଗିଯାଏ, ଯିଏ ଆଉ ଦୁଃଖ କଲେ, କାନ୍ଦିଲେ, କଣ ସଜାଡ଼ି ହେଇଯିବ । ମୋ ଆଖିରୁ ଲୁହ ପୋଛି ଦେଲେ । କହିଲେ, ଛିଃ ଆଉ କାନ୍ଦନା । ତାଙ୍କର ମୁହଁଟା ମୋ ଉପରକୁ ଝୁଙ୍କି ପଡ଼ିଲା । ମୁଁ କାହିଁକି କାନ୍ଦୁଥିଲି ସେ ବୁଝି ପାରିଲେ ନାହିଁ । ଖାଲି ମୋର ମନ ଭୁଲାଇବାକୁ ବାରମ୍ବାର ଚେଷ୍ଟା କଲେ ।

http://oaob.nitrkl.ac.in

❋ ବାର ❋

ନୂଆବୋଉ ! ନୂଆବୋଉ ! !

ଡାକିଲେ ଶୋଭା !

ଦେଖିଲୁ ଆମ ଘରକୁ କିଏ ଆସିଚନ୍ତି !

ଘର ଭିତରୁ ବାହାରି ଆସି ଅନାଇଲି, ଛୁଡ଼ା ହେଇଚ ଗୋଟିଏ ସଜ ଗୋଲାପ ପରି ଢଳ ଢଳ ସୁନ୍ଦରୀ ଝିଅଟିଏ । ଉଚ୍ଛୁଳା ଯଉବନ ଫୁଟି ଉଠୁଚି ତା ଦେହରୁ । ବୟସ ଅଠର କି ଉଣେଇଶ ହେବ । ଝିଅଟି ଆସି ହସି ହସି ମୋ ଗୋଡ଼ ତଳେ ମୁଣ୍ଡ ନୋଇଁଲା । ପଚାରିଲି, କିଏ ଏ ଶୋଭା । ଶୋଭା କହିଲା, ଏ ପରା ଆମ ଗାଁ ରାମ ଦାଦାଙ୍କ ଝିଅ ଆଶା ! ଶାଶୁ ଘରୁ କାଲି ବାହୁଡ଼ି ଆସିଚନ୍ତି । ଆଶା ଅପା ବାହାଙ୍କ

http://oaob.nitrkl.ac.in

ହେଲା ଅଗରୁ ଆମ ଘର ଦିନେ ନ ମାଡ଼ିଲେ ଭାତ ରୁଚୁ ନ ଥିଲା ।
ବର୍ଷେ ହେଲା ବାହା ହୋଇ ସମସ୍ତଙ୍କୁ ପର କରି ଦେଲେଣି ।

ହସି ହସି ତାଙ୍କ ହାତ ଧରି ଘର ଭିତରକୁ ଟାଣି ନେଇ ଆସିଲି ।
କେତେ ସୁଖ ଦୁଃଖ କଥାର ଲହଡ଼ି ଛୁଟିଲା । ଆଶା—ଭାରି ଭଲ
ଝିଅଟିଏ । କି ସୁନ୍ଦର, ପ୍ରାଣ ପିତୁଲିଆ କଥାଟି ତାର । କହିଲି, ଆଶୀ
ତମର ଏଇ ସୁନ୍ଦର ରୂପକୁ ନାଁଟି କେତେ ସୁନ୍ଦର "ଆଶା" । ଶୋଭା
ହସି ହସି କହିଲା, ନୂଆବୋଉ ଭାଇ ପରି ଏଇ ଆଶା ପାଇଁ ଦିନେ
ପାଗଳ ହୋଇ ଯାଇଥିଲେ । ଆଉ ଆଶାଅପା ବି ଭାଇଙ୍କୁ ଦିନେ ନ
ଦେଖିଲେ ବଣା ହୋଇ ଯାଉଥିଲା । ଭାଇ ଘରେ ଦିନେ ଜିଦ୍ ଧରି
ବସିଥିଲେ ଏଇ ଆଶା ଅପାଙ୍କୁ ବାହା ହେବେ ବୋଲି । କିନ୍ତୁ କରଣ
ଘର ପୁଅ ସହିତ ବ୍ରାହ୍ମଣ ଘର ଝିଅର ବାହାଘର ହେବ କିପରି ?
ସମାଜପତିଙ୍କ କଠୋର ନିଯ୍ୟମର ଶାଣିତ ତରବାରିରେ ଆଶା ଅପା
ଓ ଭାଇଙ୍କର ସ୍ନେହ ବଳି ପଡ଼ିଲା ।

ତାପରେ ଆଶା ଅପା ବାହା ହେଇଗଲେ । ଭାଇ ବି ତମକୁ ବାହା
ହେଲେ । କହିଲି, ଯେତେ—ତା'ହେଲେ ଆଶାଅପା ବି ତମ
ଭାଇଙ୍କ ଆଶା ଉପବନରେ ଦିନେ ଫୁଟିଥିଲେ । ଶୋଭା ହସି ହସି
କହିଲା, ଖାଲି ଫୁଟିଥିଲେ କଣ, ତା ସଙ୍ଗେ ସଙ୍ଗେ ହସିଥିଲେ,
ରସିଥିଲେ, ପୁଣି ଶେଷରେ ଦିନେ ଲୋଟି ଥିଲେ । ଆଶା କହିଲା,
ଶୋଭା ପାଗଲାମି ଆଜିଯାଏ ଗଲାନି । ମୁହଁଟା ତା'ର
ଲାଜରେ ରଙ୍ଗ ହୋଇଗଲା । କହିଲି, ଲାଜ କରୁଚ କି ଆଶା
ଦେବୀ—ଲାଜ କଥା କଣ ବା ଇଏ । ଏ ତ ଜୀବନର କିଛିଟା ସତ
କଥା । ଆଶା କହିଲା, ନୂଆବୋଉ ଯେ ଯାଇଚି· · ·ସେ କଥା ଆଉ

http://oaob.nitrkl.ac.in

ମନେ ପକାଇ ଆଲୋଚନା କରି ଲାଭ କଣ ? ପୁରୁଣା ଦରନ୍ଦୀ ମିଶା କଥାଗୁଡ଼ାକ ଶୁଣିଲେ ଖାଲି ମନ ଦୁଃଖ ସାରୁ ହେବ ସିନା । ହଁ ଲୋ ଆଶା ଦୁନିଆରେ କିଏ କେତେ ଆଶା କରୁଚି—କିନ୍ତୁ ତା କଣ ସେ ପାଉଚି । ଇମିତି ଅତୀତ ଜୀବନର କେତେ କଥା ଭାଷା ଆଲୋଚନା ପରେ ଆଶା ବିଦାୟ ନେଲା । କହିଲା, ଆସୁଥିବ ଆଶା ଅପା । ସେ ହସି ହସି ହଁ ଭରି ଶୁଣିଗଲେ ।

ରାତିରେ ଶୋଇଲାବେଳେ ସ୍ୱାମୀଙ୍କୁ ପଚାରିଲା, ଆଚ୍ଛା ସାମ ଦାଦାଙ୍କ ଝିଅ ଆଶାଙ୍କୁ କୁଆଡ଼େ ଭାରି ଭଲ ପାଉଥିଲ । ସ୍ୱାମୀ ହସିଲେ—ମେଘର ଲୁଚି ପଶିତ ତଳେ ଜହ୍ନ ଯେମିତି ସବୁଗ ମ୍ଳାନ ହସ ହସେ । ପଚାରିଲା, ତାଙ୍କୁ ବାହା ହେଲ ନାହିଁ କାହିଁକି ? ସେ ତ ମୋ ଠାରୁ ବେଶୀ ସୁନ୍ଦରୀ ରୂପରେ ଗୁଣରେ । ସ୍ୱାମୀ କହିଲେ, ମାଳ ଜୀବନର ଏଇ ଅଙ୍କାବଙ୍କା ପଥରେ ଗୁଲି ଗୁଲି ମଣିଷ ବେଳେ ବେଳେ ପ୍ରକୃତିର ସୌନ୍ଦର୍ଯ୍ୟ ଭିତରେ ବି ଅନ୍ଧହରା ହୋଇ ପଡ଼େ । ଇଚ୍ଛା ହୁଏ ଯେପରି ସେଇ ସୌନ୍ଦର୍ଯ୍ୟକୁ ପ୍ରାଣଭରି ଉପଭୋଗ କରିବାକୁ—କିନ୍ତୁ ସେ କଣ ହୋଇ ପାରେ ? ଅଦିନିଆ ଝଡ଼ ବତାସ ଭିତରେ ସବୁ ଆଶା ତାର ଭାଙ୍ଗିଯାଏ—ଖାଲି ବଞ୍ଚିରହେ ଲୁଡିକ ପଥର କରି ତା ଉପରେ କେଇଟା ସ୍ମୃତିର ଆଞ୍ଜୁଡ଼ାଗାର । ପୁଣି ମଣିଷ ତାକୁ ଭୁଲିଯାଏ—ନୂଆ ପଥରେ ପୁଣି ଆଶା ଆସି ବାଟ କଢ଼ାଏ । କହିଲା, ଆଶାକୁ ବାହା ହୋଇଥିଲେ ମୋଠୁ ନିଶ୍ଚୟ ବେଶୀ ସୁଖି ହୋଇଥାନ୍ତ । ସେ କିଛି ଉତ୍ତର ଦେଲେ ନାହିଁ । ଖାଲି ମୁରୁକି ମୁରୁକି ହସିଲେ । ତାଙ୍କର ସେଇ ହସ ତଳେ ତଳେ ଉଙ୍କି ମାରୁଥିଲା ଅତୀତର ପରାଣ ଭରା ଗୋଟିଏ କରୁଣ ଛବି । ଫୁଲଟା ଫୁଟି ଯେତେବେଳେ ଗଛର ପାଦ ତଳେ ଲୋଟି ପଡ଼େ··· ମାଟି ତେତେବେଳେ ପଚାରେ, ଗଛର ଫୁଲ ତୁ ଇମିତି ମୋ

http://oaob.nitrkl.ac.in

ଉପରେ ପଡ଼ି ନାଚର ଏତେ ସୁନ୍ଦର ଦେହଟାକୁ ଧୂଳି ଧୂସର କରୁଚୁ କାହିଁକି ? ଝରାଫୁଲ୍ ତେତେବେଳେ କିଛି ଉତ୍ତର ଦେଇ ପାରେନା —ଖାଲି ପାଖୁଡ଼ାରେ ତାର ଲାଗି ରହିଥିବା ଫିକା ହସ ଟିକେ ସେ ଶେଷଥର ପାଇଁ ହସି ଦିଏ । ସିମିତ ଝରାଫୁଲ ହସ ପରି ସ୍ୱାମୀଙ୍କର ହସ ଦିଶୁଥିଲା ଫିକା ମୁହଁଟା ସବୁଗ ମ୍ଲାନ ।

ମନ ଭୁଲାଇବାକୁ କଥା ବୁଲାଇ ସେ ଅନ୍ୟ କଥା ଆରମ୍ଭ କଲେ । କହିଲେ ଏତେ ଦୁର୍ବଳ ତମେ—ଅତୀତର କଥାଗୁଡ଼ା କହିବାକୁ ମୋ ଆଗରେ ଏତେ କୁଣ୍ଠାବୋଧ କରୁଚ । ମୁଁ କଣ ତମର କେହି ନୁହେଁ । ସେ ହସି ହସି କହିଲେ, ଦୁର୍ବଳ ମୁଁ ଏକା ନୁହେଁ ମାଲ —ଦୁନିଆର ଏଇ ପ୍ରତ୍ୟେକ ନର ନାରୀ ଦୁର୍ବଳ । ଅତୀତକୁ ସମସ୍ତେ ଘୋଡାଇ ବାଟ ଚାଲନ୍ତି । ଆଚ୍ଛା ତମେ ତମର ଅତୀତ କଥା ମୋ ଆଗରେ ମନ ଖୋଲି କହି ପାରିବକି ? ତାଙ୍କ ପ୍ରଶ୍ନରେ ମୋ ହୃଦସ୍ପୁଟା ବିଚଳିତ ହୋଇ ଉଠିଲା । କିଛି କହି ପାରିଲି ନାହିଁ । ନିଦ ଆସିବା ଛଳନା କରି ଆଖି ବୁଜିଲି ।

ସ୍ୱାମୀଙ୍କର ଦୁଇମାସ ଛୁଟି ପୂରିଗଲା । ସେ ବାହୁଡ଼ି ଗଲେ କଟକ ସହରକୁ, ପୁଣି ସେଇ ଧରାବନ୍ଧା ଅଫିସ ଜୀବନ ଭିତରକୁ । ଗଲାବେଳେ ଶୋଭାକୁ ମୋତେ କେତେ ସବୁ ଭଲ କଥା କହି ଯାଇଥିଲେ—ସେଇଆକୁ ଭାବି ଭାବି ଦିନଗୁଡ଼ା ମୋର ସରି ଯାଉଥିଲା—ଖାଲି ଗୋଟାଏ ପ୍ରାଣପୁଲକ ଭରା ଆଶା ଓ ଉଲ୍ଲାସରେ ।

ସ୍ୱାମୀ କଟକ ଗଲା ଦିନଠାରୁ ଶୋଭା ସାଙ୍ଗରେ ମୋର ଦିନଗୁଡ଼ା କଟିବାକୁ ଲାଗିଲା । ସବୁବେଳେ ତାରି ସାଙ୍ଗରେ ଗପ କରେ । ତାର

http://oaob.nitrkl.ac.in

ଅଲସ ବାଳକକୁ କୁଣ୍ଢାଇ ସଜାଡ଼ି ଦିଏ। ମୁଣ୍ଡରେ ସିନ୍ଦୂର ଟୋପା, ଆଖିରେ ସରୁ କଜଳ ରେଖାଟି ଟାଣି ଦେଇ କୁହେ, ଦେଖନା ଶୋଭା କେଡ଼େ ସୁନ୍ଦର ଦିଶୁଚ ତମେ—ରାଜକୁମାରଟି ପରି। କେଉଁ ରଜାପୁଅ ତମକୁ ବରଣମାଳ ଦେବ କେଜାଣି? ଶୋଭା ହସେ—ପୁରିଲା ମୁହଁଟି ତାର ଅଭିମାନରେ ଫୁଲି ଉଠେ। କୁହେ, ନୂଆବୋଉ ତୁମେ ଭାରି ଜଣେ। କୁହେ, ମୁହଁକୁ ହାଣ୍ଡିପରି କରୁଚ—ସତେ ଯେପରି କାହା ହେବନି ଶୋଭା। ଶୋଭା ଲାଜରେ ମୋ କୋଳରୁ ପଳାଏ।

ପୁଣି ପରକ୍ଷଣରେ ଆସି ବଲେ ବଲେ ମୋ କୋଳରେ ବସେ। ଘର କାମରେ ସାହାଯ୍ୟ କରେ। ଅଣା ବେଳେ ବେଳେ ଆସେ। ତିନିଙ୍କ ଭିତରେ କେତେ ଗପ ପଡ଼େ। ଶାଶୁ ଆସି ଚିଡ଼ିଲେ ଆମ ତିନିଜଣିଆ ମେଳ ଯାଏ ଭାଙ୍ଗି।

ଶୋଭା ବେଳେ ବେଳେ ମୋତେ କୁହେ, ନୂଆବୋଉ ଭାଇ ଗଲାଦିନୁ ତମ ମୁହଁ କାହିଁକି ଶୁଖିଲା ଦିଶୁଚି—ଆଗର ସରାଗ ନାହିଁ। ତମେ ଭାଇଙ୍କ ସବୁବେଳେ ଖାଲି ଝୁରି ହେଉଚ। ଶୋଭା—ଝିଟିଆ ନଣନ୍ଦଟି ମୋର। ସେ ବି ମୋ ମନକଥା ବୁଝିଲାଣି। ତାକୁ କୋଳକୁ ଟାଣିଆଣି କୁହେ, ନା ଲୋ ମୋ ମୁହଁ କାହିଁକି ଶୁଖିଲା ଦିଶିବ... ତମକୁ ସେମିତ ଦିଶୁଚି ନା। ସେ ହସେ। କହେ, ନୂଆବୋଉ ମୁଁ ପିଲାଟିଏ ହୋଇଚ—ମୋତେ ଭୁଲାଇ ଦେବ। ତା ସରାଗ ମିଶା କଥାର ଝିଟିଆ ଲହଉଚି ମୋ ଆଶା ନଈର ଅରଡ଼ା ଉପରୁ ମାଟି କାଦୁଅପରି ଲାଗିଥିବା ମନର ବେଦନା ଟିକ ଧୋଇଦିଏ। ମୁଁ ହସି

http://oaob.nitrkl.ac.in

ହସ ତାଙ୍କୁ କୋଳରେ ପୂରାଇ ଭୁଲିଯାଏ । ଆଖି ଆଗରେ ଝୁଲୁଥିବା ଦୂର ଦିଗ୍‌ବଳୟର ନେଳିଆ ପରଦା ଉପରୁ ସ୍ୱାମୀଙ୍କର ହସ ହସ ମୁହଁ ସତେ ଯେପରି ଭାସି ଉଠୁଥାଏ ।

ମାସ ଗୋଟାଏ ପରେ । ସେ ଦିନ ମୁହଁ ସଞ୍ଜବେଳେ ଶୁଖିଲା ମୁହଁ କରି ଶୋଭା ଆସି କହିଲା, ନୂଆବୋଉ ଚିଠି ଆସିଛି—ଭାଇଙ୍କ ଦେହ ଭାରି ଖରାପ । ବାପା କାଲି ସକାଳେ କଟକ ଯିବେ । ସ୍ୱାମୀଙ୍କ ଦେହ ଖବର ଶୁଣି ଅଜଣା ଭୟରେ ମୋ ଛାତିର ପତଳା ପରଦାଟା ଥରି ଉଠିଲା—ଝଡ଼ର ସୂଚନା ଆଗରୁ ଏଇ ମାଟି ଗୋଡ଼ି ଯେମିତି ଥରି ଉଠେ । ପଚାରିଲି, କଣ ହୋଇଛି ଶୋଭା ?
ଭାରି ଜର ।

ବାପାଙ୍କୁ କହିବି ମୁଁ ତାଙ୍କ ସାଙ୍ଗରେ ଯିବି । ବିଦେଶରେ ତାଙ୍କ ସେବା କିଏ କରିବ ଶୋଭା । ଆଖିରୁ ମୋର ଲୁହ ଝରି ପଡ଼ିଲା । ବେଦନାରେ ଭାଙ୍ଗି ପଡ଼ିଲା ସ୍ୱରରେ ଶୋଭା କହିଲା, ନୂଆବୋଉ କାନ୍ଦୁଛ ! ଭାଇଙ୍କ ଦେହ କଣ ଭଲ ହେବନି । କଣ ବା ହୋଇଛି—ଜରତ । ସେ ଛାଡ଼ିଯିବ ନୂଆବୋଉ । ତା କଥାରେ ମୋ ମନବୋଧ ହେଲା ନାହିଁ । ସଞ୍ଜ ଅନ୍ଧାର ଗୃହଆଡ଼େ ସେତେବେଳକୁ ଘୋଟି ଗଲାଣି । ମନେ ହେଲା ସତେ ଯେପରି ମୋ ଜୀବନର ସବୁଗ ଦୁନିଆ ଘୋଟି ଯାଇ ଇମିତି ଅନ୍ଧାର ଘୋଟି ଆସୁଛି । ଶୋଭାକୁ ଧରି କାନ୍ଦି ଉଠିଲି ।

ବାପା କଟକ ଚାଲିଗଲେ । ତାଙ୍କର ଚିଠିକୁ ବୋଉ, ଶୋଭା ମୁଁ ଅନାଇ ରହିଲୁ । ମୁଁ ଖାଇବାକୁ ବସିଲେ ଭାତ ରୁଚେନା—ଉଠିଆସେ । ଶାଶୁ

http://oaob.nitrkl.ac.in

ଆସି କେତେ ବୁଝାନ୍ତି, ବୋହୂ ପୁଅଦିହ କଣ ଭଲ ହେଇ ଯିବନି, ମା'ଟା ପରା—ଭୁଖା । ପୁଣି ଖାଇବସେ କାନ୍ଦୁ ଖାଇବା କଣ ଆଖିର ଲୁହରେ ଭାତ ଥାଳି ଓଦା ହୁଏ । ଶୋଭା କେତେ ବୁଝାଏ— କୋଉଥିରେ ମନ ମାନେନା ।

ଦି'ଦିନ ପରେ ଚିଠି ଆସିଲା । ବାପା ଲେଖିଛନ୍ତି, ରବିର ଦେହ ଭଲ ଆଡ଼କୁ ଆସିଲାଣି । ତମେମାନେ ବ୍ୟସ୍ତ ହେବନି । ସେ ସାତ ଆଠ ଦିନ ଭିତରେ ସମ୍ପୂର୍ଣ୍ଣ ଭଲ ହେଇଗଲେ ମୁଁ ତାକୁ ସାଙ୍ଗରେ ନେଇଯିବି । ମନରେ ଟିକେ ଶାନ୍ତି ଆସିଲା । ଆଶାର ଆଲୁଅ ଜଳି ଉଠିଲା—ସେ ନିଶ୍ଚୟ ଭଲ ହେଇଯିବେ । ମନର ବେଦନା ଜଣାଇ କେତେ ଠାକୁରଙ୍କୁ ଡାକିଲି । ହୃଦୟର ସବୁ ବ୍ୟାକୁଳ ନିବେଦନ ତାଙ୍କରି ପାଖରେ ଅଜାଡ଼ିଦେଲି ।

ଚାରିଦିନ ପରେ ବାପା ଫେରି ଆସିଲେ । ଶୋଭା ଦଉଡ଼ି ଯାଇ ପଚାରିଲା, ବାପା ତମେ ଏକଲା—ରବିଭାଇ କାହିଁ ? ବାପା ବସିପଡ଼ି ଭୋ ଭୋ ହୋଇ କାନ୍ଦି ଉଠିଲେ । କହିଲେ, ରବି ମୋର ନାହିଁ ମା, ସେ ଆମ ସମସ୍ତଙ୍କୁ ପର କରିଦେଇ କାଲି ରାତିରେ ଯାଇ କଟକର ସେଇ ଖାନନଗର ମଶାଣିରେ ଶୋଇ ପଡ଼ିଛି । କାଠଯୋଡ଼ିର ଶୀତଳ ପବନରେ ସେ ଚିରଦିନ ପାଇଁ ଶୋଇବ ମା—ତା' ନିଦ ଆଉ ଭାଙ୍ଗିବ ନାହିଁ । ଶୋଭା ଢାଡ଼ି ଉଠିଲା । ବୋଉ ସେ ପାଖ ଘରୁ ଦଉଡ଼ି ଆସି କାନ୍ଦି ଉଠିଲା । ମୁଁ କାନ୍ଦି କାନ୍ଦି କେତେବେଳେ ଅଜ୍ଞାନ ହେଇ ପଡ଼ିଲି—ଜାଣେନା ।

http://oaob.nitrkl.ac.in

✽ ତେର ✽

ଭିକାରୀର ଶେଷ ସମ୍ବଳ ବାଡ଼ିଟି ହଜିଗଲା ପରି ନାରୀର ସର୍ବସ୍ୱ— ଯାକୁ ନେଇ ନାରୀ ଗର୍ବ ବୋଧକରେ, ସେ ଆଜି ମୋର ନାହିଁ । ଆଜି ମୁଁ ବିଧବା । ମୋ ମୁହଁ ଚାହିଁଲେ ପଶ ନାହିଁ । ମା ପରି ଯୋଉ ଶାଶୂ ମୋତେ ଆଦର କରୁଥିଲା—ସିଏ ଆଜି ମୋ ମୁହଁକୁ ଅନାଉ ନାହିଁ । ଗାଁରେ ସମସ୍ତଙ୍କ କହୁ ବୁଲୁଚି, ସବାଖାଇଣୀ ଆସିଥିଲା ଯେ ଗୃହଣୀ ମାସ ନ ପୁରୁଣୁ ମୋ ପୁଅକୁ ଖାଇଲା ।

ଶୋଭାର ଆଉ ରୂପ ନାହିଁ । ସେ ମୋର ଦୁଃଖରେ ସବୁବେଳେ ଦୁଃଖୀ । ଦେଖିଲେ ହସିବ କଣ ଖାଲି କାନ୍ଦେ । ମୋର ଖାଇବା ନ ଖାଇବା ସମାନ । ସବୁବେଳେ ଖାଲି ବସି ବସି ଭାବେ; ଏ କଣ ହେଲା । ଯୋଉ ନାଆରେ ଗୋଡ଼ ଦେଇଚି—ସେ ନାଆ କଣ ବୁଡ଼ି

http://oaob.nitrkl.ac.in

ଯାଉଚି ଦୁଃଖର ଅଥଳ ଦରିଆରେ ଭସାଇ ଦେଇ । ମନର ସବୁ ଅଶାନ୍ତି ଜଳି ପୋଡ଼ି ପାଉଁଶ ହେଇ ଯାଉଚି—ଅଉ ଏ ଛାର ଜୀବନଟା ଧରି ଲାଭ କଣ ? ଶୋଭା ଆସି ମୋ ଭିତରେ ଛନ୍ନି ଜାକି ବସେ । କହେ ନୂଆବୋଉ ଖାଲି ଭାବି ଭାବି କଣ ଏମିତି ଜୀବନଟାକୁ ମାଟି କରିଦେବ । କୁହେ, ଆଉ ଜୀବନ କଣ ଲେଉଟାଲେ ଶୋଭା—ମରିଗଲେ ଯାଏ । ଶୋଭା କାନ୍ଦେ—ତା ଆଖିର ଲୁହ ପୋଛୁ ପୋଛୁ ମୁଁ କାନ୍ଦେ ।

ଶାଶୂ ବେଳେ ବେଳେ ବିନା ଦୋଷରେ ମୋ ଉପରେ ସବୁ ଦୋଷ ଲଦି ଦିଅନ୍ତି । କୁହନ୍ତି, ଲକ୍ଷ୍ମୀଛାଡ଼ି ଝିଅ ଆସିଲା ଦିନଠାରୁ ମୋର ସବୁ ଅମଙ୍ଗଳ ଗୋଡ଼ାଇଛି । ମା'ଙ୍କ କଥାରେ କିଛି ଉତ୍ତର ଦେଇ ପାରେନା । ଭାବେ ଏ ମୋର ଭାଗ୍ୟର ଫଳ । ଆଜି ମୁଁ ବିଧବା—ବିଧବାର ସବୁବେଳେ ସହିବାର ଅଛି ।

ଦି'ଦିନ ହେଲା ବାପାଙ୍କ ଭାରି ଜର । ଅନ୍ନ ଜଳବି ସ୍ପର୍ଶ କରି ନାହାଁନ୍ତି । ଶୋଭା ଓ ମୁଁ ଦିହେଁ ବସି ଜଗି ରହିଚୁ । ମା, ସେ ଘରୁ ମୋତେ ଦେଖେଇ ଦେଖେଇ କହିଲେ, କୋଉଠୁ ଗୋଟାଏ ସର୍ବଖାଇ ଆସିଚି ଯେ ସେ ସମସ୍ତଙ୍କୁ ଖାଇବ । ବାହାରିକୁ ସେ ଛାଡ଼ିବ ନାହିଁ । ଶୋଭା ଉଠିଯାଇ ପଚାରିଲା, ବୋଉ ସବୁବେଳେ ତୁ ନୂଆବୋଉ ଉପରେ ଏମିତି ହେଉଚୁ କାହିଁକି ? ଝିଅ ପରା ଜନମ କରିଚୁ । ନାଁ ପରଝିଅ ବୋଲି ମନଇଚ୍ଛା ସବୁବେଳେ ଯା' ଇଚ୍ଛା କହିପିବୁ । ମା' ପରା ତୁ—ମା' ନାଁ ତୁ ପାଷାଣୀ । ହଠାତ୍ ମା' ରାଗରେ ଜଳି ଉଠିଲେ । ଦଉଡ଼ି ଆସି ଶୋଭା ଗାଲରେ ଠୋ ଠୋ

http://oaob.nitrkl.ac.in

ଦି' ଚାପୁଡ଼ା ବସାଇ ଦେଲେ । କହିଲେ, ମୋ କଥାରେ ତୁ ଜବାବ ଦେବୁ । ବାହାର ଯା ମୋ ଘରୁ ତୁ ଝିଅଟିକୁ ନେଇ । ସେଆଡ଼େ ବସି ନଣନ୍ଦ ଭାଉଜ ସୁଆଗ ଦେଖାଇବ । ମୁଁ ଉଠି ଆସି ଦେଖିଲି ଶୋଭା କହିଁ କହିଁ ହୋଇ କାନ୍ଦୁଛି । ଗାଲରେ ପାଞ୍ଚ ଆଙ୍ଗୁଳି ଦାଗ ବସିଯାଇ ଲାଲ ଦିଶୁଛି । ତାକୁ କୋଳକୁ ନେଇ ଲୁହ ପୋଛିଦେଇ କହିଲି, ଶୋଭା ମା' ଯା କହୁଛନ୍ତି, ମୁଁ ସେଇଅଲେ; ମୁଁ ଗୋଟାଏ ସବାଖାଇ । ତା' ନହେଲେ ତମ ଭାଇ କଣ ଇମିତି ମରି ଯାଇଥାନ୍ତେ । ତୁ କାହିଁକି ମୋ ପାଇଁ ଏତେ ଦୁଃଖ ସହିବୁ ଲୋ—ମୁଁ ଏ ଘରଛାଡ଼ି ଚାଲି ଯାଉଛି । ମୁଁ ଆଉ ତମର କଷ୍ଟ ଦେଖି ପାରିବି ନାହିଁ··· । "କୁଆଡ଼େ ଯିବ ନୂଆବୋଉ । ମୁଁ ତମ ସାଙ୍ଗରେ ଯିବି ?" ଶୋଭା କଥା ଶୁଣି ମୋ ଆଖିରୁ ଧାର ଧାର ହୋଇ ଲୁହ ଛୁଟିଲା । ତାକୁ କିଛି କହି ପାରିଲି ନାହିଁ ।

ସେଇଦିନ ଡାକରେ ଚିଠି ଦେଲି ବାପାଙ୍କ କତିକି, ମୋତେ ଆସି ଶୀଘ୍ର ଘରକୁ ନେଇଯାଅ—ନ ନେଲେ ବିଷ ଖାଇ ମରିବି । ଏଠି ଆଉ ମୁଁ ତିଳେ ବଞ୍ଚି ପାରିବି ନାହିଁ ।

ଦି'ଦିନ ପରେ ବାପା ଆସି ପହଞ୍ଚିଲେ ଗାଡ଼ି ନେଇ । ତାଙ୍କ କଢରେ କାନ୍ଦି କାନ୍ଦି ସବୁ ଦୁଃଖ, ଗୁହାରି ଜଣାଇଲି । ଶ୍ୱଶୁରଙ୍କ ଦେହ ଟିକିଏ ଭଲ ଆଡ଼କୁ ଆସିଥାଏ । ଦି'ମାସ ପରେ ବାପା ପୁଣି ମୋତେ ଛାଡ଼ି ଦେବାକୁ କହି ଶ୍ୱଶୁରଙ୍କଠାରୁ ଅନୁମତି ଆଣିଲେ । ଶାଶୁଙ୍କୁ ପଚାରିଲେ—ସେ କହିଲେ, ତମ ଝିଅକୁ ନେଇ ସବୁଦିନେ ଘରେ ରଖ—ଏଠିକି ଆସିବା ଦରକାର ନାହିଁ । ହତଭାଗିଣୀ ତା ମୁହଁ ଚାହିଁଲେ ଯଶ ନାହିଁ ।

http://oaob.nitrkl.ac.in

ଆସିଲାବେଳେ ଶୋଭା କାନ୍ଦି କାନ୍ଦି ଗୋଡ଼ ତଳେ ପଡ଼ି କହିଲା, ନୂଆବୋଉ ତମେ ଆସିବ—ମୋତେ ଭୁଲି ଯିବନି । ତାକୁ ବୁଝାଇ କହିଲି, ଶୋଭା ଭାଗ୍ୟରେ ଥିଲେ ଆସିବି—ନହେଲେ ସିଆଡ଼େ ମରିଗଲେ ଆଉ ଏ ପୋଡ଼ା ମୁହଁକୁ ତତେ ଦେଖାଇବାକୁ ଆସିବି ନାହିଁ । କେତେ ବୁଝାଇ ଗାଡ଼ିରେ ବସିଲି । ଗଣ୍ଡେ ବାଟ ଆସିଲା ପରେ ଝାଟି ଫାଙ୍କରୁ ପଛକୁ ଅନାଇଲି ଶୋଭା ସିମିତ କରୁଣ ଦୃଷ୍ଟିରେ ମୋର ଆଡ଼େ ଚାହିଁ ରହିଛି । ଭାରି ବାଧ ମାଡ଼ିଲା । କହିଁ କହିଁ ହେଇ ପିଲଙ୍କ ପରି କାନ୍ଦି ଉଠିଲି ।

ଗାଡ଼ି ଚାଲିଲା କେତେ ଖାଲି, ଢିପ, ଧୂଳି ଧୂସରିଆ, କାଦୁଅ ବାଟ ଅତିକ୍ରମ କରି । ଦୂର ସେଇ ଗଛ ଗହଳି ଫାଙ୍କରୁ ଚିର ପରିଚିତ ପଦ୍ମପୁର ଗାଁଟି ମୋର ସତେ ଯେପରି ଉଙ୍କି ମାରି ମୋତେ ହାତ ଠାରି ଡାକୁଥିଲା । କାହିଁ କେତେ ଦୂରରେ ଲୁଚିଗଲା ମୋର ଅତୀତର ଦିନର ଶ୍ୱଶୁର ଘର । ପଛକୁ ଅନାଇଲେ ଖାଲି ଆଖିରୁ ଲୁହ ଝରେ । ଦୁର୍ବଳ ହୃଦୟକୁ ବୋଧ ଦେଇ ମନ ପୁଣି ନୂଆବାଟ କଢ଼ାଏ—ଆଖିରୁ ଲୁହ ପୋଛିବାକୁ ଇଙ୍ଗିତ ଦିଏ ।

ଘରେ ଆସି ଦେଖିଲାବେଳକୁ ବୋଉର ଅବସ୍ଥା ନାହିଁ । ସବୁବେଳେ ସେ ମୋରି ଭାବନାରେ ଝୁରି ଝୁରି ଅଗ ଦେହେଇ ତାର ନାହିଁ—କଣ୍ଟା ହେଇଗଲାଣି । ମୋତେ ଦେଖି କେତେ କାନ୍ଦିଲା । ମୁଁ କାନ୍ଦି କାନ୍ଦି କହିଲି, ବୋଉ କାନ୍ଦୁଚୁ କାହିଁକି, ମୋ ଭାଗ୍ୟର ପୋଡ଼ା—ତୁ ଆଉ କାନ୍ଦିଲେ କଣ ହେବ । କିଏ ଆଉ ମୋ ଭାଗ୍ୟକୁ କଣ ଫେରାଇ ଦେବ । ସେ ତଥାପି ବୁଝିଲା ନାହିଁ—ମୋତେ କୋଳରେ ପୁରାଇ ଘଣ୍ଟାଏ କାଳ କାନ୍ଦିଲା ।

http://oaob.nitrkl.ac.in

ରାତରେ ବୋଉ ଭିତରେ ଶୋଇଲାବେଳେ ଶାଶୁର ସ୍ମୃତିମାନ କଥାଗୁଡ଼ା ତାଙ୍କୁ କହିଲି । କଥା ପଡ଼ୁ ପଡ଼ୁ ବୋଉ କହିଲା, ମାଳ ଦେବଭାଇ ଅସିଚି ଆଜକୁ ଆଠଦିନ ହେଲା । ମଝିରେ ଥରେ ମୋ ଭିତରେ ଆସିଥିଲା—ତୋ କଥା ସବୁ ପଚାରି ବୁଝିଲା । ତୋ ଦୁଃଖ ଶୁଣି ସେ କହିଲା, ମାଉସୀ ଆମ ଦୁହିଁଙ୍କ ଜୀବନରେ ଆଉ ଶାନ୍ତି ନାହିଁ । କେତେ ତୋ ପାଇଁ ବ୍ୟସ୍ତ ହୋଇ ଚାଲିଗଲା । ଦେବଭାଇ ଅସିଚନ୍ତି—ହଠାତ୍ ମୋ ହୃଦୟଟା ଅଜଣା ପୁଲକରେ ଥରି ଉଠିଲା । ପଚାରିଲି, ଏତେ ଦିନ ଯାଏ କୁଆଡ଼େ ଥିଲେ । ବୋଉ କହିଲା, କଲିକତାରେ କୋଉ ଅଫିସରେ ଚାକିରି କରି ରହିଥିଲେ । ସୁରଭାଇ ଏ ଖବର ପାଇ ଯାଇ ନେଇ ଅସିଚନ୍ତି ।

ଅତୀତର ଦେବଭାଇଙ୍କ ସ୍ମୃତିଗୁଡ଼ା ମୋ ମନରେ ଗୋଟି ଗୋଟି ହୋଇ ଭାସି ଉଠିଲା । ପିଲାବେଳ ଠାରୁ ଆଜି ପର୍ଯ୍ୟନ୍ତ ଯେତେ ଯେତେ ସ୍ମୃତି ସବୁ ମନ ଗଗନରେ ମେଘ ପରି ଆସି ବାନ୍ଧିଲା ନିଜକୁ ଲୁଚାଇ ଦେଲି ତାଙ୍କର ସ୍ମୃତିର ଜହ୍ନାଡ଼ରେ । ଭାବୁ ଭାବୁ ରାତି ପାହିଲା ବୋଲି ଦୂରରେ କୁକୁଡ଼ା ସବୁ ଡାକିଲା । ଅନାଇଲି ଚାରିଆଡ଼େ ଫରଚା ହୋଇ ଆସିଲାଣି । ନିଦ ହୋଇ ନ ଥାଏ ବୋଲି ଆଖିଟା ପୋଡ଼ୁଥାଏ ।

ଦିନ ସାରାଟା ଗଡ଼ିଗଲା । ଖାଲି ଦେବଭାଇଙ୍କ ଭାବନାରେ ମନରେ ପରାଣ ବଢ଼ିବାରେ ଲାଗିଲା । ଭାରି ମନ ହେଉଥାଏ ଥରେ ତାଙ୍କୁ ଦେଖି ହୃଦୟ ଭିତରେ ତାଙ୍କର ମଳିନ ଛବିଟାକୁ ସଜାଗରେ ପୋଛି ଦେବାକୁ । କିନ୍ତୁ ପରକ୍ଷଣରେ ଅତୀତ ଆସି ଚାବୁକ ମାରୁଥାଏ ।

http://oaob.nitrkl.ac.in

ପୁଣି ଭାବୁଥାଏ ଯାହାଙ୍କ ଅନ୍ଧ ଏ ପୋଡ଼ା ମୁହଁକୁ ତାଙ୍କୁ ଦେଖାଇବି । ମୁଁ ତ ତାଙ୍କର ଆଦର୍ଶକୁ ଭୁଲି ମୋ ସୁଖ-ଶାନ୍ତି ଆପେ ଆପେ ବାଛି ନେଇଥିଲି । ଏଣିକି ତାଙ୍କର ପଥ ସେ ବାଛନ୍ତୁ । ମୁଁ ଯାହାଙ୍କ ପୁଣି ତାଙ୍କର ଜୀବନରେ ଅମଙ୍ଗଳ ଧୁମକେତୁ ପରି ଦେଖା ଦେବି । ନାଁ ନାଁ ସେ ସୁଖରେ ରହନ୍ତୁ । ସୁଖରେ ଘର ସଂସାର କରନ୍ତୁ । ପୁଣି ଭାବେ ଦେବଭାଇ ସତେ କଣ ମୋତେ ଭୁଲି ଯାଇଛନ୍ତି । ଏତେ ଦିନ ହେଲା ମୁଁ ଘରକୁ ଆସିଲିଣି—ସେ କଣ ଜାଣନ୍ତି ନାହିଁ । ଭୁଲରେ ଥରେ ବି ମଲି କି ବଞ୍ଚି ଅଛି ପଚାରିବାକୁ ଆସୁ ନାହାନ୍ତି । ଦିନ ଯାଏ—ରାତି ଆସେ । ରାତି ପାହେ—ହୁଏ ସକାଳ । କିନ୍ତୁ ମୋ ଭାବନାର ଦିନ, ରାତି, ସକାଳ, ସଞ୍ଜ ସବୁ ସମାନ ।

ସେଦିନ ସଞ୍ଜବେଳେ । ବାପା ଟିଉସନରୁ ଫେରି ନ ଥାନ୍ତି । ବୋଉ କଣ ଗୋଟାଏ କାମରେ ଯାଇଥାଏ ଗୋପାଳ ଦାଦାଙ୍କ ଘରକୁ । ଏକଲା ଭଲ ଲାଗୁ ନ ଥାଏ । ଦିନ ବୁଡ଼ ବୁଡ଼ ହେଉଥାଏ—ବତି ଲଗାଇଲି । ଦେଇଦେଇ ବାସ ଓ ସଞ୍ଜିପହରକୁ ପଶିଗଲି ।

ଶୁକ୍ଲପକ୍ଷ ରାତି । ରୁପେଲି ଆଲୁଅରେ ମେଘ ଗୁଡ଼ା ଭାସି ବୁଲୁଥାଏ । ଜହ୍ନଆଲୁଅ ଆସି ଆମ ଦୁଆରେ ମୂର୍ଚ୍ଛିତ ହୋଇ ଶୋଇ ପଡ଼ୁଥାଏ । ତାରା ଫୁଲ ଖଞ୍ଜା ସରଗ ଚାନ୍ଦୁଆ ତଳେ ଦୁଆର ମଣ୍ଡପରେ ମୁଁ ଶୋଇ ଶୋଇ ଭାବୁଥାଏ—ମୋର ଅତୀତ ଦିନର ସ୍ୱର୍ଗ ସ୍ୱପ୍ନ ଭାବନା ।

କିଏ ଡ଼ାକିଲା ମାଳ । ଅନାଇଲି ଦେବଭାଇ । ଉଠି ଛିଡ଼ା ହେଲି । ସେ ଆସି ଦୁଆରେ ଛିଡ଼ା ହେଲେ । ପଚାରିଲେ, ମଉସା, ମାଉସୀ

http://oaob.nitrkl.ac.in

ନାହାନ୍ତି ? କହିଲି, ହଁ । ସେ କହିଲେ ତୋ ଆସିବା ମୁଁ କାଲି ଜାଣିଲି ମାଳ । ତୋତେ ଦେଖିବାକୁ ମନଟା ଭାରି ଛଟପଟ ହେଲା—ଚାଲି ଆସିଲି । କହିଲି, ଛୁଟି ହେଲା କାହିଁକି ଦେବଭାଇ ବସ । ସେ ବସି ପଡ଼ିଲେ । ଦେଖିଲି, ତାଙ୍କର ଆଗ ରୂପ ନାହିଁ । ବେଦନାର ଛାଇରେ ତାଙ୍କ ମୁହଁଟା ସତେ ଯେପରି ମ୍ଳାନ—ନିସ୍ତେଜ । ପଚାରିଲି, ଦେବଭାଇ ତମ ରୂପ ଇମିତି କାହିଁକି ହେଇଛି । ସେ ହସିଲେ । କହିଲେ, ତୋ ରୂପଟା କୋଉ ଏବେ ଭଲ ଅଛି । କହିଲି, ମୁଁ ତ ଗୋଟାଏ ହୀନ କପାଳୀ—ମୋର ସବୁ ସୁଖ ସରି ଯାଇଛି । ତମର କଣ ହେଇଛି—ତମର ତ ସୁଖର ଦିନ ଗୁଡ଼ା ଆସୁଛି ଦେବଭାଇ । ବାହା ହେବ—ଘରସଂସାର କରିବ ।

ସେ ହସିଲେ ବୁଡ଼ି ଯାଇଥିବା ଜହ୍ନର ଜୀବନ ନ ଥିବା ହସପରି । କହିଲେ, ମାଳ ଏ ଯାଏ ମୋତେ ଚିହ୍ନି ପାରିଲୁ ନାହିଁ । ଜୀବନରେ ଯାକୁ ମୁଁ ଥରେ ଭଲ ପାଇଛି—ତା ଛଡ଼ା ଅନ୍ୟ କାହାକୁ ମୁଁ ଭଲ ପାଇବି—ଏ ଧାରଣା ତୋର ଭୁଲ । ପଚାରିଲି, ଦେବଭାଇ ତମେ କଣ ବାହା ହେବନି—ଇମିତି ଜୀବନଟାକୁ ଗୋଡ଼ ମାଟି ପରି ଅବହେଳା କରି ଫିଙ୍ଗିଦେବ ଦୂରକୁ । ମୋ ରାଣ—ଦେବଭାଇ ତମେ ବାହାହୁଅ । ତମର ସୁଖ ଦେଖିଲେ ମୁଁ ହେଲେ ଟିକିଏ ଶାନ୍ତି ପାଇବି । ମୋ ଜୀବନର ଯୋଉ ଶାନ୍ତିଟିକ ହଜାଇ ଦେଇଛି···ସେତିକି ତମ ସୁଖ ଭିତରୁ ମୁଁ ଆଉ ଥରେ ପାଇ ପାରନ୍ତି । ସେ କହିଲେ, ମାଳ ମୁଁ ଯଦି ବାହା ହୁଏ···ତେବେ ପୁଣି ତୋରି ସାଙ୍ଗରେ ବାହା ହେବି । ନ ହେଲେ ନାହିଁ । ତାଙ୍କ କଥା ଶୁଣି ମୋ ଦେହରୁ ସରମର ଝାଳ ବୋହିଗଲା । ଘଡ଼ିଏକାଳ ମୋ ମୁହଁରୁ କଥା ବାହାରିଲା ନାହିଁ ।

ପଚାରିଲେ, ମାଲ ତୋର ଇଚ୍ଛା କଣ । ମନ ଖୋଲି ତେବେ ଅନ୍ତର କଥା ମୋତେ ଆଜ କହିଲି । ପାଟିରୁ ବାହାରି ପଡ଼ିଲା, ଦେବଭାଇ ମୁଁ ଘର ବାନ୍ଧିବା । ସେ କହିଲେ, କିଏ କହୁଛି ତୁ ବାନ୍ଧିବା । ଗୁରୁଟା ମାଷ ଖେଳ ଭିତରେ ତୋ ଜୀବନଟା ଇମିତି ନଷ୍ଟ ହୋଇଯିବ । ଜୀବନର କ'ଣ ମୂଲ୍ୟ କିଛି ନାହିଁ । ନାଁ ମାଲ ପୁଣି ଥରେ ତୋର ବାହାଘର ହେବ । ତାଙ୍କ କଥାର କିଛି ଉତ୍ତର ଦେଇ ପାରିଲି ନାହିଁ । ସେ ଉତ୍ତେଜନାରେ ଆଉଁଷାଉଁ ବକିବାକୁ ଲାଗିଲେ । କେତେ-କେତେଲେକେ କହିଲି, ଦେବଭାଇ ରାତି ବହୁତ ହେଲାଣି—ଯାଅ । ସେ ଉଠିଗଲେ । ମନରେ ପୁଣି ଏକ ନୂଆ ଆଶା ନାଚ ଉଠିଲା ।

ମୋ ବାପା ବୋଉଙ୍କୁ ଦେବଭାଇ ମୋତେ ବାହା ହେବା କଥା ପରିଷ୍କାର ଭାବରେ କହିଲେ । ବାପା ମୋତେ ପଚାରିଲେ, ମାଲ ତୋର ଇଚ୍ଛା କଣ ? କିଛି କହିଲି ନାହିଁ—ଖାଲି କାନ୍ଦିଲି । ସେ ମୋତେ କୋଳକୁ ଟାଣି ନେଇ କହିଲେ, ମାଲ ତୋ ଜୀବନଟାକୁ ଇମିତି ନଷ୍ଟ କରି ଦେବାକୁ ମୁଁ ଚାହେଁନା । ଦେବ ସାଙ୍ଗରେ ତୋର ସୁଖର ସଂସାର ପୁଣି ଗଢ଼ି ଉଠୁ......ଏଇ ମୋର କାମନା ।

ଦେବଭାଇଙ୍କ ସହିତ ମୋର ବାହାଘରରେ ବୋଉ ବି ଭାରି ଖୁସି । ମା' ସେ...ଜନନୀ କିଏ, ଯିଏ ମନ କଥା—ଝିଅର ସୁଖ ଶାନ୍ତି—ଯଦି ନ ଦେଖିବ—ତେବେ ସେ କି ମା ।

ଦେବଭାଇଙ୍କ ସାଙ୍ଗରେ ମୋର ପୁଣି ବାହାଘର ପ୍ରସ୍ତାବରେ ଗାଁରେ କେତେ ଜନରବ ଉଠିଲା । ଭିନ୍ନ ବାଇଦ ସହସ୍ର ଲୋକ ।—ଜଣ

http://oaob.nitrkl.ac.in

କେତେ ରକମ ଖରାପ ଅର୍ଥରେ କହିବାକୁ ଲାଗିଲେ । କିନ୍ତୁ ସେ ସବୁକୁ କାନ ନ ଦେଇ ଦେବଭାଇ ମୋତେ ବାହାହେବେ ବୋଲି ଦୃଢ ପ୍ରତିଜ୍ଞା କହିଲେ । ସୁରଭାଇ, ନୂଆବୋଉ, ମାଉସୀ ସମସ୍ତେ ଦେବଭାଇଙ୍କ ସପକ୍ଷରେ ରହିଲେ । କିନ୍ତୁ ଏକା ଟଳିଲେ ନାହିଁ ବଡ଼ ମଉସା—ଦେବଭାଇଙ୍କ ବାପା । ସେ କହିଲେ, ମୋ ବୁଢାଦିନର ଉଜ୍ଜଳତରେ କାଳି ଦେଇ ମୁଁ ବିଧବା ସ୍ତ୍ରୀକୁ ପୁଣି ବୋହୂ କରି ଆଣିବି ନାହିଁ । ମୋ ଘରର ଲକ୍ଷ୍ମୀ ଚାଲିଯିବ । ଦେବର ଇଚ୍ଛା ତ ସେ ଅନ୍ୟ କୁଆଡ଼େ ଯାଇ ବାହା ହେଉ । ସେଇ ଅଡ଼େ ରହୁ—କିନ୍ତୁ ଏ ଘରେ ତା'ର ସ୍ଥାନ ନାହିଁ ।

ଶେଷରେ ସେଇଆ ହେଲା । ଦେବଭାଇ ମୋତେ ନେଇ କଟକରେ ସବୁଦିନେ ରହିବାକୁ ସ୍ଥିର କଲେ । କଟକ ଆସିବା ଦିନ ଠିକ୍ ହେଲା । ମାଉସୀ, ନୂଆବୋଉ, ସୁରଭାଇ, ବାପା, ବୋଉ ସମସ୍ତେ ଆମକୁ ଗାଁ ମୁଣ୍ଡରେ ପାଛୋଟି ଦେଇଗଲେ । ବଳଦ ଗାଡ଼ିଟା ଚାଲିଲା ବେଳ ଷ୍ଟେସନ ଅଡ଼େ । ଆସିଲାବେଳେ ନୂଆବୋଉଙ୍କ କଥା କେଇପଦ ଅହରହ କାନରେ ବାଜି ଯାଉଥିଲା । ମାଳ, ତମ ଦୁହିଁଙ୍କ ଆଜି ଏ ମିଳନରେ ମୁଁ ଭାରି ଖୁସି । ପାଖରେ ନ ପାଇଲେ ବି ଦୂରରେ ଥାଇ ତମର ସୁନ୍ଦର କଳ୍ପନା ଛବି ମୋତେ ସବୁଦିନେ ଶାନ୍ତି ଦେବ । ଯାଅ—ହସି ହସି ଜୀବନର ନୂଆ ସଂସାର ଗଢ଼ । ମୋତେ ଭୁଲି ଯିବନି । ଭଲ ମନ୍ଦ ଖବର ଲେଖି ବରାବର ଚିଠି ଦେବ । ଦରକାର ହେଲେ ଟଙ୍କା ପଇସାର ସାହାଯ୍ୟ ଲୋଡ଼ିବ । ଦେବର ଯତ୍ନ ନେବ । ଏତେ ଆଶାରେ ଯା'କୁ ହରାଇ ପୁଣି ପାଇଚ—ତାକୁ ଭୁଲରେ ବି ଅବହେଳା କରିବ ନାହିଁ ।

http://oaob.nitrkl.ac.in

କଟକରେ ସେଦିନ ପହଞ୍ଚି ଦେବଭାଇଙ୍କର ଜଣେ ବନ୍ଧୁଙ୍କ ବସାରେ ତିନିଦିନ ରହିବା ପରେ ରାଣୀହାଟରେ ଗୋଟିଏ ଭଡ଼ାଘର ମାସକୁ ତିରିଶଟଙ୍କା ଭଡ଼ାରେ ଠିକ୍ ହେଲା । ଆଉ ଦିନକ ପରେ ନୂଆ ବସାରେ ଆସି ରହିଲୁ ।

ପ୍ରଥମ ଦିନ ରାତିରେ । ଖାଇପିଇ ଦେବଭାଇ ଆଗେ ଶୋଇବାକୁ ଆସିଲେ । ମୁଁ ତାଙ୍କ ଅଧଘଣ୍ଟା ପରେ ଆସିଲି । ଦେଖିଲି, ଦେବଭାଇ ନିଦରେ ଶୋଇ ପଡ଼ିଲେଣି । ଝରକାଟା ଏକାଠି ବନ୍ଦ ହୋଇଥିଲା । ତାଙ୍କ କଡ଼ରେ ଶୋଇବାକୁ କାହିଁକି ଭାରି ଲାଜ ମାଡ଼ିଲା । ଅଲଗା ତାଙ୍କଠୁ ଟିକିଏ ଦୂରରେ ତଳେ ମୁଁ ଶୋଇ ରହିଲି । ରାତିଟା ସିମିତ କଟୁଥାଏ ।

http://oaob.nitrkl.ac.in

ରାତି ସେତେବେଳକୁ କେତେ ହେଲାଣି କେଜାଣି ଦେବଭାଇ ଡାକିଲେ, ମାଲ ତଳେ ଶୋଇଚ କାହିଁକି ବିଛଣାକୁ ଆ । ସେ ମୋ ହାତଧରି ଟାଣି ନେଲେ । ଲାଜରେ ମୁହଁଟା ମୁଁ ଓଢ଼ଣା ତଳେ ଲୁଚେଇଥାଏ । ମୋତେ ବିଛଣା ଉପରେ ଶୋଇ ଦେଇ କହିଲେ । ମାଲ, ଆଜି ଯବ ଆମର ପ୍ରଥମ ରାତି—ମଧୁଶଯ୍ୟା । ଆଜି ପରା ରାତିରେ କିଏ କଣ ଭୁଲେଇ ଶୁଏ । ମୁଁ ମୁରୁକି ହସିଲି—କିଛି କହି ପାରିଲି ନାହିଁ । ସେ ମୋତେ ପାଗଲ ପରି ଟାଣି ନେଲେ କୋଳକୁ । ବାର ବାର ଚୁମ୍ବନ କରି ଅଜାଡ଼ି ଦେଲେ ତାଙ୍କର ସବୁ ସରଗ······ସମ୍ପଦତକ ମୋର କଡରେ ।

ଅଜଣା ଆନନ୍ଦରେ ଜୀବନ ବୀଣା ମୋର ଗାଇ ଉଠିଲା ମିଳନର ଛନ୍ଦ । ସପନ କଥା ସତ ହେଲା—ଜୀବନ ହେଲା ସାର୍ଥକ । ଦେବଭାଇ ସାଙ୍ଗରେ ମୋର ଲୋକ ଦେଖାଣିଆ ବାହାଘର ନ ହେଇ ଇମିତ ଗୋଟିଏ ନାଲ୍ଲଟିଆ ରାତିରେ ଜୀବନ ଛନ୍ଦ ହେଇଗଲା ଗୋଟିଏ ବୃକ୍ଷରେ ଦୁଇଟି ଲତା ପରି ।

ତା' ଆରଦିନ ଦେବଭାଇ ଗୋଟାଏ ଖଟ, ଆଲମିରା, ଟେବୁଲ, ଚେୟାର ଘରର ସାଜସଜା ପାଇଁ ଯାବତୀୟ ଉପକରଣ କିଣି ଆଣିଲେ । ଆସିଲାବେଳେ ତାଙ୍କ ହାତରେ ଟଙ୍କା ଥିଲା ପାଞ୍ଚଶହ । ଘରେ ନୂଆବୋଉ, ମାଉସୀ, ସୁରଭାଇ ପ୍ରଭୃତି ଦେଇଥିଲେ । ସେହି ଟଙ୍କାକୁ ଦେବଭାଇ ପାଣିପରି ଖର୍ଚ୍ଚ କରିବାକୁ ଲାଗିଲେ । ଆଜି ମୋ ପାଇଁ ଶାଢ଼ୀ-ବ୍ଲାଉଜ ତ, କାଲି ମୋ ପାଇଁ ସ୍ନୋ-ସାବୁନ, ତେଲ-ଅତର । ରୋଜ ଦିନ ରୋଜ ଗର୍ଜଣା । ଇମିତି ମୋତେ ସନ୍ତୁଷ୍ଟ କରିବା ପାଇଁ ସେ ନାଇକୁ ଭୁଲିଗଲେ ।

http://oaob.nitrkl.ac.in

ଧନେ ତାଙ୍କୁ ପଚାରିଲି, କିମିତି ଟଙ୍କାତକ ଖର୍ଚ୍ଚ କରୁଛ—ସବୁଦିନେ ପୁଣି ଚଳିବା ଉଚିତ । ସେ ହସିଲେ । କହିଲେ, ସେଥିବାକୁ ତ ଅଛି । ବାକିସବୁ ବାଜିର ଗୋଟାଏ ତ ସେ କୌଣସି ମତେ ଉଦ୍ଧାରୁ ହେବ ମାଲ ! ନହେଲେ ଅନ୍ୟ ପନ୍ଥା ନାହିଁ ।

ଏତକୁ ପର ଦୁ'ଟା ମାସ ପରେ ଟଙ୍କାତକ ସବୁ ସରିଲା । ସେ କହିବା ଆଗରୁ ଚାକିରୀ ପାଇଁ ତାଙ୍କ ମୁଣ୍ଡ ଘୂରିଗଲା । ସକାଳ ସକାଳୁ ଗଣ୍ଡେ ଖାଇଦେଇ ସେ ଭୁଆଁଡେ ଯାଆନ୍ତି ବୁଲି ବୁଲି ସଞ୍ଜବେଳକୁ ଫେରନ୍ତି । ମୁହଁଟା ତାଙ୍କର ଶୁଖି ଯାଇଥାଏ । ମୋତେ ଦେଖିଲେ ଶୁଖିଲା ମୁହଁରେ ହସର ସରୁ ରେଖା ଟାଣି ଆଣୁଥାନ୍ତି କେତେକଥା କହନ୍ତି । ଅଭିମାନରେ ମୁଁ କଥା କହେନି । ସେ ମୋତେ କୋଳକୁ ଟାଣି ନିଅନ୍ତି ଜବରଦସ୍ତି । ତାଙ୍କର ସ୍ନେହର ସ୍ରୋତରେ ମୋର ଅଭିମାନର କୁଟାଟିକ ଭାସିଯାଏ ଖେଳି ଖେଳି । ପଚାରେ, ଇଏଁଠି ଆଡ଼େଆଡ଼େ ବୁଲି ନ ଖାଇ ନ ପିଇ ନିଜ ଦେହକୁ ହଲସଲ କରି ମୋ ମନରେ ଦୁଃଖ ଦେବେ କେତେଦିନ ? ମୁଁ କଣ ଆସିଥିଲି ତମର ଏଇ ଶୁଖିଲା ମୁହଁ ଦେଖିବାକୁ । ସେ ହସନ୍ତି । କହନ୍ତି ମାଲ ଟଙ୍କାତକ ସରି ଆସିଲାଣି—ପୁଣି ତ ଗୋଟାଏ କିଛି ବ୍ୟବସ୍ଥା କରିବାକୁ ହେବ । ବାପା ତ ସବୁ ବାହାର କରି ଦେଲେ । ସବୁଦିନ ପାଇଁ ଏଇ କଷ୍ଟମାଟିକୁ ପର କରି ତ ପଡ଼ି ରହିବାକୁ ହେବ । ଚାକିରୀ ଗୋଟାଏ ମିଳିଲେ ଡେଣିକା ବାନ୍ଧି ଦେବ ପ୍ରଭୁ ଆଉ ଅପଲ କହେ ।

ତାଙ୍କ କଥା ଶୁଣିଲେ ହୃଦୟଟା ମୋର ଘାଣ୍ଟି ଉଠେ ହୁଏ । କେତେ ମୋର ପାଇଁ କିନା ଏତେ ଦୁଃଖ ଯନ୍ତ୍ରଣା ସହିବାକୁ ପଡ଼ୁଛି—ମୁଁ

http://oaob.nitrkl.ac.in

ମରିଗଲେ ସବୁ ଯନ୍ତ୍ରଣାରୁ ଛୁଟି ପାଇଯାନ୍ତି । ମୋ କଥା ଶୁଣିଲେ ତାଙ୍କ ଆଖି ଲୁହ ଛଳଛଳ ହୋଇଁ ଉଠେ । କୁହନ୍ତି, ମାଳ ତୁ କଣ ମୋ ଜୀବନକୁ ନିଜ ହାତରେ ଜାଳି ପୋଡ଼ି ଦେବାକୁ ଭଲ ପାଉ ? ଇମିତକା କଥା କହିବାକୁ ତୋର ତୁଣ୍ଡ ଲେଉଟୁଚି କିପରି ! ତାଙ୍କ ଆଖିରେ ଲୁହ ଦେଖି ମୋ ଦେହରୁ ରକ୍ତ ଶୁଖିଯାଏ ଟୋପାଏ ଅଜଣା ଭୟରେ । ତାଙ୍କର ଗୋଡ଼ ଧରି କୁହେ, ମତେ କ୍ଷମା କର ! ତାଙ୍କ ଲୁହ ଧୁଆ ଆଖିରେ ଆନନ୍ଦର ଆଭା ଫୁଟି ଉଠେ । ମୋତେ ଉଠାଇ ନେଇ ଭିଡ଼ି ଧରନ୍ତି କୋଳରେ । ମୁହଁରେ ତାଙ୍କର ଛାତିଲା ପରଶ ଘନ ଘନ ବାଜେ ।

କେତେ ଚେଷ୍ଟା କରି ମାସକ ପରେ ସେକ୍ରେଟେରିଏଟରେ ଗୋଟିଏ କିରାଣୀ ଚାକିରି ମିଳିଲା । ମାସକୁ ଅଶୀ ଟଙ୍କା ଦରମା । ସବୁ ଦୁଶ୍ଚିନ୍ତାରୁ ତାଙ୍କୁ ଛୁଟି ମିଳିଲା । ଅଭାବ ଅସୁବିଧାର ଧକ୍କା ଆମକୁ ଆଉ ଜଣାଗଲା ନାହିଁ । ସେଇ ଟଙ୍କାରେ ସୁରୁଖୁରୁରେ ଆମର ଦିନଗୁଡ଼ା ଗଡ଼ି ଚାଲିଲା ଧୀରେ ଧୀରେ—ପବନ ପରି ହାଲୁକା ଗତିରେ ।

ସେ ଓଳିକି ଦଶଟାବେଳେ ଅଫିସ୍‌କୁ ଯାଆନ୍ତି । ଅଫିସ୍‌କୁ ଗଲା ପରେ ମୋତେ ଭାରି ଏକୁଟିଆ ଲାଗେ । କିଛି ଭଲ ଲାଗେନା । ପଡ଼ୋଶୀ ରାମହରିବାବୁଙ୍କ ଘରେ ଯାଇ ବେଳେ ବେଳେ ସମୟ କାଟେ । ବେଳେ ବେଳେ ଘରେ ଏକୁଟିଆ ବସିଲାବେଳେ ଅତୀତର ହଜିଲା ସ୍ମୃତିଗୁଡ଼ାକୁ ଭାବନା ରାଇଜରେ ମନ ଖୋଜି ଖୋଜି ବୁଲେ । କରୁଣମିଶା ଅତୀତ ଛଳ ଛଳ ହୋଇ ଆଖି ଆଗରେ ନାଚି ଉଠେ । ସ୍ୱାମୀଙ୍କ ସହ ଅତେଇଦିନର ସଂସାର, ଶାଶୂର ସ୍ନେହ, ଗାଁ ମାଟିର ଟିକି ନିଖେ କଥା, ଝରଣା, ନୂଆବୋଉ···ସମସ୍ତଙ୍କର ସୁଆଦ ମିଶା

http://oaob.nitrkl.ac.in

ଶୁଣିଲେ ସୁଭା । ମନ ପରବଶ ଲାଗେ । ହୃଦୟ ବୀଣା ଗାଇ ଉଠେ ଅଦାହ ସୁରରେ—ସତେ ଯେପରି ଜୀବନ ତାର ଛନ୍ଦ ହରାଇ ଅତୀତର ଝଡ଼ ତୋଫାନ ଭିତରେ । ଅଫିସରୁ ସେ ଫେରି ଆସି କେତେବେଳେ ମୋ ପାଖରେ ଛିଡ଼ା ହୋଇ ପଚାରନ୍ତି, ମାଲ କଣ ଭାବୁଚୁ ଏତେ ? ତାଙ୍କୁ ଦେଖି ଭାବନାର ଦୁର୍ଯୋଗ ଭିତରେ ମନ ହରିଣୀ ପଥ ପାଏ । ହସି ହସି କୁହେ, ତମର କଥା ଭାବୁଥିଲି । ବାହୁଁକ ଆଜ ଫେରୁ ଫେରୁ ଏତେ ଡେରି ହେଲାଣି ! ସେ ଓଠରୁ ହସର ମୁକ୍ତା ଝରାଇ ମୋ କଡରେ ବସି ପଡନ୍ତି । ଟାଣି ନିଅନ୍ତି କୋଳ ଭିତରକୁ । ତାଙ୍କର କୋଳରେ ଶୋଇ ଶୋଇ ମୁଁ ଅନୁଭବ କରେ, କେତେବେଳେ ବସନ୍ତ ରାତିର ମଳୟ ଲହରୀ ଆସି ମୋ ମନର ନିଦ୍ରିତ ପ୍ରୀତି କଳିକୁ ଚେତନା ଦେଇ ସବୁ ପରାଗ ଫୋଟି ଦେଲାଣି ।

ଏବେ ଏବେ ପଡ଼ିଶା ଘର ସାମ୍ନାରେ ବାବୁଙ୍କ ଛୋଟ ପୁଅଟିକୁ କୋଳରେ ଧରି ସେ ମୋତେ ପଚାରନ୍ତି, ମାଲ ତୋର ଏମିତି ଟିକି ପୁଅଟିଏ କେବେ ହେବ ମ ? ଲାଜରେ ମୋ ମୁହଁ ଲାଲ ପଡ଼ିଯାଏ । ପଳାଇ ଆସେ ଅନ୍ୟ ରୁମର ବାହାନା କରି । ତାଙ୍କ ଓଠରେ ଝଟକି ଉଠେ ହସ—ଉଷାର ସ୍ନିଗ୍ଧ କମନୀୟ ଶାନ୍ତ ଛବି ପରି ।

ଦି' ମାସ ପରେ ମୋ ଗର୍ଭରେ ସନ୍ତାନ ରହିଲା । ସେ ମୋତେ ହସି ହସି ପଚାରନ୍ତି, ମାଲ ଏଥର କଣ ହେବ କହିଲ—ପୁଅ ନା ଝିଅ । ମୁଁ ଲାଜରେ କିଛି ନ କହି ତାଙ୍କ କୋଳରୁ ପଳାଇ ଯିବାକୁ ବସେ । ସେ ମୋ ଲୁଗା କାନିଟା ଧରି ଘଣ୍ଟାଏ ଅଟକାଇ ଜିଦ୍ କରନ୍ତି । ସେତେବେଳେ ଯାଇ ତାଙ୍କ ମନଟା ଶାନ୍ତି ହୁଏ ।

ଶେଷ ପାତ

http://oaob.nitrkl.ac.in

ସହର ବାହାରେ ଦୁଇଟି ଚଢ଼େଇ ପରି ଆମେ ଦୁହେଁ ବୁଲୁଥାଉ ଦରିଆରେ ଛାପି ଗୁଳିକି—ଖାଲି ଶାନ୍ତିର ମଧୁର ଆବେଶ ଘେରିଥାଏ ଦୋଳାରେ ହସି ହସି ।

ଛଅମାସ ପରେ । ସେଦିନ ସଞ୍ଜ କଥା । ମୁଁ ଶୋଇଥିଲି ରୋଗ ପଡ଼ିଶା—ଚେତନା ହଜିଯାଉଛି ତାଙ୍କୁ ବେଳେ ବେଳେ ଦୂରରେ··· । ହଠାତ୍ ସେ ମୋତେ ହଲାଇ ଦେଇ ଡାକିଲେ, ମାଳି ! ମାଳି !! ଉଠି ବସି ପଡ଼ିଲି । କହିଲେ, ମାଳି ଟିକେ ଦେହଟା ଭାରି ଦୁର୍ବଳ ଲାଗୁଛି—ମୁଣ୍ଡଟା ବୁଲାଇ ଦେଉଛି । ହଠାତ୍ ତାଙ୍କ ମୁହଁରୁ ରକ୍ତବାନ୍ତି ହେଲା ।

ଚମକି ପଡ଼ିଲି । ରକ୍ତବାନ୍ତି କଥା ଶୁଣି ଦେହ ମୋର ଭୟରେ ଶୀତେଇ ଉଠିଲା । ସେ ପୁଣି ପଦାକୁ ଉଠି ଆସିଲେ । ମୁଁ ତାଙ୍କ ପଛେ ପଛେ ଆସିଲି । ପୁଣି ସେ ଭକ ଭକ କରି ରକ୍ତ ବାନ୍ତି କରି ପକାଇଲେ । ତାଙ୍କର ରକ୍ତବାନ୍ତି ଦେଖି ମୋତେ ଚାରିଆଡ଼ ଅନ୍ଧାର ଦିଶିଲା । କଣ କରିବି କିଛି ସ୍ଥିର କରି ପାରିଲି ନାହିଁ । କିଛିକ୍ଷଣ ପରେ ସେ କହିଲେ, ମାଳି ପାଣି ଆଣ । ପାଣି ଆଣି ଦେଲି । ସେ ମୁହଁ ଧୋଇ ଉଠି ଆସିଲେ । ଦେହଟା ତାଙ୍କର ଥରୁଥାଏ । କହିଲେ, ଟିକିଏ ଶୋଇ ପଡ଼ିବି । ସେ ଖଟ ଉପରକୁ ଆସି ମୋର କୋଳରେ ମୁଣ୍ଡ ଦେଇ ଚିତ୍ ହୋଇ ପଡ଼ିଲେ । ମୁଁ ପଙ୍ଖା ଧରି ପବନ କରିବାକୁ ଲାଗିଲି । ସେ କହିଲେ, ମାଳି ମୋ ଛାତିଟା ଜଳି ହେଉଥାଉଛି—ମରିଯିବି କି ଆଉ । ତାଙ୍କ କଥା ଶୁଣି ଆଖିରୁ ମୋର ଲହୁ ଝରି ପଡ଼ିଲା । କହିଲି, ଛିଃ ଏମିତିକା ଅମଙ୍ଗଳ କଥା କହନ୍ତୁ । ସେ କହିଲେ, ମାଳି ମୋତେ ଭାରି ଶୋଷ ହେଉଛି । ତୁ ସାମନାର ବାପୁଙ୍କୁ ଡାକ ।

ସେ ଝିଅଟିଏ ଡାକ୍ତର କରାଇବ ଯିବେ । କହୁଥିଲି, ଏତେ ବାଟରେ ତାଙ୍କ ଦେହଁଠୁ ଡାକ୍ତର ପାଇବେ । ତମେ ଝିଅଟିଏ ଅସୁମରେ ଶୁଣ । ସବୁ ସାହୁ—ମୁଁ ତାଙ୍କୁ ପଠାଇବି । ସେ ମୋ ମୁହଁକୁ ଚାହିଁ କହିଲେ, ତମେ କାହିଁକି ମାଳ ···ଛିଃ ମୁଁ ଭଲ ହୋଇଯିବି ଯେ ! ସେ ମୋ ଆଖିରୁ ତାଙ୍କ କଅଁଳ ହାତରେ ଲୁହ ପୋଛି ଦେଲେ ।

ସେ ସେମିତି ମୋର କୋଳରେ ଶୋଇ ରହିଲେ । ମୁଁ ପଙ୍ଖା କରିବାକୁ ଲାଗିଲି । ରାତିର ଶେଷ ପ୍ରହରରୁ ତାଙ୍କୁ ନିଦ ଲାଗି ଆସିଲା । ଗୋଟାଏ ଅଜଣା ଭୟର ଅନ୍ଧକାର ଭିତରେ ମୁଁ ପଥଭ୍ରାନ୍ତ ହେଲା ପରି ବାର ବାର ଖାଲି ଆଖିରୁ ଲୁହ ଗଡିବାକୁ ଲାଗିଲା ।

ତା ଆରଦିନ ସଂଧ୍ୟାବେଳକୁ ରାମହରି ବାବୁ ଡାକ୍ତର ନେଇ ଆସିଲେ । ଡାକ୍ତର ଦେଖି କହିଲେ, ଯକ୍ଷ୍ମାର ଆକ୍ରମଣ । ଶୀଘ୍ର ସାବଧାନ ହେବାକୁ ହେବ । ଯକ୍ଷ୍ମା ନାଁ ଶୁଣି ମୁଁ ହୋ ହୋ ହୋଇ କାନ୍ଦି ଉଠିଲି । ରାମହରି ବାବୁ, ତାଙ୍କ ସ୍ତ୍ରୀ ସୁମିତ୍ରା ଦେବୀ ମୋତେ କେତେ ବୁଝାଇ ସାନ୍ତ୍ୱନା ଦେବାକୁ ଲାଗିଲେ । କହିଲେ, ତୁ ଭଉଣୀ ଏମିତି ହେଲେ ସ୍ୱାମୀଙ୍କୁ ଆରୋଗ୍ୟ କରିବ କିପରି ? ଭଗବାନ ବିପଦ ଦେଇଛନ୍ତି । ତାଙ୍କୁଇ ଭାବ । ସେ ପୁଣି ତମ ସ୍ୱାମୀଙ୍କୁ ଫେରି ଦେବେ । ନିଜ ମନକୁ ସାନ୍ତ୍ୱନା ଦେଇ ଆଖିରୁ ଲୁହ ପୋଛିଲି । ଡାକ୍ତର ବାବୁ ପ୍ରାରମ୍ଭିକ ଔଷଧର ବ୍ୟବସ୍ଥା କରି ବିଦାୟ ନେଲେ । ଔଷଧରେ କୌଣସି ଉପକାର ହେଲା ନାହିଁ । ବରଂ ଦିନକୁ ଦୁଇ ତିନିଥର ରକ୍ତବାନ୍ତି ହେଲା—ନାକରୁ ରକ୍ତ ପଡିଲା । ଖୁଁ ଖୁଁ ହୋଇ ସେ କାଶିବାକୁ ଲାଗିଲେ । କେବେ କେବେ କାଶି କାଶି ବେହୋସ ହୋଇ ପଡନ୍ତି । କାଶରେ କଫ ସହିତ ରକ୍ତ ମିଶା ହୋଇ

http://oaob.nitrkl.ac.in

ଥରେ । ଦି' ଦିନ ପରେ ସେ ଅତି ଦୁର୍ବଳ ହୋଇ ପଡ଼ିଲେ । ଯିବାବେଳେ କହିଲେ, ମାଲ ମୁଁ ଆଉ ବଞ୍ଚିବି ନାହିଁ—ମଲେ ତୋ ଅବସ୍ଥା କଣ ହେବ । ମୁଁ କିଛି ନ କହି ଖାଲି କାନ୍ଦେ । ତାଙ୍କ ଅବସ୍ଥା ଦିନୁ ଦିନ ଅବନତି ଦେଖି ସେଦିନ ନୂଆବୋଉଙ୍କ କଟକ ମୋର ବିପଦ କଥା ଲେଖି ଶୀଘ୍ର ଆସିବାକୁ ଚିଠି ଦେଇ ଦେଲି । ଆମ ଘରକୁ ମଧ୍ୟ ଖଣ୍ଡେ ଚିଠି ଦେଲି ।

କ୍ରମାଗତ ରୋଗରେ ସେ ଭାଙ୍ଗି ପଡ଼ିବାରୁ ଗୁରୁଦିନ ପରେ ଶ୍ୟାମହରି ବାବୁ ତାଙ୍କୁ ହାସପିଟାଲକୁ ପଠାଇବାକୁ ସ୍ଥିର କଲେ । ଘରେ ତାଙ୍କ ଚିକିତ୍ସା, ସେବା ଶୁଶ୍ରୂଷାରେ ହେଲା ହେଉଛି ଭାବି ଆପତ୍ତି ଉଠାଇବାକୁ ମୋର ସାହସ ହେଲା ନାହିଁ ।

ସେଦିନ ଦୁଇଟାବେଳେ ଗାଡ଼ି କରି ହାସପିଟାଲ୍ ଯକ୍ଷ୍ମା ବିଭାଗରେ ତାଙ୍କୁ ଭର୍ତ୍ତି କରି ଦେଇ ଆସିଲି । ଆସିଲାବେଳେ ତାଙ୍କ ସରାଗହୀନ କରୁଣ ମୁହଁ ଓ ଭଙ୍ଗା ଶରୀରକୁ ଚାହିଁ ମୁଁ ଭୋ ଭୋ ହୋଇ କାନ୍ଦି ଉଠିଲି । ଡାହାଣ ଆଖିଟା ଡେଡ଼କିବେଳେ ମୋର କମ୍ପି ଉଠିଲା । ଅଜଣା ଭୟରେ ସାରା ଶରୀର ମୋର ଅବଶ ହୋଇଗଲା । ସେ ମୋ ହାତ ଧରି କହିଲେ, ମାଲ ମୁଁ କଣ ଆଉ ବଞ୍ଚିବି ନାହିଁ । ଏତେ ଆଶା କରି ତୋତେ ପାଇ ପାଖକୁ ଆଣିଥିଲି—ଜୀବନର ସୀମାହୀନ ସୁଖ ସହାଗ ଭିତରେ ଟିକିଏ ଅମୃତଭରା ସୁଆଦ ଚାଖିବାକୁ । କିନ୍ତୁ ଏ କଣ ହେଲା ? ତୋ ଗର୍ଭରେ ଥିବା ପିଲାଟିକୁ ମୁଁ କଣ ଦେଖି ପାରିବି ନାହିଁ । ଅଦିନ ରୋଗରେ ପଡ଼ିଲି ଧକ୍କା କଣ ଆମ ଦୁଇଟି ସରସ ହୃଦୟର କୋମଳ ତର୍ନ୍ତୀକୁ ଛିଣ୍ଡାଇ ଦେବ... । ସେତିକିବେଳେ କାଶ ଉଠିଲା—ସେ ଆଉ କହି

http://oaob.nitrkl.ac.in

ପାରିଲେ ନାହିଁ । ଘଣ୍ଟାଏ ପରେ କାଶ କମିବାରୁ, ସେ ନିଜର ଦୁର୍ବଳ ଅସ୍ଥିର ଦେହଟାକୁ ଖଟିଆ ଉପରେ ପକାଇ ଟିକିଏ ଦମ ନେଲେ । ମୁଁ ତାଙ୍କୁ ଟିକିଏ ଆଶ୍ୱାସି ଦେଇ ବିଦାୟ ନେଇ ଆସିଲି ; କହି ଆସିଲି, କାଲି ସକାଳେ ଆସିବି—ମୋ ପାଇଁ ବ୍ୟସ୍ତ ହେବନି । ଠାକୁରଙ୍କୁ ଡାକ, ସେଇ ଆମର ଦୁଃଖ ଗୁହାରି ନିଶ୍ଚୟ ଶୁଣିବେ । ତମେ ଭଲ ହୋଇଯିବ । ପୁଣି ଆମେ ହସି ହସି ଜୀବନ ବୋଇତ ମେଲି ଦେବା ଦୁନିଆ ଦରିଆ ବୁକୁରେ । ସେ ହସିଲେ—ମଲାଜହ୍ନ ପରି ତାଙ୍କ ହସଟା ଦିଶୁଥିଲା ପାଣ୍ଡୁରା—ଦୀପ୍ତିହୀନ ।

ବସାକୁ ଆସି ସେଦିନ ରାତିରେ ଏକୁଟିଆ ମୋଟେ ନିଦ ହେଲା ନାହିଁ । ମନଟା ଅଜଣା ଭୟର କୁହୁଡ଼ି ପରଦା ଭିତରେ ଲୁଚିଗଲା । ଦେହଟା ଖାଲି କମ୍ପୁଥାଏ । ସତେକି ହିମାଳୟ ପରି ବିପଦ ଆସି ମୋ ଉପରେ ଭାଙ୍ଗି ପଡ଼ିବ । ମୋ ଜୀବନର ସ୍ୱପ୍ନେଲି କଳ୍ପନାକୁ ଛାରଖାର କରି ଯାଇଁ ସେ ତୃପ୍ତି ପାଇବ । ଆଖିରୁ ଖାଲି ଲୁହ ଝରିଲା । ତକିଆ ଉପରେ ମୁହଁ ମାଡ଼ି କାନ୍ଦି କାନ୍ଦି ସାରା ରାତିଟା ବିତାଇଦେଲି ।

ସକାଳୁ ଉଠିଲାବେଳକୁ ସହରର ସବୁଗ ମହଲାଇ ମେଘ ଢାଙ୍କିଛି । ଘଡ଼ଘଡ଼ିର ପ୍ରତିଧ୍ୱନୀ ବାଜି ଉଠୁଛି ପୃଥିବୀର ଛାତି ଦୋହଲାଇ । ଆକାଶକୁ ଅନାଇଁ ମୋର ଯେପରି ମନେ ହେଲା, ସହରର ସବୁଜ ହଜିଗଲା ପରି ଆଜି ମୋ ଜୀବନର ସୁଖସୁଆଦ ସିମିତି ହଜିଯାଉଛି—ମାଡ଼ିଆସିଛି ଖାଲି ପ୍ରାଣ ଅଥୟକାରୀ ପ୍ରବଳ ଝଞ୍ଜା ।

ସ୍ୱାମୀଙ୍କୁ ଦେଖିବି ବୋଲି ମନଟା ଭାରି ଅସ୍ଥିର ହୋଇ ଉଠିଲା । ଚଞ୍ଚଳ ଝଭାଳର ବାସୀ ଆମ ସାର ରାମହରିବାବୁ ଓ ତାଙ୍କ ସ୍ତ୍ରୀ ସୁମିତ୍ରା

http://oaob.nitrkl.ac.in

ଦେବୀଙ୍କୁ ସଙ୍ଗରେ ନେଇ ଦୁଇଟା ରେଇସାରେ ହାସପିଟାଲ୍କୁ ଏଭମୁରଗ ରାଲ୍ ଅସିଲୁ । ପହଞ୍ଚିଲାବେଳକୁ ସବୁ ଶେଷ । ଡାକ୍ତର ଅସି କହିଲେ, ରୋଗୀଙ୍କୁ ଭାଲ୍ ସାଉରେ ଛାଡ଼ିଯିବା ପରେ ପୁଣି ପ୍ରବଳ ରକ୍ତ ବାନ୍ତି ହେଲା । ବାର ବାର କାଶ ଉଠିଲା । ଯେତେ ଚେଷ୍ଟା, ଔଷଧର ବଳ ପ୍ରୟୋଗ ସତ୍ତ୍ୱେ ସେ ଅଦମ୍ୟ ଅସାଧ ହୋଇ ଉଠିଲା । ଠିକ ଗୃହଘଣ୍ଟା ପରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ମଲାବେଳେ ସେ ଖାଲି ମାଲ ମାଲ ଡାକ ଛାଡୁଥିଲେ । ତାଙ୍କ ମଲା ଖବର ଶୁଣି ମୋ ଦେହଟା କଣ ହୋଇଗଲା । ଚାରିଆଡ଼ କଟିକଟି ଅନ୍ଧାର ଦିଶିଲା । ଭାବି ଭାବି ତଳେ ଅଜ୍ଞାନ ହୋଇ କଚାଡ଼ି ପଡ଼ିଲି । ଚେତନା ଫେରି ପାଇଲାବେଳକୁ ଦେଖିଲି, ସମହର ବାବୁଙ୍କ ବସାରେ ମୁଁ ଶୋଇଛି । ତାଙ୍କ ସ୍ତ୍ରୀ ମୋତେ ବଥି ଦେଉଛନ୍ତି । ତାଙ୍କୁ ଦେଖି ପୁଣି ମୁଁ ଭଇଁ ଭଇଁ ହୋଇ କାନ୍ଦି ତାଙ୍କର କୋଳରେ ଲୋଟି ପଡ଼ିଲି । କହିଲି, ଭଉଣୀ ମୋର ସଂସାର ସରିଗଲା । ମୁଁ କଣ କରିବି ? ତାଙ୍କ ଆଖିରେ ଲୁହ ପୁରି ଆସିଲା । ସେ ମୋତେ କେତେ ବୁଝାଇଲେ । ଭଉଣୀ ଭଗବାନ ତ ଦୁଃଖ ଦେଲେ କଣ କରିବ । ମୃତ୍ୟୁପାତ ନ ସହିଲେ ଦୁନିଆରେ ବଞ୍ଚିବ କିପରି ? ଦୁଃଖ ଯେତେବେଳେ ଆସେ—ଇମିତ ପାହାଡ଼ ପରି ଲଦି ହୋଇ ଆସେ । ଭଉଣୀ···ଜୀବନ ବଳେ ବଳେ ଭାଙ୍ଗି ପଡ଼େ । କିଛି ବୁଝି ବାଟ ଦିଶେନା । ତଥାପି ତ ଭଉଣୀ ପୁଣି ମଣିଷକୁ ବଞ୍ଚି ରହିବାକୁ ପଡ଼େ—ସବୁ ଦୁଃଖର ଦାଉ ଅଙ୍ଗେ ନିଭେଇ । ସେ ଯେତେ ବୁଝାଇଲେ କୋଉଥିରେ ମନ ମାନିଲା ନାହିଁ । ଖାଲି ତାଙ୍କରି କୋଳରେ ଆଖିରେ ପାଇଥା ବେଦନାର ଲୁହତକ ଅଜାଡ଼ି ଦେଲି ।

http://oaob.nitrkl.ac.in

ବେଦନାର ଅଶ୍ରୁ ନଈଢ଼ା ସୁଅରେ ଗୃହଶାନ୍ତିଦାନ ଗୃହସ୍ଥିସୁଖ କୁଆଡେ଼ ଭାସିଯାଉଛି ମୁଁ ଜାଣେନା । କାନ୍ଦି କାନ୍ଦି ଆଖିରୁ ଲୁହ ଶୁଖିଯାଉଛି । ଅନ୍ତରର ହା-ହୁତାଶ ଭସ୍ମ ତାତିଲା ପବନରେ । କିଛି ନ ଖାଇ ନ ପିଇ ଦେହଟା ମୋର ଦୁଃଖର ଧକ୍କାରେ ଭାଙ୍ଗି ପଡ଼ି ଦୋହଲୁଥାଏ । ମୁହଁ ଫିକା ଲାଗି ଅସୁନ୍ଦର । ବସି ବସି ଭାବୁଥାଏ ଆଉ କାହିଁକି ଏ ଜୀବନ ରଖିବି—ମରିଗଲେ ସବୁ ଚିନ୍ତା ସବୁ ଦୁଃଖ ଜଞ୍ଜାଳରୁ ମୁକ୍ତି । ହଠାତ୍ ବାହାରେ ଘୋଡାଗାଡ଼ିର ଘଣ୍ଟି ଶୁଭିଲା । ପଦାକୁ ଆସି ଦେଖେ, ନୂଆବୋଉ ଆଉ ସୁରଭାଇ ଗାଡ଼ିରୁ ଓହ୍ଲାଉଛନ୍ତି ।

ନୂଆବୋଉ ଆଗେ ଘର ଭିତରକୁ ପଶି ଆସିଲେ । ମୋତେ ଦେଖି କୋଳକୁ ଟାଣିନେଇ ପଚାରିଲେ, ମାଲ ଦେବ କପର ଅଛି ଉତ୍ତର ଦେବାକୁ ହୃଦୟରୁ ଭାଷା ଖୋଜି ପାଇଲି ନାହିଁ । ଭେଁ ଭେଁ ହୋଇ ତାଙ୍କର କୋଳରେ କାନ୍ଦି ଉଠିଲି । ସୁରଭାଇ ଆସି ପଚାରିଲେ କଣ ହେଉଛି ବାପ, ଦେବ ଦେହ କପର ଅଛି ? ନୂଆବୋଉ ପଚାରିଲେ, ମାଲ କଣ ହେଉଛି କହ, ଦେବ କପର ଅଛି ? ମୁଁ କିଛି ତାଙ୍କୁ ଉତ୍ତର ଦେଇ ପାରିଲି ନାହିଁ । ତଳେ କଚୁଡ଼ି ହୋଇ ପଡ଼ି ଖାଲି ଢବଳ ହୋଇ କାନ୍ଦି ଉଠିଲି । ଆଖି ଆଗରେ ମୋର ଭାସି ଉଠିଲା, ଖାଲି ପ୍ରଶ୍ନ ଉପରେ ପ୍ରଶ୍ନ— ଦେବ କପର ଅଛି । ଉତ୍ତର ଦେବାକୁ ସତେ ଯେପରି ପିଣ୍ଡରେ ମୋର ପ୍ରାଣ ନ ଥିଲା । ପାଷାଣ ପରି ମୁଁ ହୋଇ ଯାଇଥିଲି ନୀରବ, ନିସ୍ତେଜ, ମୂକ, ବଧୀର ।

http://oaob.nitrkl.ac.in

ମାଳ !

କଣ ନୂଆବୋଉ ।

ଗୁଲ୍......

ଆଜ୍ ଭାଇଁଙ୍କ ମୋତେ ପୁଣି ପ୍ରଲୋଭନ ଭିତରକୁ ଟାଣି ନେଉଛ । ଜୀବନରେ କଣ ସୁଖ ସୁଆଦ କିଛି ନାହିଁ—ଇମିତ ଲୋ ଜଳାଯିବ । ଭଲୁ—ଜଳାଲେ ତ ଶାନ୍ତି ନୂଆବୋଉ । ତାପ ଭିତରେ ପାଇଛି ମୁଁ ତାଙ୍କର ଅମୃତଭରା ପରଶ ।

ଛୁଃ ମାଳ, ଦୁଃଖରେ ଝୁରି ପଡ଼ିଲେ ମଣିଷ ବଞ୍ଚେ ନାହିଁ । ଭଙ୍ଗା ଘରକୁ ଗଢ଼ି ଜାଣିଲେ ଜୀବନ ସୁନ୍ଦର ।

ଗଢ଼ିଥିଲି ନୂଆବୋଉ । ଗଢ଼ି ବି ମୁଁ ଜୀବନକୁ ସୁନ୍ଦର କରି ପାରିଲି ନାହିଁ । ହତଭାଗିନୀ ମୁଁ—ମରିଗଲେ ସବୁ ଜଞ୍ଜାଳରୁ ଛୁଟି ।

http://oaob.nitrkl.ac.in

ଛୁଃ ମାଲ, ମଣିବାନ୍ଧା ନାରୀର ସବୁ ଦୁର୍ବଳତାର ପରିଚୟ । ଗର୍ଭରେ ତମର ସନ୍ତାନ । ଛାଡ଼ି ମୁହଁକୁ ଚାହଁ ଫେରିଗଲି ।

କେଉଁ ମୁହୂର୍ତ୍ତରେ ଗାଁକୁ ମୁଁ ଫେରିଯିବି ନୂଆବୋଉ, ପୁଣି ସଂସାର ପାତିବି । ଆଉ କଣ ମନ ଖୋଲି ହସ ହସି ପାରିବି ।

ମୁଁ ତ ପୁଣି ଦିନେ ଅତୀତକୁ ଜାଳି ପୋଡ଼ି ହସି ହସି ତମରି ସୁବିଭାଇଙ୍କର ହାତ ଧରିଥିଲି । ତମେ ସେ କଥା ଜାଣିନ ମାଲ ! କହିବି କହିବି ବୋଲି ତମକୁ ଆଜି ଅବଧି କହି ପାରି ନାହିଁ । ସ୍ତ୍ରୀର ଦୁର୍ବଳତା ମୋ ମୁହଁକୁ ଚାପି ଧରେଚି, କହୁଚି ଶୁଣ ।

ଆଜକୁ ଠିକ୍ ସାତବରଷ ତଳେ । ଯଉବନର ଜାଉଁରି ପରଶ ଯେତେବେଳେ ଦେହ ମନରେ ବାଜି ଉଠିଲା—ସେତେବେଳେ ମୁଁ ନିଜକୁ ଆୟତ୍ତ କରି ପାରିଲି ନାହିଁ । ମନ ପ୍ରାଣ ମୋର ପୁଲକି ଉଠିଲା --ଯଉଦିନ ବିଧୁବାବୁଙ୍କୁ ପ୍ରଥମ ଦେଖିଲି । ବିଧୁବାବୁ ମୋର ବାପାଙ୍କର ବନ୍ଧୁ ଉମାକାନ୍ତବାବୁ ଜମିଦାରଙ୍କ ପୁଅ । ଆମ ଘରକୁ ସେ ଥରେ ଆସିଥିଲେ ବୁଲି—ଅନେକ ଚର୍ଚ୍ଚା କରିବାକୁ ଯାଇ ପହିଲି ଦେଖାରେ ସେ ମୋତେ କରି ନେଲେ ନିଜର ସେହି ଦିନଠୁ ସେ ବରାବର ଆମ ଘରକୁ ଆସନ୍ତି । ମୁଁ ତାଙ୍କରି ସ୍ନେହ ରଜ୍ଜୁରେ ଅପେ ଆପେ ବାନ୍ଧି ହେଇ ପଡ଼ିଲି । ଗୋଡ଼ ଖସିଗଲା ଅତଳ ଜଳକୁ ତାଙ୍କରି ପ୍ରେମ-ବହ୍ନିରେ ନିଜକୁ ଆହୁତି ଦେଲି । ଏକଥା ଯେତେବେଳେ ସମସ୍ତେ ଜାଣିଲେ—ସେତେବେଳେ ବାପା ବିଧୁବାବୁଙ୍କ ସହିତ ମୋର ବାହାଘର ପ୍ରସ୍ତାବ ଉଠାଇଲେ । ଉମାକାନ୍ତ ବାବୁ ଖୁସି ହେଲେ—ବାହାଘର ଦିନ ସ୍ଥିର ହେଲା । କିନ୍ତୁ ଦୁର୍ଯୋଗ ଭଉଣୀ, ମୋ ବାହାଘର

http://oaob.nitrkl.ac.in

ଠିକ୍ ଶୁଭ ଦିନ ଆଗରୁ ମଧୁବାବୁ କଟକରେ ମଟର ଦୁର୍ଘଟଣାରେ ପ୍ରାଣ ହରାଇଲେ । ବଜ୍ର ପଡ଼ିଲା ମୁଣ୍ଡରେ—ଭାବିଲି ପ୍ରାଣ ହରାଇ ଦେବି । କାନ୍ଦି କାନ୍ଦି ଗୋଟାଏ ମାସ ଗଲା । ବେଦନାର ସୁଅରେ ଭସାଇ ଦେଲି । ଅତୀତକୁ ଭୁଲି ଭୁଲି ମନ ପାଷାଣ ହେଲା—ଜୀବନଟା ତିକ୍ତ ଲାଗିଲା । କିନ୍ତୁ ବାପା ବୋଉଙ୍କ ମୁହଁରେ ହସ ଫୁଟାଇ ନିଜ ଜୀବନକୁ ସୁଖୀ କରିବାକୁ ମନର ସବୁ କଷ୍ଟ, ଦୁର୍ବଳତା ପୋଛି ପୁଣି ତୁମର ସୁରଭାଇଙ୍କର ହାତ ଧରିଲି । ଆଶା କରିଥିଲି ମଧୁବାବୁଙ୍କୁ—କିନ୍ତୁ ତାହା କଣ ହେଲା । ପୁଣି ତ ମୁଁ ତୁମର ସୁରଭାଇଙ୍କର ହାତଧରି ସଂସାର କଲି—ମନ ଖୋଲା ହସ ହସି ପାରିଲି । ଉତ୍ତମ ଗୁଲି ମାଳ—ଅବାଧ ଦୁଅନା ।

ତଥାପି ବି ମନ ବୁଝୁ ନାହିଁ ନୂଆବୋଉ । ମୁଁ ଯାଇ ପାରିବି ନାହିଁ, ତମେ ଯାଅ ।

ଛି ମାଳ...ଗାଲି ! ବାଳ ମଞ୍ଜୁଷା ମନ ବଦଳାଉଛ ତମକୁ ଦେଖିବାକୁ କେତେ ଡରି ସେ କହୁଛନ୍ତି । ଅବହେଳା କରି ଗୋଟିଏ ଅମୂଲ୍ୟ ନିଧିତ ହରାଇଲ—ଆଉ ଗୋଟିକୁ ପୁଣି ଜାଣି ଜାଣି ଛାଡ଼ ଦେଇ ଯିବୁ କିପରି ? ମୁଁ କାହାକୁ ଚାହିଁ ବଞ୍ଚିବି ମାଳ !

ଯା ମୁଁ ହକୁ ଚାହୁଁ ବଞ୍ଚିଥାନ୍ତି । ସେ ତ ନାହାନ୍ତି ! ଆଉ ମୋ ପୋଡ଼ା ମୁହଁଟାକୁ ଚାହିଁ ନିଜର ସବୁ ଅମଙ୍ଗଳ ବରଣ କରିବ କାହିଁକି ନୂଆବୋଉ । ସେ ଯାଉଛନ୍ତି—ତାଙ୍କ ସଙ୍ଗେ ସଙ୍ଗେ ମାଳ ବି ମରି ଯାଇଛି । ତମେ ଯାଅ ।

http://oaob.nitrkl.ac.in

ଗର୍ଭରେ ତୁମର ସନ୍ତାନ—କୁଳର ପ୍ରଦୀପ । ତମକୁ ମୁଁ ଲକ୍ଷିତ କପଟ ଛୁଣ୍ଡ ଦେଇ ଯିବ ମାଲ ! ମୋ ଏଣା—ଭାଲ୍ ।

ଆଖିରୁ ମୋର ଲୁହ ଝରିଲା !

ଛି ମାଲ ବାହୁତ । ମୋ ଆଖିରୁ ଲୁହ ପୋଛି ପୋଛି ନୂଆବୋଉଙ୍କ ଭାଙ୍ଗି ପଡ଼ିଲେ । ତୁମେ ଦୁହିଁଙ୍କୁ ଧରି ମନର ବେଦନାଟିକୁ ଶୁଣାଇ କହିବାକୁ, ଖାଲି ଲୁହ ଢାଳି ଦେଉଛୁ । ସୁରକ୍ଷିତ ଉଠାଇଥାଉ ତେଜଇ ଆସି ଦାଣ୍ଡ ଦରଜାରେ ଛିଡ଼ା ହେଇ ଡାକିଲେ, ମାଲକୁ, ତେଜଇ ତଅଁଳ ଆସ ବାପ—ଗାଡ଼ି ସମସ୍ତ ହେଇ ଗଲାଣି ।

ନୂଆବୋଉ ଓମା ହାତ ଧରି ଟାଣିଲେ, ଚାଲ୍ ମାଲ । ଆଖିରେ ତାଙ୍କର ଛଳଛଳ ଲୁହ—କରୁଣବେଦନା ସନ୍ତୃପ୍ତ ସ୍ୱର ।

କହିଲି, ନୂଆବୋଉ ତମେ ଯାଅ । ଆଜ ଏ ଅଲୋଡ଼ା ଜୀବନକୁ ବାନ୍ଧିବା ପାଇଁ କରୁଛ !

ଜୀବନ ଅଲୋଡ଼ା ନୁହେଁ ମାଲ...ଜୀବନର ମୂଲ୍ୟ ଖୁବ୍ ବେଶୀ । ଦୁଃଖ କଷ୍ଟ ଝଡ଼ ତୋଫାନ ଭିତରେ ଜୀବନ ପୁଣି ନୂଆ କରି ହସି ଉଠେ ମାଲ...ସବୁ ଦୁଃଖ ଦୁର୍ବଳତା ମନରୁ ପୋଛି ଦେଇ ସାହସ ବାନ୍ଧ । ସୁରକ୍ଷିତ ପଦାରୁ ଡାକିଲେ, ଡେରି ହେଲା ତଅଁଳ ଆସ ବାପୁ, ନୂଆବୋଉ ହାତଧରି ମିନତିଭରା ଗଳାରେ କହିଲେ, ଚାଲ...ପଦକୁ ଗୀତ ବନାଇଲି । ନୂଆବୋଉଙ୍କ ବେଦନା ମଳିନ ମୁହଁ ଉପରେ ଫୁଟିକି ଉଠିଲା ହସର ଶାନ୍ତ ଛବି ପରି କ୍ଷୀଣ ମଧୁର ହସ ।

❀ ଶେଷ ପଢନ୍ତୁ ❀

http://oaob.nitrkl.ac.in

\+ + +

ଶର ପରଶତର ଗାଁ ମାଟିକୁ ଫେରି ଆସିଲି । ଆଜ ମୁଁ ଜମିଦାର ଚୌଧୁରୀ ବଂଶର ବୋହୂ । ନୂଆବୋଉ ମୋର ଯା । ଶାଶୁ, ଶଶୁର, ଯା ସମସ୍ତେ ଆଜ ମୋତେ ଭଲ ପାଉଚନ୍ତି । କିନ୍ତୁ ତାଙ୍କ ଏତେ ଆନନ୍ଦ ଭିତରେ ବି ମୁଁ ଜୀବନରେ ଟିକିଏ ଶାନ୍ତି ପାଇ ପାରିଲି ନାହିଁ । ସବୁବେଳେ ତା'ର ଅଭାବ ହାଡ଼େ ହାଡ଼େ ଅନୁଭବ କଲି । ଆଖିରୁ ତଇ ଲୁହରେ ମନର ଦରଣ ଟିକିଏ ବି କମିଲା ନାହିଁ ।

ଝିଅଣୀର ଭାଗ୍ୟ ଆଜ ଫେରିଛି । ପୁଣି ତା ସ୍ୱାମୀ ତାକୁ ପାଖକୁ ଟାଣି ନେଇଛି । କାଲି ସକାଳେ ସେ ହେବ ଗୋଟିକର ମା । କିନ୍ତୁ ମୁଁ··· ଛମ୍ମା ଜୀବନର ଭଗାଣି ଦେଇ ମୋତେ ଭସାଇ ଦେଇଛି ଦୁଃଖର ଅଥଳ ଦରିଆକୁ । କୂଳ ପାଇବା ଆଉ ଆଶା ନାହିଁ । ପ୍ରାଣ ଡ଼କଣା ଜୀବନଟା ହଜିଗଲେ ସବୁ ଜଞ୍ଜାଳରୁ ଛୁଟି । ଏପା କେତେ ବୁଝାନ୍ତି —ବୋଉଅଛିରେ ମନ ମାନେନାଁ ।

\+ + +

ସମସ୍ତଙ୍କ ସୁଖ ଚାଲିଯାଇଛି ।

ଆଜ ମୋ ପୁଅର ଏକୋଇଶା । ଚୌଧୁରୀ ବଂଶର କୁଳର ପ୍ରଦୀପ ହସି ଉଠିଛି । ସେଇଥିପାଇଁ ଗୃହଅଙ୍ଗେ ଭୟଙ୍କର ଧୁମ ଲାଗିଛି । ଯା, ଶାଶୁ, ଶଶୁରଙ୍କର ଗୋଡ ତଳେ ଲାଗୁନାହିଁ । ଆନନ୍ଦକୁ ଗାଁ ସାରା ମୁଖରିତ କରି ବାଜା ବାଜୁଛି । ଖାଇବା ପିଇବାର ଧୁମ ଢ଼ିଛି

http://oaob.nitrkl.ac.in

ସମସ୍ତେ ମନ ଖୋଲି ହସ ହସୁଛନ୍ତି । ମୁଁ କିନ୍ତୁ ହସି ପାରୁନାହିଁ । ଅତୀତ ଆସି ଆଖି ଆଗରେ ଅଲଅ ଜାଳୁଛି । ଜୀବନର ଆରମ୍ଭରୁ ଶେଷଯାଏ ସ୍ମୃତି ଗୁଡ଼ା ସବୁ ଦେଖାଯାଉଛି ସ୍ପଷ୍ଟ ହୋଇ । ତାଙ୍କର ସ୍ମୃତି ଗୁଡ଼ା ମୋ ମନକୁ ଖାଲି ବିଚଳିତ କରି ପକାଉଛି । ଶୋଇ ଶେଯର ତକିଆ ଉପରେ ମୁହଁ ମାଡ଼ି ବହେ କାନ୍ଦିଲି । ମନକୁ ମନ କହିଲି, ହେ ଦେବତା ମୋତେ ତାଙ୍କର ବାଟରେ ନେଇ ଯାଅ—। ଆଉ କାହିଁକି ମୋତେ ଦୁନିଆର ପ୍ରବଞ୍ଚନା ଭିତରେ ବୁଡ଼ାଇ ରଖୁଛ । ତାଙ୍କରି ପରି ମୋ ଜୀବନକୁ କାଳି ପୋଛି ପାଉଁଶ କରି ସୁନ୍ଦର କରି ଦିଅ—ଏହାହିଁ ମୋର କାମନା—ଏହାହିଁ ମୋର ଶାନ୍ତି ।

ଅଣି ... ନ୍ଦନର ନୂଆବୋଉ, ଆଜିର ଅପା ।

କାନ୍ଦୁଛ ମାଳ ।

ହଁ ଅପା, ଆଜ ଆଉ ନିଜକୁ [illegible] ପାରୁନି ।
ଠାକୁରଙ୍କୁ ଡାକୁଛି ମୋତେ କମିତ ଏଥିରୁ ତାଙ୍କରି ବାଟରେ ନେଇ ଯାଆନ୍ତୁ । ଯାଙ୍କ ପାଇଁ ମରୁ ମରୁ ବଞ୍ଚିଥିଲି—ସେ ଆଜି ତମର କୋଳରେ ଅପା । ତମେ ତାଙ୍କୁ ସ୍ନେହ ଦେଇ ମଣିଷ କର । ମତେ ଏଥିରୁ ଛୁଟି ଦିଅ । ମୁଁ ଟିକିଏ ମନଭରି କାନ୍ଦେ ।

ଛି ମାଳ, ସୁନା ଭଉଣୀଟା ପରି · · ଆଜି ପରି ଦିନରେ କାନ୍ଦନ୍ତି ?

ସେ ମୋ ଆଖିରୁ ଲୁହ ପୋଛିଦେଲେ ।

❀ ଶହେ ଉଶେଭଣ ❀

http://oaob.nitrkl.ac.in

✱ ମନର ଓଟରେ ଆଶା ✱

ଅନାଭଙ୍କ ଠାକ ଅଗିରେ ବୁଲନ୍ତି ଲକ୍ଷ ଧାଡି ଗଣ୍ଡ ଅସିର ମୋର ବେଦନାର ସମଭୂମି ହେଉ······

ଭରତା ଭବନ
କଟକ

ଶୁକଦେବ ସାହୁ

ସମାପ୍ତ

http://oaob.nitrkl.ac.in

ଅନେକ ଓ ଅନେକଙ୍କ ଜୀବନେ,
ନେଇ ଯେତେ ଆଶା ଯେତେ
ଛଡ଼ିଲ ଦାଣ ଓ ଦାଦିଆ
ରେ ସ୍ୱପ୍ନ ଭେଙ୍ଗାଲି ଏହି ସ୍ୱ
ହୃଦୟ— ସେହିକ ସେତେ
ଧାର "ଧନର ଯେତେ
ଆଶା"ର ପରିକଳ୍ପନା ।

ଧନର କଳ୍ପିତ ଆଶା ଯେବେ ବାସ୍ତବର ରୂପ ନିଏନା—ସେତେବେଳେ ସ୍ୱପ୍ନର ଦୁର୍ଗନ୍ଧ ଏକ ଧୂଳିର ଧରଣୀ । ସେତେବେଳେ ସୁ-ଖ ପରସ୍ପର ସାନ୍ତ୍ୱନା । ଏହି ଜୀବନର ଅନନ୍ତ ଉତ୍ସବ କି ସୃଷ୍ଟି ପରିଚୟ କଂଗ୍ରେସ ଭଲନ୍ତା ଝଞ୍ଜାବାତ ପ୍ରଣୟ ।

କିନ୍ତୁ ପରିଣାମ ଆଶା ସ୍ୱପ୍ନର ସମ୍ଭବ । ସମାଜର [illegible] ଜୀବନ ଶୃଙ୍ଖଳ, ଧନର ଅଭିଳାଷୀ ସହିତ [illegible] ଜାଣିଶୁଣି ଦିଏ । ଧନ ଲୁଟେ ଅଛି ବାଟ [illegible] ଆଶା ଜାଗନ୍ତି—ଶାନ୍ତି । ସୃଷ୍ଟି ନୂତନକୁ [illegible] । ସମସ୍ତ ସ୍ତ୍ରୀଲୋକର ପଦ ନିଜକୁ ଭଗାଇ [illegible] ଆଶାର ଧନ [illegible] ଅଶ୍ରୁ ଆଶିରେ ଲକ୍ଷ୍ମୀ [illegible] ଝଞ୍ଜା ଲୁହ—ଦୁଃଖ ଦାରିଦ୍ର୍ୟ [illegible] ଅନୁଭବ ଆଦେନ । 'ଧନର ଯେତେ ଆଶା' ରଚିତ ହେଲା । ସଫଳ ଜୀବନର ଚାହୁଁ ଅଛିଥିବା ଆଖି ଲୋଭର ଲୋଭ ସ ଯାଇଁଥିଏ । ଏହି ଧାର ହେଲେ ହେବେ ହୃଦୟର ଜନ୍ମଭୂମି ଦେଖା ଦିଏ—ଏକ ଲୋଭ ଡୁବିଲା ମନଟାକୁ ଜାଗ୍ରତ ଧରି ଆଶାର ଲୁହ ଝରାଇବାକୁ ଲଗିଛି ।

ଭଣିତା ଭବନ, କଟକ

ତା ୧୫ । ୨ । ୫୦

ଶୁକଦେବ ସାହୁ

ପ୍ରକାଶକ—ପ୍ରକାଶ ବୁକ୍ ଷ୍ଟୋର, କଟକ-୩

http://oaob.nitrkl.ac.in